୬ ଆଇସିସି ର୍‍ୟାଙ୍କିଂ : ବିଶ୍ୱର ନଂ-୧ ବ୍ୟାଟ୍ସମ୍ୟାନ୍ ହେଲେ ଶୁବମନ ଗିଲ୍





ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008





୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00

● ବର୍ଷ–୩୨ ● ସଂଖ୍ୟା–୧୯ ● ୧୪ ଫେବୃଆରୀ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-19 ● 14th February 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେଲା ବଜେଟ୍ ଅଧିବେଶନ

# ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ

ଭୁବନେଶ୍ୱର, ୧୩।୨
ନ୍ୟୁଜ୍ ବ୍ୟୁରୋ

ଗୁରୁବାର ସ୍ୱାଭାବିକ ବାତାବରଣ ମଧ୍ୟରେ ଆରମ୍ଭ ହୋଇଛି ସପ୍ତଦଶ ଓଡ଼ିଶା ବିଧାନସଭାର ତୃତୀୟ ତଥା ବଜେଟ୍ ଅଧିବେଶନ। ପୂର୍ବାହ୍ନ ୧୧ ଘଟିକା ସମୟରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ବିଧାନସଭା କକ୍ଷରେ ପ୍ରବେଶ କରିବା ସହ 'ଜୟଜଗନ୍ନାଥ' ସମ୍ବୋଧନରୁ ଅଭିଭାଷଣ ଆରମ୍ଭ କରିଥିଲେ । ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ବିଭିନ୍ନ ଯୋଜନା କାର୍ଯ୍ୟକ୍ରମ ବାବଦରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହ ରାଜ୍ୟବାସୀଙ୍କ ପାଇଁ ନୂଆ ସରକାରଙ୍କ ଆଭିମୁଖ୍ୟ ଓ ଭବିଷ୍ୟତ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ରାଜ୍ୟପାଳ ତାଙ୍କ ଅଭିଭାଷଣରେ ଆଲୋକପାତ କରିଥିଲେ । ଅଭିଭାଷଣରେ କହିଥିଲେ ଅତ୍ୟାବଶ୍ୟକ ସେବା ଯୋଗାଇବା, ଜୀବିକା ସୁଯୋଗ ସୃଷ୍ଟି କରିବା ଏବଂ ପ୍ରମୁଖ ଭିତ୍ତିଭୂମିର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣକୁ ପ୍ରାଥମିକତା ଦେଇ ରାଜ୍ୟର ସମସ୍ତ ଅଞ୍ଚଳରେ ସମାନ ଅଭିବୃଦ୍ଧି ସୁନିଶ୍ଚିତ କରିବାକୁ ପ୍ରୟାସ କରାଯାଉଛି । ସରକାର ପ୍ରଗତି ଓ ସମୃଦ୍ଧି ଦିଗରେ ଯାତ୍ରାରେ କାହାକୁ ପଛରେ ନପକାଇ ଓଡ଼ିଶାର ସାମଗ୍ରୀକ ବିକାଶ ଏବଂ ଏହାର ସମସ୍ତ ବର୍ଗର ଲୋକଙ୍କ ସଶକ୍ତିକରଣ ପାଇଁ ଦୃଢଭାବେ ସମର୍ପିତ ହେବେ ବୋଲି ରାଜ୍ୟପାଳ ସ୍ପଷ୍ଟ ଶବ୍ଦରେ ଦୋହରାଇ ଥିଲେ। ସେ କହିଥିଲେ ଯେ, ଆସନ୍ତା ଦୁଇ ବର୍ଷରେ ବୟନଶିଳ୍ପ କ୍ଷେତ୍ରରେ ୫୦ ହଜାର ନିଯୁକ୍ତି ଏବଂ ଆସନ୍ତା ୫ ବର୍ଷ ମଧ୍ୟରେ ଆଇ.ଟି. / ଆଇ.ଟି.ଇ.ଏସ୍.ରେ ୫୦ ହଜାର ନିଯୁକ୍ତି ସୃଷ୍ଟି ପାଇଁ ସରକାର ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିସହିତ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୧.୫ଲକ୍ଷ ସରକାରୀ ଚାକିରି ପୂରଣ କରାଯିବ ଏବଂ ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ହେବ । ୨୦୨୪-୨୫ରେ ୨୪ହଜାରରୁ ଅଧିକ ସରକାରୀ ପଦବୀ ପୂରଣ ହୋଇସାରିଛି । ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧିନରେ ଲକ୍ଷପତି ଦିଦି ଅଭିଯାନରେ ୧ଲକ୍ଷ ଟଙ୍କା ରୋଜଗାର କରିବାରେ ସ୍ୱୟଂସହାୟକ ଗୋଷ୍ଠି ସଦସ୍ୟମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସରକାର ୨୦୨୭ ସୁଦ୍ଧା ୨୫ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ସଶକ୍ତ କରିବାକୁ ଯୋଜନା କରିଛନ୍ତି । ୨୪-୨୫ ଆର୍ଥିକ ବର୍ଷରେ ୧୦ଲକ୍ଷ ମହିଳାଙ୍କୁ ଏହି ସ୍ତରର ଆୟ ହାସଲ୍ ପାଇଁ ତାଲିମ୍ ଦିଆଯିବ । ସେହିପରି ପର୍ଯ୍ୟଟନ ଅର୍ଥନୈତିକ ଅଭିବୃଦ୍ଧିର ଏକ ପ୍ରମୁଖ ବାହକ ହୋଇଥିବାରୁ ଏହାର ବ୍ୟାପକ ବିକାଶ ପାଇଁ ପଦକ୍ଷେପ ନିଆଯିବ । ଓଡ଼ିଆ ଅସ୍ମିତାର ପୁନରୁଦ୍ଧାର କ୍ଷେତ୍ରରେ ନିର୍ଦ୍ଦିଷ୍ଟ ପଦକ୍ଷେପ ପାଇଁ ସରକାର ୨୦୦ କୋଟି ଟଙ୍କାର ପ୍ରାରମ୍ଭିକ କର୍ପସ୍ ପାଣ୍ଠି ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସେହିପରି ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ୫୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ ଦିଗରେ ସରକାରଙ୍କ ଆନ୍ତରିକ ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି । (ପୃଷ୍ଠା ୭ରେ)

### ଆସନ୍ତା ୫ ବର୍ଷରେ ୧.୫ ଲକ୍ଷ ସରକାରୀ ଚାକିରି ପୂରଣ କରାଯିବ



### ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ୨ ପୂର୍ବତନ ବିଧାୟକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୩।୨
ନ୍ୟୁଜ୍ ବ୍ୟୁରୋ

ଗୁରୁବାର ବିଧାନସଭାରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଡ. ମନମୋହନ ସିଂ ଏବଂ ବିଧାନସଭାର ୨ ପୂର୍ବତନ ସଦସ୍ୟ ସ୍ୱର୍ଗତଃ ବିଜୟ କୁମାର ମହାନ୍ତି ଓ ସ୍ୱର୍ଗତଃ ସଦନ ନାୟକଙ୍କ ବିୟୋଗରେ ଶୋକ ପ୍ରସ୍ତାବ ଆଗତ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବଜେଟ୍ ଅଧିବେଶନ ଆରମ୍ଭରେ ରାଜ୍ୟପାଳଙ୍କ ଅଭିଭାଷଣ ପରେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ଦୁଇ ପୂର୍ବତନ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରି ସେମାନଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ୍ ବିଧାୟକ ଦଳ ନେତା ଲକ୍ଷ୍ମଣ ମୁଣ୍ଡା ଏବଂ ଶେଷରେ ବାଚସ୍ପତି ସୁରମା ପାଢୀ ସମର୍ଥନ ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହା ପରେ ଗୃହରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। (ପୃଷ୍ଠା ୭ରେ)

## ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ




ନୂଆଦିଲ୍ଲୀ, ୧୩।୨

ହିଂସା କବଳିତ ମଣିପୁରରେ ଗୁରୁବାର ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି। ଏ ନେଇ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରୀ ହୋଇଛି। ଗତ ୯ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଏନ ବୀରେନ ସିଂହ ଇସ୍ତଫା ଦେବା ପରଠାରୁ କିଏ ନେତା ହେବେ ସେ ନେଇ ଛକାପଞ୍ଝା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ପାଇଁ ନୂଆ ନେତାଙ୍କୁ ମନୋନୀତ କରିବାରେ ବିଜେପି ବିଫଳ ହୋଇଥିବାରୁ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଛି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଣିପୁରର ରାଜ୍ୟପାଳଙ୍କଠାରୁ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ରିପୋର୍ଟ ପାଇବା ପରେ ତାହା ଉପରେ ବିଚାର ବିମର୍ଶ କରିଥିଲେ ଓ ସେଠାରେ ସାମ୍ବିଧାନିକ ବିଧି ବ୍ୟବସ୍ଥା ଅନୁଯାୟୀ ସରକାର ଚଳାଇବା ସମ୍ଭବ ନ ହେବା ବିଷୟକୁ ବିଚାରକୁ ନେଇ ରାଷ୍ଟ୍ରପତି ଶାସନ ପାଇଁ ସୁପାରିସ କରିଥିଲେ। ବିଜେପିର ଉତ୍ତର-ପୂର୍ବ ପ୍ରଭାରୀ (ପୃଷ୍ଠା ୭ରେ)

## ବେଆଇନ୍ ପ୍ରବାସୀଙ୍କୁ ନେଇ ଆମେରିକାରୁ ଆସିବ ୨ୟ ବିମାନ

ନୂଆଦିଲ୍ଲୀ, ୧୩।୨

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ଦୁଇ ଦିନିଆ ୱାଶିଂଟନ ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏସବୁ ଭିତରେ ଆମେରିକାରେ ରହୁଥିବା ବେଆଇନ ଭାରତୀୟ ପ୍ରବାସୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ଫେବୃଆରୀ ୧୬ କିମ୍ବା ୧୭ ତାରିଖରେ ଦ୍ୱିତୀୟ ବ୍ୟାଚ ବେଆଇନ ଭାରତୀୟଙ୍କୁ ଭାରତ ଫେରାଇ ଦିଆଯିବ ବୋଲି ସୂଚନା ମିଳିଛି।

ଏହା ପୂର୍ବରୁ ବେଆଇନ ପ୍ରବାସୀଙ୍କୁ ନେଇ ପ୍ରଥମ ବିମାନ ଗତ ୫ ତାରିଖରେ ଆମେରିକାରୁ ଆସି ଭାରତର ଅମୃତସରରେ ଓହ୍ଲାଇଥିଲା । ଏହି ବିମାନରେ ୧୦୪ ଜଣ ପ୍ରବାସୀ ଥିଲେ । ତେବେ ଏହି ବିମାନରେ ଆସିଥିବା ବେଆଇନ ପ୍ରବାସୀମାନଙ୍କ ହାତରେ ହାତକଡ଼ି ପକାଇ ଅତ୍ୟନ୍ତ ଅମାନବୀୟ ଭାବେ ଭାରତ ଅଣାଯାଇଥିବା ଅଭିଯୋଗ ହୋଇଥିଲା । କିନ୍ତୁ ଏହାକୁ ନେଇ ବିରୋଧୀ ଦଳମାନେ ସରକାରଙ୍କୁ ଟାର୍ଗେଟ କରିଥିଲେ। ଏବେ ପୁଣି ଥରେ ବିମାନ ଆସୁଥିବାରୁ, ତାହା ପୁଣି ମୋଦି ଆମେରିକାରେ ଥିବା ସମୟରେ ସରକାରଙ୍କ ଚିନ୍ତା ବଢିଯାଇଛି ।

## ଦଲାଇଲାମା ଏବଂ ସମ୍ବିତ ପାତ୍ରଙ୍କୁ ଜେଡ୍ ସୁରକ୍ଷା



ନୂଆଦିଲ୍ଲୀ, ୧୩।୨

କେନ୍ଦ୍ର ସରକାରଙ୍କ ପକ୍ଷରୁ ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ଏବଂ ପୁରୀ ସାଂସଦ ସମ୍ବିତ ପାତ୍ରଙ୍କୁ ଜେଡ ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଇଛି। କେନ୍ଦ୍ର ସରକାର ଉଭୟଙ୍କୁ ଜେଡ ଶ୍ରେଣୀ ସିଆରପିଏଫ ସୁରକ୍ଷା ପ୍ରଦାନ କରିଛନ୍ତି। ପୁରୀ ସାଂସଦ ସମ୍ବିତ ପାତ୍ର ଏବେ ମଣିପୁର ପ୍ରଭାରୀ ଦାୟିତ୍ୱରେ ଅଛନ୍ତି।


TATA MOTORS
Light Commercial Vehicles Dealers
24 hours help line :
Sales : 7873770000


## ଲୋକସଭାରେ ଆୟକର ବିଧେୟକ-୨୦୨୫ ଆଗତ କଲେ ଅର୍ଥମନ୍ତ୍ରୀ

ନୂଆଦିଲ୍ଲୀ, ୧୩।୨

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୁରୁବାର ଲୋକସଭାରେ ବହୁପ୍ରତୀକ୍ଷିତ ନୂଆ ଆୟକର ବିଧେୟକ-୨୦୨୫ ଉପସ୍ଥାପିତ କରିଛନ୍ତି । ନୂଆ ଆୟକର ବିଧେୟକକୁ ସିଲେକ୍ଟ କମିଟି ନିକଟକୁ ପଠାଇ ଦିଆଯାଇଛି। ଏହାସହିତ ଲୋକସଭାର କାର୍ଯ୍ୟ ମାର୍ଚ୍ଚ ୧୦ ଯାଏ ସ୍ଥଗିତ ରଖାଯାଇଛି ।

କେନ୍ଦ୍ର ଅର୍ଥମନ୍ତ୍ରୀ ସୀତାରମଣ ଲୋକସଭାରେ ନୂତନ ଆୟକର ବିଧେୟକ-୨୦୨୫ ଉପସ୍ଥାପିତ କରିବା ସମୟରେ କହିଛନ୍ତି, ଆମେ (ପୃଷ୍ଠା ୭ରେ)



## ଆମେରିକାରେ ପହଞ୍ଚିଲେ ପିଏମ୍ ମୋଦି : ୱାଶିଂଟନରେ ଜୋରଦାର ସ୍ୱାଗତ

ୱାଶିଂଟନ, ୧୩।୨

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସ ଗସ୍ତ ପୂରଣ କରି ଆମେରିକା ରାଜଧାନୀ ୱାଶିଂଟନ ଡିସିରେ ପହଞ୍ଚିଛନ୍ତି । ଏୟାରପୋର୍ଟରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ଭାରତୀୟ ସମୟ ସକାଳ ୫.୩୨ରେ ଏକ୍ସ ହ୍ୟାଣ୍ଡେଲରେ ପ୍ରଧାନମନ୍ତ୍ରୀ ଲେଖିଛନ୍ତି ଯେ, କିଛି ସମୟ ପୂର୍ବରୁ ମୁଁ ୱାଶିଂଟନ ଡିସିରେ ଓହ୍ଲାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାକୁ ଓ ଭାରତ-ଆମେରିକା ବ୍ୟାପକ ବୈଶ୍ୱିକ ରଣନୈତିକ ବୁଝାମଣାକୁ ଆଗକୁ ବଢାଇବା ପାଇଁ ଆଗ୍ରହୀ । (ପୃଷ୍ଠା ୭ରେ)



## ରେମୁଣା ତହସିଲଦାର ଗିରଫ : ଆୟ ଠାରୁ ୨୦୨୪% ଅଧିକ ସମ୍ପତ୍ତି ଠାବ

ଭୁବନେଶ୍ୱର, ୧୩।୨
ନ୍ୟୁଜ୍ ବ୍ୟୁରୋ

ଆୟବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାଲେଶ୍ୱର ଜିଲ୍ଲା ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କୁ ଭିଜିଲାନ୍ସ ଗିରଫ କରିଛି। ବିଦ୍ୟାଧର ପତିଙ୍କ ଘର, କାର୍ଯ୍ୟାଳୟ ସମେତ ଏକକାଳୀନ ୭ଟି ସ୍ଥାନରେ ଭିଜିଲାନ୍ସ ଚଢଉ କରିଛି । ତାଙ୍କ ନାଁରେ କୋଟି କୋଟି ଟଙ୍କାର ପ୍ଲଟ ଓ ଫ୍ଲାଟ ଥିବା (ପୃଷ୍ଠା ୭ରେ)




## ବଜେଟ୍ ଅଧିବେଶନର ପ୍ରଥମ ଭାଗ ସମାପ୍ତ

ନୂଆଦିଲ୍ଲୀ, ୧୩।୨

ଲୋକସଭାରେ ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟ ଗୁରୁବାର ଶେଷ ହୋଇଛି ଏବଂ ଗୃହକୁ ମାର୍ଚ୍ଚ ୧୦ ଯାଏ ସ୍ଥଗିତ କରି ରଖାଯାଇଛି । ଲୋକସଭା ଅଧ୍ୟକ୍ଷ ଅଧିବେଶନର ପ୍ରଥମ ଭାଗକୁ ଉତ୍ପାଦକ କହିଛନ୍ତି ଏବଂ ସମସ୍ତଙ୍କ ଠାରୁ ଆଗକୁ ବି ସହଯୋଗ ଅପେକ୍ଷା କରିଛନ୍ତି । ପ୍ରଥମ ଭାଗର ଅନ୍ତିମ ଦିନରେ ଗୁରୁବାର



ଲୋକସଭାରେ ୱାକଫ ସଂଶୋଧନ ବିଧେୟକ ଉପରେ ଗଠିତ ଯୁଗ୍ମ ସଂସଦୀୟ କମିଟିର ରିପୋର୍ଟ ଉପସ୍ଥାପିତ ହୋଇଥିଲା । ଆୟକର ବିଧେୟକ ବି ଉପସ୍ଥାପିତ ହୋଇଥିଲା ।

ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲା କାର୍ଯ୍ୟକୁ ସମାପ୍ତ କରି ଗୃହକୁ ଅବଗତ କରାଇଛନ୍ତି ଯେ, ଏହି ଭାଗର ଉତ୍ପାଦକତା ୧୧୨ ପ୍ରତିଶତ ରହିଛି। ଗୃହ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ୧୭ ଘଣ୍ଟା ୨୩ ମିନିଟ୍ ସାର୍ଥକ ଚର୍ଚ୍ଚା କରିଛି। ଏହି ଚର୍ଚ୍ଚାରେ ୧୭୩ ସଦସ୍ୟମାନେ ଅଂଶ ନେଇଥିଲେ। ଏହି ଅବସରରେ କାର୍ଯ୍ୟ ବିଳମ୍ବିତ ରାତି ପର୍ଯ୍ୟନ୍ତ (ପୃଷ୍ଠା ୭ରେ)

## ଏକାଳ ପଖାଳ



ସଂସାରଟା ସାରା ଖବରଦାବର
ଏଇ ଟିକରେ ପଢ
ମୋଦି ଟ୍ରମ୍ପ ଭେଟାଭେଟି ହେଲା
ବୁଝାମଣା ବଡ ବଡ
ସେପଟେ ଋଷ-ୟୁକ୍ରେନ୍ ଯୁଦ୍ଧ ଝଡ
ଆୟକର ଆଇନ୍ ନୂଆ ହେବ
ସେପଟେ ଶଙ୍କ ଗଡ ଧଡଧଡ଼ ।

## ଦ୍ୱିତୀୟ ବିବାହ ସତ୍ତ୍ୱେ ମୃତ ପତ୍ନୀଙ୍କ ସନ୍ତାନ ଉପରେ ଅକ୍ଷୁର୍ଣ୍ଣ ରହିବ ପିତାଙ୍କ ଅଧିକାର



ନୂଆଦିଲ୍ଲୀ, ୧୩।୨

ପତ୍ନୀଙ୍କ ମୃତ୍ୟୁ ପରେ ଯଦି ଜଣେ ବ୍ୟକ୍ତି ଦ୍ୱିତୀୟ ବିବାହ କରନ୍ତି ତେବେ ପ୍ରଥମ ପତ୍ନୀଙ୍କ ଔରସରୁ ଜନ୍ମିତ ସନ୍ତାନଙ୍କ ଉପରେ ତାଙ୍କର ପୂର୍ଣ୍ଣ ଅଧିକାର ବଳବତ୍ତର ରହିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ବିଚାରପତି ବି.ଆର ଗଭାଇ ଓ କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ପିତାମାତା ହେଉଛନ୍ତି ସନ୍ତାନଙ୍କ ମୂଳ ଅଭିଭାବକ। ମା'ର ମୃତ୍ୟୁ ପରେ ପିତାଙ୍କୁ ଏକମାତ୍ର ଅଭିଭାବକ ଭାବେ ସନ୍ତାନଙ୍କ ଦାୟିତ୍ୱ ନିର୍ବାହ କରିବାକୁ ପଡିଥାଏ। ଦ୍ୱିତୀୟ ବିବାହ କ୍ଷେତ୍ରରେ ପିତାକୁ ତା'ର ଅଭିଭାବକ ଦାୟିତ୍ୱରୁ ବଞ୍ଚିତ କରାଯାଇପାରିବ ନାହିଁ । ଅଜା ଘର ଅପେକ୍ଷା ପିତା ହିଁ ସନ୍ତାନର ଉପଯୁକ୍ତ ଦାୟିତ୍ୱ ନିର୍ବାହ କରିପାରିବେ ବୋଲି ସୁପ୍ରିମକୋର୍ଟ ମତବ୍ୟକ୍ତ କରିଛନ୍ତି। ଏହି ପ୍ରସଙ୍ଗରେ ଆହ୍ଲାବାଦ ହାଇକୋର୍ଟ ଦେଇଥିବା ଏକ ରାୟକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ପତ୍ନୀଙ୍କ ମୃତ୍ୟୁ ପରେ ନାବାଳକ ସନ୍ତାନକୁ ତାର ଅଜା ଘର ଲୋକେ ନେଇ ଯାଇ ପାଖରେ ରଖୁଥିଲେ । ପିଲାଟି ସେଠାରେ ରହି ପାଠ ପଢିବା ସହିତ ଖୁସିରେ ରହୁଥିଲା। ଏହି ଅବସରରେ ପିଲାର ବାପା ଦ୍ୱିତୀୟ ବିବାହ କରିବା ପରେ ନିଜ ସନ୍ତାନକୁ ପାଖରେ ରଖିବା ଲାଗି ଦାବି କରିଥିଲା। ମାତ୍ର ଅଜା ଘର ଲୋକ ପିଲାକୁ ଛାଡି ନଥିଲେ। ଫଳରେ ପିତା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। (ପୃଷ୍ଠା ୭ରେ)

## ରାଜଧାନୀର ତାପମାତ୍ରା ୩୫ ଡିଗ୍ରୀ ପାର

ଭୁବନେଶ୍ୱର, ୧୩।୨
ନ୍ୟୁଜ୍ ବ୍ୟୁରୋ

ଏବେଠୁ କଲବଲ କଲାଣି ତାତି । ଜାଡ଼ ପରିବର୍ତ୍ତେ ସିଝାଇଲାଣି ଖରା। ତାତି ମାଘ ମାସରୁ ୩୭ ଡିଗ୍ରୀ ପାର କଲାଣି। ଆଗକୁ କ'ଣ ହେବ ରାଜ୍ୟର ସ୍ଥିତି। ମାଘ ମାସରେ କଲବଲ କରୁଛି ଖରା। ଶୀତ ବଦଳରେ ରେକର୍ଡ ପରେ ରେକର୍ଡ କରୁଛି ତାତି । ଯେଉଁ ସମୟରେ ପାରଦ ଖସିବା କଥା ସେତେବେଳେ ଖରାର ପରିମାଣ ବଢି ବଢି ଚାଲିଛି ।

ଆଉ ଏହାରି ଭିତରେ ଗୁରୁବାର ଭୁବନେଶ୍ୱରରେ ତାତି ୩୫ ଡିଗ୍ରୀ ଛୁଇଁଛି. ଯାହାକି ଚଳିତ ବର୍ଷର ସର୍ବାଧିକ ରେକର୍ଡ କରାଯାଇଛି। ଗୁରୁବାର ଦିନ ୨.୩୦ ସୁଦ୍ଧା ଭୁବନେଶ୍ୱରର ତାପମାତ୍ରା ୩୫ ଡିଗ୍ରୀ ରେକର୍ଡ କରାଯାଇଛି।



ଯେଉଁଥିରୁ ଅନୁମାନ କରାଯାଉଛି ଆଗକୁ ଖରା କି ପ୍ରକାର ତାଣ୍ଡବ କରିବ। ଘରୁ ବାହାରିବା ଅସମ୍ଭବ ପ୍ରାୟ ଲାଗୁଛି । କାରଣ ଯେତେବେଳେ ଶୀତ ସମୟରେ ଏତେ ଜୋରରେ ଟାଣ ଖରା ହେଉଛି ସେତେବେଳେ ଖରା ଦିନରେ ପରିସ୍ଥିତି (ପୃଷ୍ଠା ୭ରେ)





# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି : ୫୯ ଅଭିଯୋଗ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ସୁବର୍ଣ୍ଣପୁର ଅନନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୫୯ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୪୮ ଗୋଟି ଗ୍ରହଣ କରାଯାଇଥିବା ବେଳେ ୧୧ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଛି। ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଶିବିର ଅବସରରେ ଜିଲ୍ଲାପାଳ ଶ୍ରୀମତୀ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ପ୍ରଦତ୍ତ ବିବାହ ପ୍ରୋତ୍ସାହନ ସହାୟତା ଅର୍ଥରାଶି ପ୍ରତ୍ୟେକ ଦମ୍ପତିଙ୍କୁ ୨ଲକ୍ଷ ୫୦ ହଜାର ଟଙ୍କାର ଡେମୋ ଚେକ୍ ବୀରମହାରାଜପୁର ବ୍ଲକ ସଂଗ୍ରାମ ପୁରର ସୋମନାଥ ପ୍ରଧାନ ଓ ଆନନ୍ଦିନୀ ପ୍ରଧାନ, ଦୁହୁଲପାଲି ନିବାସୀ ବୀରେନ୍ଦ୍ର ପ୍ରଧାନ ଓ ଦୁବ ସାହୁ, ଚମ୍ପାମାଳ ଗ୍ରାମର ଆନନ୍ଦିନୀ ବାଘ ଓ ମନୋଜ କୁମାର ବୁଡ଼େକ ଏବଂ ସୁଜାତା ପଧାନ ଓ ଦିବ୍ୟାନ ସାହୁ ପ୍ରଭୃତି ଚାରି ଗୋଟି ଦିବ୍ୟାଙ୍ଗ ଦମ୍ପତିଙ୍କୁ ଡେମୋଚେକ୍ ପ୍ରଦାନ କରିଥିଲେ। ଏହି ପ୍ରୋତ୍ସାହନ ଅର୍ଥରାଶି ହିତାଧିକାରୀଙ୍କ ସମ୍ପୃକ୍ତ ବ୍ୟାଙ୍କ ସଞ୍ଚୟ ଖାତାକୁ ଅନଲାଇନ ପେମେଣ୍ଟ ଜରିଆରେ ପ୍ରଦାନ କରାଯାଇଛି।

ବିଡିଓ ବୀରମହାରାଜପୁର ରାଜୀବ ହାଁସଦାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମେହେରଙ୍କ ସମେତ ବ୍ଲକ ଅଧକ୍ଷା ଶାନ୍ତି ଲୁହା, ତହସିଲଦାର ବୀରମହାରାଜପୁର ପୁନମ ମହାପାତ୍ର, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

# ଆନିମିଆ ମୁକ୍ତ ଭାରତ ଅଭିଯାନରେ ଫକୀରମୋହନ ବିଶ୍ୱବିଦ୍ୟାଳୟ

**ବାଲେଶ୍ୱର, ନ୍ୟୁଜ୍**

ଭାରତକୁ ଏକ ରକ୍ତହୀନତାମୁକ୍ତ ଦେଶରେ ପରିଣତ କରିବା ପାଇଁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୦୧୮ରୁ 'ଆନିମିଆ ମୁକ୍ତ ଭାରତ' ଅଭିଯାନ ଜାରି ରହିଛି। ଏହି ଅଭିଯାନରେ ଯୋଡ଼ିହୋଇଛି ଫକୀର ମୋହନ ବିଶ୍ୱବିଦ୍ୟାଳୟ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବିଶ୍ୱବିଦ୍ୟାଳୟର ନୂଆପାଢୀ କ୍ୟାମ୍ପସରେ ଦୁଇ ଦିନିଆ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦ ଏବଂ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ସହଯୋଗରେ ଏହି ଶିବିର ଆୟୋଜିତ ହୋଇଛି। ଏହି ଶିବିରକୁ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟରକୁ ସମ୍ପୂର୍ଣ୍ଣ ରକ୍ତହୀନତାମୁକ୍ତ କରିବା ଏବଂ ରକ୍ତହୀନତାଜନିତ ଅନ୍ୟାନ୍ୟ ରୋଗ ଚିହ୍ନଟ କରି, ସେଗୁଡ଼ିକର ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ଏହି ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ରହିଛି। ରକ୍ତ ପରୀକ୍ଷା କରାଇବା ଲାଗି ବିଶ୍ୱବିଦ୍ୟାଳୟର ପ୍ରାୟ ୧୦୦୦ରୁ ଅଧିକ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ କର୍ମଚାରୀଗଣ ନିଜ ନାମ ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଏବଂ କୁଳସଚିବ କୁକୁମୀନା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାକ୍ତନ ଛାତ୍ର ସଂସଦ ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ, ସାଧାରଣ ସମ୍ପାଦକ ଡ଼କ୍ଟର ଦେବଦତ୍ତ ଦାସ, ଉପସଭାପତି ଡକ୍ଟର ମିନତୀ ମିଶ୍ର, ଯୁଗ୍ମ ସମ୍ପାଦକ ଡକ୍ଟର ଜଗନ୍ନାଥ ବେହେରା, କୋଷାଧ୍ୟକ୍ଷ ଦେବଦତ୍ତ ନାୟକଙ୍କ ସମେତ କାର୍ଯ୍ୟନିର୍ବାହୀ ସଦସ୍ୟ ସତଦଳ ଗିରି, ଗାୟତ୍ରୀ ଗୁହାରୟ, ଡ଼କ୍ଟର ସୁବର୍ଣ୍ଣ କେଶରୀ ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡକ୍ଟର ସୋମା ନନ୍ଦ ଏବଂ ସହକର୍ମଚାରୀମାନେ ଏଥିରେ ସହଯୋଗ କରୁଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଗତ ବର୍ଷ ବିଶ୍ୱବିଦ୍ୟାଳୟରେ ୧ ହଜାର ୪୭୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ୨୦୦ ଜଣଙ୍କୁ ରକ୍ତହୀନତାରେ ପୀଡ଼ିତ ଥିବା ଚିହ୍ନଟ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ଚିକିତ୍ସା କରାଯିବା ପରେ ସମସ୍ତେ ରକ୍ତହୀନତାମୁକ୍ତ ଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚୀତ କରାଯାଇଛି।

# ବନମାଳୀପୁଟ୍ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା

**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ନନ୍ଦପୁର ଥାନା ଅଧୀନସ୍ଥ ଲାମତପୁଟ ବ୍ଲକ୍‌ର ଦେବଗନ୍ଧନା ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ଆୟୋଜିତ ହୋଇ ଯାଇଛି କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା। ସିଆରସିସି ଅଜୟ କୁମାର ଖଣ୍ଡପାଣିଙ୍କ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଦେବଗନ୍ଧନା ସେବାଶ୍ରମ ବିଦ୍ୟାଳୟର ପ୍ରଧାନ ସେବିକା ମଣିମା ପାଙ୍ଗି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରଜ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ଏହି ଅବସରରେ ସଭାପତି ନିପୂଣ ଓଡ଼ିଶା ମେଳାର ଉଦ୍ଦେଶ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଏହି ନିପୂଣ ଓଡ଼ିଶା ମେଳାରେ ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ, ସୃଜନ ସିଳତା ଭଳି ଶୀର୍ଷକ ବିଶିଷ୍ଟ ବିଭିନ୍ନ ଷ୍ଟଲ ମଧ୍ୟମରେ ୧୨ଟି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାୟ ସମସ୍ତ ବିଦ୍ୟାଳୟ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଶିକ୍ଷଣୀୟ ସାମଗ୍ରୀ କାର୍ଯ୍ୟକ୍ରମର ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା।

# କଳାଗୁଡ଼ା ଜଙ୍ଗଲରେ ମିଳିତ ଅବକାରୀ ଚଢ଼ଉ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ କଳାଗୁଡ଼ା ଜଙ୍ଗଲରେ ଅବକାରୀ ବିଭାଗ ଓ ସଦର ପୋଲିସର ମିଳିତ ଚଢଉ ହୋଇଛି। ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢଉ କରାଯାଇଛି। ଚଢଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିବା ସହ ୧ ହଜାର ଲିଟର ପୋଚ ଓ ୪୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି। ଜିଲା ଫ୍ଲାଇଙ୍ଗ ସ୍କ୍ୱାଡ୍ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ, ଅବକାରୀ ଥାନା ସହ ଜୟପୁର ସଦର ପୋଲିସର ମିଳିତ ଚଢଉ କରା ଯାଇଛି। ମଦ ରନ୍ଧା ସରଞ୍ଜାମ ଡ୍ରମ୍ ଆଦିକୁ ଜବତ କରାଯାଇଛି। ଚଢ଼ଉରେ ଫ୍ଲାଇଙ୍ଗ ସ୍କ୍ୱାଡ୍‌ର ନିରୀକ୍ଷକ ଚନ୍ଦ୍ର ଶେଖର ପଡିଆରି, ଅବକାରୀ ନିରୀକ୍ଷକ ଶଶି କାନ୍ତ ଦତ, ଅବକାରୀ ଓଆଇସି ହିରଣ ସୁବ୍ରତ ଚଢଉ କରିଥିଲେ। ଏହି ଚଢଉ ଅପରାହ୍ନ ୨ଟାରେ ଶେଷ ହୋଇଥିଲା।

# ଜାମୁଟଝୁଲା ଆଦିବାସୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ଆଦିବାସୀ ଉଚ୍ଚ ବିଦ୍ୟାଳୟ ଜାମୁଟ ଝୁଲା ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ସହ ବରିଷ୍ଠ ବିଜେପି ନେତା ଶିବାଜି ମହାନ୍ତି ଯୋଗ ଦେଇଥିଲେ।

# ନିଖିଳ ଉତ୍କଳ କୈବର୍ତ୍ତ ସମାଜର ସାଧାରଣ ସଭା



**ରାଉରକେଲା, ନ୍ୟୁଜ୍‌ବ୍ୟୁରୋ**

ସେକ୍ଟର ୧୭ ମଧୁସୂଦନ ବିଦ୍ୟାଳୟ ଠାରେ ନିଖିଳ ଉତ୍କଳ କୈବର୍ତ୍ତ ସମାଜର ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସମାଜର ସଭାପତି ଜଗନ୍ନାଥ ବେହେରା ସଭାପତିତ୍ୱ କରି ପ୍ରାରମ୍ଭରେ ସ୍ୱାଗତ ଭାଷଣରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ସମାଜର ସାଧାରଣ ସମ୍ପାଦକ ଭ୍ରମର ବର ବେହେରା ଆଗାମୀ ଚୈତ୍ର ଉତ୍ସବ ତଥା ୨୫ତମ ସମ୍ମିଳନୀ ତଥା ରୌପ୍ୟଜୟନ୍ତୀ ଉପଲକ୍ଷେ ସମସ୍ତଙ୍କୁ ଅବଗତ କରାଇଥିଲେ। ସମାଜର ପୂର୍ବତନ ସଭାପତି ତଥା ଉପଦେଷ୍ଟା ଅର୍ଜୁନ ଚରଣ ସାହୁ ଦିନବେଳା ପାଳନ କରିବାକୁ ପ୍ରସ୍ତାବ ରଖିଥିଲେ। କାର୍ଯ୍ୟକାରୀ ସଭାପତି ନଟବର ବେହେରା ରାଜ୍ୟର ବିଶିଷ୍ଟ ବ୍ୟକ୍ତି ସମେତ ପ୍ରତିଜିଲ୍ଲାରେ କୈବର୍ତ୍ତ ସମାଜରୁ ପ୍ରତିନିଧି କରୁଥିବା ବ୍ୟକ୍ତିଙ୍କୁ ଉକ୍ତ ସମ୍ମିଳନୀରେ ଯୋଗଦେବାକୁ ଆମନ୍ତ୍ରଣ କରିବାପାଇଁ ପ୍ରସ୍ତାବ ଦେଇଥିଲେ। ଉପସଭାପତି ଗୋପବନ୍ଧୁ ତରାଇ ନିଜ ବକ୍ତ୍ୟବରେ କହିଥିଲେ ରାଉରକେଲା ତଥା ଏହାର ଆଖପାଖ ଅଞ୍ଚଳରେ ବାସ କରୁଥିବା କୈବର୍ତ୍ତ ପରିବାରକୁ ଡାକିବା ଉଚିତ। ସଂଗଠନ ସମ୍ପାଦକ ହରେକୃଷ୍ଣ ବେହେରା ନିଜ ଭାଷଣରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମାଜର ପରମ୍ପରା ନାଚ ଘୋଡ଼ାନାଚ ରଖାଯାଉ। ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ନାଥ ବେହେରା କହିଥିଲେ କୋର୍ କମିଟିର ଦାୟିତ୍ୱ ବଣ୍ଟନ କରାଯାଉ। ଅନ୍ୟମାନଙ୍କ ମଧ୍ୟରେ ଅର୍ଜୁନ ଚରଣ ବେହେରା ଓ ବିଜୟ ବେହେରା ଭାଷଣ ଦେଇଥିଲେ। ସର୍ବସମ୍ମତି କ୍ରମେ ସମସ୍ତ ପ୍ରସ୍ତାବ ପାରିତ କରାଯାଇଥିଲା। ଆସନ୍ତା ଆପଣ ଏପ୍ରିଲ ମାସ ୧୩ ତାରିଖ ରବିବାର ଦିବା ୧୦ ଘଟିକା ସମୟରେ ଭଞ୍ଜଭବନ ଠାରେ ପାଳନ କରିବାକୁ ସ୍ଥିର କରାଗଲା। ପବିତ୍ର ମୋହନ ବେହେରା ଧନ୍ୟବାଦ ପ୍ରସ୍ତାବ ରଖିଥିଲେ।

# ମାର୍ଚ୍ଚ ୬ରୁ ମହିମା ଆଶ୍ରମ ଧ୍ୱନି ମନ୍ଦିର ପ୍ରତିଷ୍ଠା



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ସଦର ବ୍ଲକ ବଢ଼ିଗାଁ ଗ୍ରାମପଞ୍ଚାୟତ ବଲାସିଙ୍ଗା ମହିମାଧର୍ମର ଜ୍ଞାନପୀଠ ପବିତ୍ର ମହୁଲମୂଳ ମହିମା ଆଶ୍ରମରେ ଆସନ୍ତା ମାର୍ଚ୍ଚ ମାସ ୬ତାରିଖରୁ ୧୩ତାରିଖ ପର୍ଯ୍ୟନ୍ତ ନବନିର୍ମିତ ଭବ୍ୟ ମନ୍ଦିର ପ୍ରତିଷ୍ଠା ଅବସରରେ ନବଦିନ ବ୍ୟାପୀ ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ଜ୍ଞାନ ଯଜ୍ଞ, ନାମ ଯଜ୍ଞ, ମିନା ବଜ଼ାର ଇତ୍ୟାଦି କାର୍ଯ୍ୟକ୍ରମ ରହିଛି। ଏହି ବୈଠକରେ ଆଶ୍ରମର ସାଧୁ କୁଳଧର ଦାସ, ସାଧୁ କୃଷ୍ଣଚନ୍ଦ୍ର ଦାସ, ମହିମା ବିକାଶ ପରିଷଦ ସଭାପତି ବିଭୁତି ଭୂଷଣ ପ୍ରଧାନ, ସଦସ୍ୟ ଶିକ୍ଷାବିତ୍ ଶମ୍ଭୁ ଗିରି, ସାମାଜିକକର୍ମୀ ବିଶିକେଶନ ପ୍ରଧାନ, ଯଜ୍ଞ ପରିଚ଼ାଳନା କମିଟି ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ନାରାୟଣ ନଗର କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାରାୟଣ ନଗର କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା ଓ ଶିକ୍ଷଣ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ସନ୍ତୋଷ କୁମାର ଶତପଥିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଶ୍ରୀ ଶତପଥି ମେଳାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ସମ୍ମାନିତ ଅତିଥି ଭାବେ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ଏସଏମସି ସଭାପତି ସ୍ୱାଧୀନ କୁମାର ପ୍ରଧାନ, ପୂର୍ବତନ ବୌଦ୍ଧ ବ୍ଲକ୍ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ସମ୍ବାଦ ପ୍ରତିନିଧି ସୁଧାଂଶୁ ଶେଖର ମିଶ୍ର, ଏସଏମସି ସଭାପତି ବାସନ୍ତୀ ମେହେର, ପ୍ରଧାନ ଶିକ୍ଷୟିତ୍ରୀ ଅନନ୍ତି ଭୋଇ ଯୋଗ ଦେଇ ନିପୁଣ ଓଡ଼ିଶା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କରେ କହିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ୧୦ ବିଦ୍ୟାଳୟର ପ୍ରଥମରୁ ତୃତୀୟ ଶ୍ରେଣୀର ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଶେଷରେ ଛାତ୍ର ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟତ୍ରୀ ଏଫଏଲଏନ ଶିକ୍ଷକ ଓ ଗାଇଡ଼ ଶିକ୍ଷକ ସହଯୋଗ କରିଥିଲେ।

# ପ୍ରମୋଦ ନାଏକ ହତ୍ୟା ଘଟଣା ଦୁଇ ଅଭିଯୁକ୍ତ ଗିରଫ

**ମୁଖିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ଜୟପାଟଣା ଗାନ୍ଧିଗ୍ରାମପଡ଼ାର ପ୍ରମୋଦ ନାଏକ (୩୧)କୁ ହତ୍ୟା କରି ପୋଖରୀରେ ଫିଙ୍ଗି ଦେବା ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ ଜୟପାଟଣା ପୋଲିସ କୋର୍ଟ ଚାଲାଣ କରିଛି। ଦୁଇ ଅଭିଯୁକ୍ତ ହେଲେ ଜୟପାଟଣାର ବିଜେନ୍ଦ୍ର ସାହୁ ଓ ମହେଶ ଦାସ ଓରଫ ମଣ୍ଟୁ। ପୂର୍ବ ଶତ୍ରୁତା ନେଇ ଉକ୍ତ ହତ୍ୟାକାଣ୍ଡ ହୋଇ ଥିବା ବେଳେ ଏଥିରେ ଆଉ କିଏ କିଏ ସାମିଲ ଅଛନ୍ତି ତାହା ଆଗକୁ ଆହୁରି ତଦନ୍ତ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ପରିବାର ଲୋକେ ଉକ୍ତ ହତ୍ୟା ଘଟଣାରେ ଅଧିକ ଲୋକେ ସାମିଲ ଥିବା ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଗତ ୭ ତାରିଖ ରାତି ୮ଟାରୁ ପ୍ରମୋଦ ନିଖୋଜ ଥିବାବେଳେ ୮ ତାରିଖ ସକାଳୁ ଜୟପାଟଣା ଗୀତା ଭବନ ଚିର୍କା ଯିବା କେନାଲ ରାସ୍ତାରେ ଏକ ଖଳା ନିକଟରେ ଥିବା ପୋଖରୀରୁ ପ୍ରମୋଦର ମୃତଦେହ ମିଳିଥିଲା।

# ସମଲେଇଚୁଆଁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଲୋକନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ବିଭୁଦତ୍ତ ରାଜହଂସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ବିଦ୍ୟାଳୟର ଉନ୍ନତି ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀ ସମର୍ପିତ ହେବାକୁ ପ୍ରେରଣା ଦେଇଥିଲେ। ଶିକ୍ଷକ ଆଲୋକ ପଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ଶିକ୍ଷକ ନାରାୟଣ ମେହେର ବାର୍ଷିକ ବିବରଣୀ ପଠନ କରିଥିଲେ। ମୁଖ୍ୟବକ୍ତା ଭାବେ ଡୁଙ୍ଗୁରିପାଲି ମହାବିଦ୍ୟାଳୟର ରାଜନୀତିବିଜ୍ଞାନ ପ୍ରଧ୍ୟାପକ ସରୋଜ କୁମାର ଦାଶ ଯୋଗଦେଇ ଡିଜିଟାଲ ଗଣମାଧ୍ୟମ ଅପେକ୍ଷା ଖବର କାଗଜ ଓ ପୁସ୍ତକ ପଠନକୁ ଜୀବନର ବ୍ରତ କଲେ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଦିଗରେ ବିକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ। ଏସ୍‌ଏମ୍‌ସି ଅଧ୍ୟକ୍ଷ ହୁତାଶନ ସେଠୀ, ପଞ୍ଚସଖା ଶିକ୍ଷାସେତୁ ସଭାପତି ରାଧାକାନ୍ତ ଗଡ଼ତିଆ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆନନ୍ଦ ପଧାନ ଓ ଡିଲେ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ମନ ଯୋଗୀ ହୋଇ ପାଠ ପଢି ଉଜ୍ଜ୍ୱଳ ଭବିଷ୍ୟତ ଗଢିବାକୁ ପ୍ରେରଣା ଦେବା ସହ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନକରି ଉତ୍ସାହିତ କରିଥିଲେ। ଶିକ୍ଷକ ରବୀନ୍ଦ୍ରନାଥ ଭୋଇ, ହିମାଂଶୁ ସାହୁ, କେଶବ କୁଅଁର, ଶିକ୍ଷୟିତ୍ରୀ ସୀମା ସାହୁ, ଅମ୍ରିତା ନାଏକ, ପୂର୍ଣ୍ଣିମା ମେହେର, କର୍ମଚାରୀ ଅଭିଷେକ ମାଝୀ, ଧନପତି ଦୀପ, ମଧୁ ରାଜହଂସ, ବିପିନ ବଗର୍ତ୍ତି, ସ୍କାଉଟ ଗାଇଡ଼, ରେଡ଼କ୍ରସ ଓ ସମସ୍ତ ଛାତ୍ରଛାତ୍ରୀ ତଥା ଅଭିଭାବକ ସହଯୋଗ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାଇବା ସହ ଅତିଥିଙ୍କୁ ଫୁଲତୋଡ଼ା ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ପୂର୍ବ ସିଆରସିସି ତଥା ବରିଷ୍ଠ ଶିକ୍ଷକ ନାରାୟଣ ମେହେର ସଭା ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ଶୁଭଶ୍ରୀ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ଓ ଅଭିଭାବକ ଭାଗ ନେଇଥିଲେ। ଶିକ୍ଷକ ହ୍ୱାଲଦାର ଗଡ଼ତିଆଙ୍କ ମାର୍ଗ ଦର୍ଶନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା।

# ଆମ୍ବାଗୁଡ଼ାଠାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡ଼ା ଠାରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଓ ଜନ ଶୁଣାଣି ଶୁଣାଣି ଶିବିର ଦିନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଏବିଡିଓ ମନୋଜ ନାୟକ, ଏପିଓ ସନ୍ତୋଷୀ ମହାପାତ୍ର, ଅନ୍ୟ ଲାଇନର ବ୍ଲକ୍ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏଥିରେ ପଞ୍ଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀମାନେ ବିଭାଗର ଅଧିକାରୀମାନଙ୍କୁ ରାସ୍ତା ନିର୍ମାଣ, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟା ଆଦି ଅଭିଯୋଗ ଜଣାଇଥିଲେ। ଏହି ଶିବିର ଅପରାହନ ୨ଟା ୩୦ ମିନିଟ୍ ସମୟରେ ଶେଷ ହୋଇଥିଲା। ଏହା ସହ ଉପସ୍ଥିତ ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନାର ଲାଭ କିପରି ପାଇବେ ସେ ନେଇ ସଚେତନ କରିଥିଲେ।

# ୟୁରୋ କିଡ୍‌ସର ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନୂଆଗାଁ ୟୁରୋ କିଡ଼୍‌ସର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପିଲାଙ୍କୁ ଖେଳ ସହ ଶିକ୍ଷା ସେମାନଙ୍କ ଆନ୍ତର୍ନିହିତ ଗୁଣକୁ ବିକାଶ କରିବ। ଗୋଟିଏ ଶିଶୁଙ୍କୁ ମଣିଷ କରିବାରେ ଘରେ ଅଭିଭାବକ ଆଖପାଖ ପରିବେଶ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭୂମିକା ରହିଛି। ଉତ୍ତମ ପରିବେଶ ପିଲାଙ୍କୁ ଅଧିକ ଆଗକୁ ନେବ ବୋଲି ଅତିଥିମାନେ ମତ ପୋଷଣ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ଡ. ଚିନ୍ମୟନନ୍ଦ ବଡ଼ଜେନା, ସମ୍ମାନୀୟ ଅତିଥି ଭାବେ ଡ. ପଦ୍ମଜା ମିଶ୍ର ଯୋଗ ଦେଇଥିଲେ। ଏହି ଉତ୍ସବରେ ଅନ୍ୟତମ ଅତିଥିଭାବେ ସ୍ୱାତି ବିଶ୍ୱାଳ, ଅଖିଳ ପଳେଇ, କଳିଙ୍ଗ ବିହାର ୟୁରୋ କିଡ୍‌ସର ଅଧକ୍ଷା ଦିପ୍ ଶିଖା ଓ ସ୍ଥାନୀୟ ବହୁ ବିଶିଷ୍ଟବ୍ୟକ୍ତି ଯୋଗ ଦେଇଥିଲେ। ଅଧକ୍ଷା ମଧୁସ୍ମିତା ସାହୁ ଏଥିରେ ଅଧକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଶୁଭ୍ରା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମାନଷି ଲେଙ୍କା, ରଶ୍ମିତା ମହାନ୍ତି, ରଶ୍ମିତା ମହାପାତ୍ର, ଶୁଭଲକ୍ଷ୍ମୀ ମିଶ୍ର ଏହାକୁ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତା ପାଇଁ ଅଭିଭାବକ ଓ ଶିଶୁଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଶ୍ରୀ ମା' ଶ୍ରୀ ଅରବିନ୍ଦ ସ୍ମାରକୀ ପୀଠରେ ସପ୍ତମ ବାର୍ଷିକ ଉତ୍ସବ




**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଶ୍ରୀମା ଶ୍ରୀ ଅରବିନ୍ଦ ସ୍ମାରକୀ ପୀଠରେ ସପ୍ତମ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି। ଜିଲ୍ଲାର ପ୍ରାୟ ୭ଶହ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଅନୁଗାମୀ ଯୋଗ ଦେଇଥିଲେ। ଉକ୍ତ ସଭାରେ କଟକ ସ୍ଥିତ ମାତୃଭବନରୁ ଆସିଥିବା ପ୍ରସାଦ ତ୍ରିପାଠୀ ଭବିଷ୍ୟରେ ପୃଥିବୀ ଓ ନୂତନ ମାନବ ଜାତିର ପରିପ୍ରକାଶ ସମ୍ବନ୍ଧେ ଏବଂ ଭୁବନେଶ୍ୱର ଖଣ୍ଡଗିରି ସ୍ଥିତ ଶ୍ରୀ ଅରବିନ୍ଦ ଆଶ୍ରମର ମହେନ୍ଦ୍ର ପ୍ରକାଶ ସ୍ୱାଇଁ ଶ୍ରୀ ଅରବିନ୍ଦ ପବିତ୍ର ଗ୍ରନ୍ଥ ସାବିତ୍ରୀ ସମ୍ବନ୍ଧରେ ଆଲୋଚନା କରିଥିଲେ। ଡଃ ଧନେଶ୍ୱର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭବାନୀ ପ୍ରସାଦ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ନୟନା ବେହେରା, ଜନ୍ମେଜୟ ପ୍ରଧାନ, ସତ୍ୟପ୍ରିୟ ମହାନ୍ତି, ଗୋଲଖ ଚନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ଡଃ ବ୍ରଜ କିଶୋର ଖଣ୍ଡାଇ ସହଯୋଗ କରିଥିଲେ।

# ବୀରନରସିଂପୁର ସ୍କୁଲ୍‌ରେ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ବୀରନରସିଂପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୁରେନ୍ଦ୍ରସାଏ ଦିବ୍ୟଦୃଷ୍ଟି ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ବୀରନରସିଂପରୁ, ରାଧାନଗର, ତାଳବାହାଲ, ସରସରା କ୍ଲଷ୍ଟରରୁ ୩୬ଟି ବିଦ୍ୟାଳୟର ୧୫୧ ଜଣ ଛାତ୍ରଛାତ୍ରୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ସେମାନଙ୍କ ମଧ୍ୟରୁ ୩୨ ଜଣଙ୍କୁ ମାଗଣାରେ ଚଷମା ଯୋଗାଇଦେବାର ବ୍ୟବସ୍ଥା କରାଯାଇଥିବା ବେଳେ ୫ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ବାହାରକୁ ପଠାଯିବାର ବ୍ୟବସ୍ଥା କରାଯାଇଛି। ଚକ୍ଷୁ ଚିକିତ୍ସା ଅଧିକାରୀ ସନ୍ତୋଷ ବରାଳ ଓ ତନ୍ମୟ କୁମାର ସାମନ୍ତସିଂହାର ଚକ୍ଷୁ ପରୀକ୍ଷା କରିଥିଲେ। ଏବିଇଓ ଅଖିଳ କୁମାର ପ୍ରଧାନ, ରଜତ କୁମାର ପ୍ରଧାନ, ରତ୍ନାକର ଦାଶ, ସ୍ୱେଚ୍ଛାସେବୀ ରାମଚନ୍ଦ୍ର ପୁରୋହିତ, ମିନତୀ ଭୋଇ, ସିଆରସିସି ଅର୍ଜୁନ କହଁର, ଶ୍ରୀବନ୍ତ ପ୍ରଧାନ, ନୀଳାଞ୍ଚଳ ମିଶ୍ର, ପଦ୍ମନାଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଓମ୍‌ପ୍ରକାଶ ପ୍ରଧାନ ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ।

# ଅର୍ଥକାରୀ ଫସଲ ଉତ୍ପାଦନ ପାଇଁ ଚାଷୀଙ୍କୁ ପରାମର୍ଶ



**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ପାଲଝାର ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଠାରେ ନାବାର୍ଡ ସହାୟତାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶ୍ୱାସ୍ରୋର ଆୟୋଜନକ୍ରମେ ଜିଲ୍ଲାର ଅଗ୍ରଣୀ ଚାଷୀମାନଙ୍କୁ ନେଇ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ସଂଯୋଜକ ତପନ କୁମାର ଦାସଙ୍କ ସଭାପତିତ୍ୱରେ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। କୃଷି ବିଜ୍ଞାନ କେନ୍ଦ୍ରର ବିଷୟବସ୍ତୁ ବିଶେଷଜ୍ଞ। କୃଷି ସମ୍ପ୍ରସାରଣ ବିଭାଗ ଡା. ମୟୂରୀ ସିଂ, କୃଷି ବିଜ୍ଞାନୀ ଡା. ସମାପିକା ଦଳାଇ ଓ ସସ୍ମିତା ପାଳ, ସାଲୁଙ୍କି କୃଷକ ଉତ୍ପାଦକ କମ୍ପାନୀ ସିଇଓ କୃତ୍ତିବାସ ପଲିଆ ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ସମୟରେ ଉନ୍ନତ ପ୍ରଣାଳୀ ଓ ବୈଜ୍ଞାନିକ ପଦ୍ଧତିରେ ଚାଷ କରି, ଧାନ ଚାଷ ବଦଳରେ ଅର୍ଥକାରୀ ଫସଲ କରି ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ଗୋଷ୍ଠୀଗତ ଭାବେ କାମ କରି ଲାଭବାନ ହେବାକୁ ପରାମର୍ଶ ଦେଇଥିଲେ।

# ଓଷ୍ଟା ବ୍ଲକ୍ ସମ୍ପାଦକଙ୍କ ଦୁଇ ଦିନିଆ କର୍ମଶାଳା ଉଦ୍‌ଯାପିତ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ଦ୍ୱାରା ଆହୂତ ହୋଇଥିବା ଦୁଇଦିନିଆ ବ୍ଲକ୍ ସମ୍ପାଦକ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇଦିନିଆ ବ୍ଲକ୍ ସଂପାଦକ କର୍ମଶାଳା ଓଷ୍ଟା ପରିସରରେ ଥିବା କୈଳାସ ଚନ୍ଦ୍ର ମହାପାତ୍ର ସଭାଗୃହରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଏକ ଆଲୋଚନା ଚକ୍ର 'ଆମ ସଂଗଠନ ଓ ଆମେ' ଅନୁଷ୍ଠିତ ହୋଇଯାଇଛି ବୋଲି ସଂଗଠନର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

ପ୍ରକାଶଥାଉକି, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଆନୁକୂଲ୍ୟରେ ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବ୍ଲକ୍ ସମ୍ପାଦକ କର୍ମଶାଳାର ଅନ୍ତିମ ଦିବସରେ ସଂଗଠନର ବିଭିନ୍ନ ଦିଗ ଉପରେ ଏକ ଦଳଗତ ଆଲୋଚନା ହୋଇଥିଲା। ରାଜ୍ୟରେ ଶିକ୍ଷାର ପ୍ରସାର ପାଇଁ ଓଷ୍ଟା ତା'ର ଜନ୍ମଲଗ୍ନରୁ ଲଢ଼େଇ ଜାରି ରଖିଛି। ସାଂପ୍ରତିକ ସ୍ଥିତିରେ ସରକାର ଯେଉଁ ନୂତନ ଶିକ୍ଷାନୀତି ଆଣିବାକୁ ଯାଉଛନ୍ତି, ଏହି କର୍ମଶାଳାରେ ତା'ର ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଆଲୋଚନାର ପ୍ରାରମ୍ଭରେ ସଂଗଠନର ସାଧାରଣ ସଂପାଦକ ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଶିକ୍ଷା, ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କର ବିଭିନ୍ନ ସମସ୍ୟାବଳୀ ସମ୍ପର୍କରେ ଆଲୋଚନା ରଖିଥିଲେ। ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ ନିଜର ଅଭିଭାଷଣରେ ସଂଗଠନର ଉନ୍ନତିରେ ବ୍ଲକ୍ ସମ୍ପାଦକମାନଙ୍କର ଭୂମିକା ସମ୍ପର୍କରେ ଆଲୋଚନା କରି ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଓଷ୍ଟାର ଆୟ ବ୍ୟୟ ସମ୍ପର୍କରେ ସଭାକୁ ଅବଗତ କରାଇଥିଲେ। ସଭାପତି ଶ୍ରୀଯୁକ୍ତ ଅକ୍ଷୟ କୁମାର ମିଶ୍ର 'ଆମ ବ୍ୟବସ୍ଥା ଓ ଆମେ' ବିଷୟରେ ଆଲୋଚନା କରି ସୁଦୃଢ଼ ବ୍ୟବସ୍ଥା ଦାବି ହାସଲର ଚାବିକାଠି ବୋଲି ମତ ବ୍ୟକ୍ତ କରିଥିଲେ। କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତ ସଂଗଠନର ଭିତ୍ତିଭୂମି ବିକାଶ ଉପରେ ଆଲୋକପାତ କରିବା ସହିତ ଶିକ୍ଷାପ୍ରଦୀପ ସଂପାଦକ ଶଙ୍କର କୁମାର ସୁବୁଦ୍ଧି ଆମର ମୁଖପତ୍ର 'ଶିକ୍ଷାପ୍ରଦୀପ'ର ସାମାଜିକ ପ୍ରତିବଦ୍ଧତା ଉପରେ ନିଜର ଅଭିଭାଷଣ ରଖିଥିଲେ। ସଂପାଦକ ମାଣିକେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦୁଇଦିନିଆ କର୍ମଶାଳାକୁ ଓଷ୍ଟାର ସମସ୍ତ ପଦାଧିକାରୀ ଏବଂ ଜିଲ୍ଲାସମ୍ପାଦକ ନେତୃତ୍ୱବୃନ୍ଦ ପରିଚାଳନା କରିଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୪ ଫେବୃୟାରୀ ୨୦୨୫ ଶୁକ୍ରବାର





# ଓଡ଼ିଶା ସାଂସ୍କୃତିକ ଐତିହ୍ୟ ଓ ବିବିଧତାରେ ଭରପୂର:ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍‌ଗୁଡିକ ପକ୍ଷରୁ ବହୁ ଚର୍ଚ୍ଚିତ ଫଟୋଗ୍ରାଫି ପ୍ରତିଯୋଗିତାର ଦ୍ୱିତୀୟ ସଂସ୍କରଣ 'ଓ ମାଇ ବିୟୁଟିଫୁଲ୍ ଓଡ଼ିଶା ୨.୦'ର ବିଜେତାମାନଙ୍କୁ ସମ୍ମାନିତ କରିବା ପାଇଁ ଭୁବନେଶ୍ୱରରେ ଏକ ଭବ୍ୟ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷର ବିଷୟବସ୍ତୁ 'ଓଡ଼ିଶାର ସାଂସ୍କୃତିକ ଐତିହ୍ୟ'କୁ ବିଭିନ୍ନ ପୃଷ୍ଠଭୂମିର ଫଟୋଗ୍ରାଫରଙ୍କ ଠାରୁ ୫୦୦୦ରୁ ଅଧିକ ଆବେଦନ ମିଳିଥିଲା । ପ୍ରତିଯୋଗୀମାନେ ରାଜ୍ୟର ସମୃଦ୍ଧ ସାଂସ୍କୃତିକ, ପ୍ରାକୃତିକ ଓ ସ୍ଥାପତ୍ୟ ପରମ୍ପରାକୁ ପ୍ରଦର୍ଶିତ କରିଥିଲେ । ଏଥିମଧ୍ୟରୁ ବିଜେତାମାନଙ୍କ ଫୋଟୋକୁ ଟିପି ଓଡ଼ିଶା–୨୦୨୫ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ



ସିଂ ଦେଓ, ଟାଟା ପାୱାରର ଟିଆଣ୍ଡିଡି ସଭାପତି ସଞ୍ଜୟ ବାଙ୍ଗା, ଟିପିସିଓଡିଏଲର ସିଇଓ ଅରଭିନ୍ଦ୍ ସିଂହ, ଟିପିଏନ୍‌ଓଡିଏଲର ସିଇଓ ଦ୍ୱିଜଦାସ ବାସକ, ଟିପିଏସ୍‌ଓଡିଏଲର ସିଇଓ ଅମିତ ଗର୍ଗ ଓ ଅନ୍ୟ ବରିଷ୍ଠ ସଦସ୍ୟମାନେ ଯୋଗ ଦେଇଥିଲେ । ଏହି ଅବସରରେ ୧୩ ଜଣ ବିଜେତାଙ୍କୁ ୧୫ ହଜାର ଟଙ୍କା ଲେଖାଏଁ ପୁରସ୍କାର ସହିତ ସେମାନଙ୍କ ଫଟୋକୁ ଟିପି ଓଡ଼ିଶା ୨୦୨୫ କ୍ୟାଲେଣ୍ଡରରେ ସ୍ଥାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ କହିଛନ୍ତି ଯେ, 'ସାଂସ୍କୃତିକ ଐତିହ୍ୟ ଓ ବିବିଧତାରେ ଭରପୂର ରାଜ୍ୟ ଓଡ଼ିଶାରେ ଆକର୍ଷଣୀୟ ଦୃଶ୍ୟ ଓ ଜୀବନ୍ତ ପରମ୍ପରା ରହିଛି । ମୁଁ ଟାଟା ପାୱାରକୁ ହୃଦୟରୁ କୃତଜ୍ଞତା ଜଣାଉଛି ଯେ ସେମାନେ ପଦକ୍ଷେପ ନେଇଛନ୍ତି ଏବଂ ସ୍ଥାନୀୟ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିଛନ୍ତି । ଆମ ରାଜ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରଦର୍ଶନ କରିବାପାଇଁ ଏହା ଏକ ଚମତ୍କାର ଉପାୟ । ଏତେ ସୁନ୍ଦର କାମ ପାଇଁ ସମସ୍ତ ବିଜେତାଙ୍କୁ ଅଭିନନ୍ଦନ ଜଣାଉଛି ।' ଟାଟା ପାୱାରର ଟିଆଣ୍ଡିଡି ସଭାପତି ସୟ ବାଙ୍ଗା କହିଛନ୍ତି ଯେ, ନଟାଟା ପାୱାରରେ ଓଡ଼ିଶା ପ୍ରତି ଆମର ପ୍ରତିବଦ୍ଧତା ଭରସାଯୋଗ୍ୟ ବିଜୁଳି ଯୋଗାଇବା ଠାରୁ ଅଧିକ । ତାହା ହେଉଛି ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା, ଐତିହ୍ୟ ସଂରକ୍ଷଣ କରିବା ଏବଂ ଜନସାଧାରଣଙ୍କୁ ସଶକ୍ତ କରିବା । ଗତବର୍ଷ ଆରମ୍ଭ ହୋଇଥିବା 'ଓ ମାଇଁ ବିଉଟିଫୁଲ୍ ଓଡ଼ିଶା' ଅଭିଯାନ ଓଡ଼ିଶାକୁ ଅନନ୍ୟ କରିପାରିଥିବା ଚମତ୍କାର ଦୃଶ୍ୟ, ସମୃଦ୍ଧ ଇତିହାସ ଓ ସାଂସ୍କୃତିକ ଐତିହ୍ୟରୁ ପ୍ରେରିତ । ଏହି ଯାତ୍ରା ଜାରି ରଖି ଓଡ଼ିଶାବାସୀଙ୍କ ସହ ଅର୍ଥପୂର୍ଣ୍ଣ ଉପାୟରେ ଯୋଡ଼ି ହେବାକୁ ଆମେ ଆଶା ରଖିଛୁ । 'ଓ ମାଇ ବିଉଟିଫୁଲ୍ ଓଡ଼ିଶା' ଫଟୋଗ୍ରାଫି ପ୍ରତିଯୋଗିତା ମାଧ୍ୟମରେ ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡିକ ଓଡ଼ିଶାର ସାଂସ୍କୃତିକ ଓ ପ୍ରାକୃତିକ ଐତିହ୍ୟକୁ ପାଳନ ଓ ସଂରକ୍ଷଣ କରିବା ସହ ସ୍ଥାନୀୟ ସମୁଦାୟରେ ଗୌରବ ସୃଷ୍ଟି କରିବା ପାଇଁ ନିଜର ସମର୍ପଣ ପ୍ରଦର୍ଶନ କରିଛନ୍ତି ।

# ମହିଳାମାନଙ୍କୁ ଡାହାଣୀ ସନ୍ଦେହ କରିବା ଆଇନ୍‌ଗତ ଅପରାଧ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରପାଳିକା ଟାଉନ୍ ହଲ୍ ପରିସରରେ ବୁଧବାର କେନ୍ଦ୍ରାପଡ଼ା ବ୍ଲକ୍ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ରାପଡ଼ା ସିଡିପିଓ ସୁଜାତା ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ମନୋରମା ସ୍ୱାଇଁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ତୁଳସୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଡ. ମଥୁରୀ ଚରଣ ନାୟକ, ଜିଲ୍ଲା




ପ୍ରକଳ୍ପ ସଂଯୋଜକ (ମିଶନ ମମତା) ମନୋରଞ୍ଜନ ଦାସ, ପ୍ରୋଗ୍ରାମ ଅଫିସର ଭାରତୀ ବେହେରା, ଆଇନଜୀବୀ ଶାଶ୍ୱତ ନିର୍ମଳ ଦାସ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା ଆଇନ୍, ଯୁବତୀ ଚାଲାଣ, କନ୍ୟା ଭ୍ରୁଣହତ୍ୟା, ବାଲ୍ୟ ବିବାହ ଆଇନ୍, ପୋକ୍ସୋ ଆଇନ୍, ମହିଳାମାନଙ୍କୁ ଦିଆଯାଉଥିବା ବିଭିନ୍ନ ନିର୍ଯାତନା ଆଇନ୍ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସେହିପରି ବିଭିନ୍ନ ସମୟରେ ମହିଳାମାନଙ୍କୁ ଡାହାଣୀ ସନ୍ଦେହ କରିବା, ଅନ୍ଧବିଶ୍ୱାସ ଓ ଆଇନ୍‌ଗତ ଅପରାଧ ଅଟେ ବୋଲି ମୁଖ୍ୟ ଅତିଥି ମତବ୍ୟକ୍ତ କରିଥିଲେ । ଏସବୁକୁ ରୋକିବା ଆମ ସମସ୍ତଙ୍କର ପ୍ରାଥମିକ କର୍ତ୍ତବ୍ୟ ଅଟେ । କନ୍ୟାଙ୍କୁ ଲକ୍ଷ୍ମୀଙ୍କର ରୂପ ଦିଆଯାଇଛି, ଯେଉଁ ଘରେ ନାରୀକୁ ସମ୍ମାନ ଦିଆଯାଇଥାଏ, ସେ ଘରେ ଲକ୍ଷ୍ମୀ ବାସ କରନ୍ତି ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଆଇନ୍ ସଚେତନତା କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଙ୍ଗନବାଡ଼ି ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ ।

# ଆଜି ହେବାକୁଥିବା ରେଭେନ୍ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ସ୍ଥଗିତ

**କଟକ, ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ୧୪ ଫେବୃୟାରୀ ୨୦୨୫ ତିଖରେ ଅନୁଷ୍ଠିତ ହେବାକୁ ଥିବା ରେଭେନ୍‌ସା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବକୁ ଅନିବାର୍ଯ୍ୟ କାରଣ ନିମନ୍ତେ ସ୍ଥଗିତ ରଖାଯାଇଛି । ସମାବର୍ତ୍ତନ ଉତ୍ସବରେ ସମ୍ବର୍ଦ୍ଧିତ ହେବାକୁ ଥିବା ବିଭିନ୍ନ ବିଭାଗର ସ୍ୱର୍ଣ୍ଣପଦକ ବିଜେତା ତଥା ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ଏ ସମ୍ପର୍କରେ ସୂଚିତ କରାଯିବ । ସମାବର୍ତ୍ତନ ଉତ୍ସବର ପରବର୍ତ୍ତୀ ତାରିଖ ସମ୍ପର୍କରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଖୁବ୍‌ଶୀଘ୍ର ଅବଗତ କରାଯିବ ।

# ଜଳ ଭଣ୍ଡାରରୁ ନିଖୋଜ ବୃଦ୍ଧାଙ୍କ ଶବ ଉଦ୍ଧାର

**ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ନନ୍ଦପୁର ଥାନା ଅଧୀନ ଟିକରପଡ଼ା ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡାଗଡ ଗ୍ରାମର ସନାଇ ଖିଲ (୫୦) ସୋମବାର ଦିନ ଠାରୁ ନିଖୋଜ ଥିବାବେଳେ ବୁଧବାର ତାଙ୍କ ମର ଶରୀର ସ୍ଥାନୀୟ କୋଲାବ ଜଳ ଭଣ୍ଡାରରୁ ଉଦ୍ଧାର କରାଯାଇଛି । ସୂଚନା ଅନୁସାରେ ସନାଇ ଖିଲଙ୍କୁ ଗତ ସୋମବାର ଦିନ ଠାରୁ ପରିବାର ଲୋକେ ଦେଖିବାକୁ ପାଇନଥିଲେ । ବହୁ ସମୟ ଧରି ଘରକୁ ନ ଫେରିବାରୁ ତାଙ୍କୁ ପରିବାର ଓ ଗାଁ ଲୋକେ ବହୁ ଖୋଜା ଖୋଜି ପରେ ତାଙ୍କର କୌଣସି ସନ୍ଧାନ ପାଇନଥିଲେ । ପରେ ମୁଣ୍ଡାଗଡ ଗ୍ରାମର କିଛି ଲୋକଙ୍କ ସହ ପରିବାର ଲୋକେ ମଙ୍ଗଳବାର ସନ୍ଧ୍ୟାରେ ନନ୍ଦପୁର ଥାନାରେ ଆସି ଜଣାଇଥିଲେ । ବୁଧବାର ଦିନ ସକାଳୁ ଗ୍ରାମର କିଛି ଲୋକେ ଶୌଚ ପାଇଁ ଯାଇଥିବାବେଳେ ଦେଖିଥିଲେ ନଦିରେ ଜଣେ ବୃଦ୍ଧାଙ୍କ ଶବ ପାଣିରେ ଭାସୁଛି । ଶବ ଭାସୁଥିବା ଦେଖି ଗାଁ ଲୋକେ ନନ୍ଦପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ କର୍ମଚାରୀ ଆଆଇସି, ଚିତ୍ତ ରଞ୍ଜନ ପଞ୍ଜିଆ, ଫାୟାର୍ ମେନ, ପ୍ରକାଶ କିସାନ, ଦୁଃଖ ନାଶନ ଖାଡ଼ିଆ, ବିଷ୍ଣୁ ପ୍ରସାଦ ନାୟକ, ଡି ସେଠିଆ ଶବ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ଉକ୍ତ ଶବ ସନାଇ ଖିଲଙ୍କ ବୋଲି ଚିହ୍ନଟ ହେବାପରେ ଶବ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଦିଆଯାଇଛି ।

# ଖଣ୍ଡଗିରି କୁମ୍ଭମେଳା ଉଦ୍‌ଯାପିତ ଓ ସାଧୁସନ୍ଥ ପୂଜନ




**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ସନାତନ ବୈଦିକ ଧର୍ମ ପରିଷଦ ଆବାହକତ୍ୱରେ ଓ ଓଡ଼ିଆ ଭାଷା, ସାହିତ୍ୟ ତଥା ଭୁବନେଶ୍ୱର ମହାନଗର ନିଗମ ଓ ପରିଷଦର ଆନୁକୂଲ୍ୟରେ ଖଣ୍ଡଗିରି ବିଶ୍ୱପ୍ରସିଦ୍ଧ ମହାକୁମ୍ଭ ମେଳାର ପୂର୍ଣ୍ଣାହୂତି ଓ ସମସ୍ତ ସାଧୁସନ୍ଥ ପୂଜନ କରାଯାଇଛି । ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ ପ୍ରମୁଖ ବ୍ୟକ୍ତି ମହାପ୍ରସାଦ ଓ ସାଧୁସନ୍ଥ ପୂଜନରେ ଯୋଗଦେଇଥିଲେ । ପୂର୍ଣ୍ଣାହୂତିରେ ମଧ୍ୟ ଯୋଗଦାନ କରିଥିଲେ । ଖଣ୍ଡଗିରି କୁମ୍ଭମେଳାର ଆବାହକ ତଥା ପରିଷଦର ଅଧ୍ୟକ୍ଷ ବାବା ପଞ୍ଚଦେବ କହିଲେ ୧୪୪ ବର୍ଷରେ ମହାକୁମ୍ଭ ପଡ଼ିଛି । ଏହି ମହାନ୍ କାର୍ଯ୍ୟକ୍ରମକୁ ଐତିହାସିକରେ ଲିପିବଦ୍ଧ ହୋଇରହିବ । ଏହା ସମ୍ଭବ ହୋଇଛି ଏକମାତ୍ର ଏକାମ୍ର ବିଧାୟକ ବାବୁ ସିଂ ଯୋଗୁଁ ତଥା ତାଙ୍କ ଅନୁଗାମୀଙ୍କ ସହଯୋଗରେ । ପ୍ରତି ମୁହୂର୍ତ୍ତରେ ମହାଭାଗ କୁମ୍ଭମେଳା ସମ୍ବନ୍ଧରେ ବୁଝନ୍ତି ଓ ନିଜେ ଆସି ସାଧୁସନ୍ଥ ମାନଙ୍କ ସମସ୍ୟା ବୁଝନ୍ତି । ତାଙ୍କ ତରଫରୁ ୫୦୦ ସାଧୁସନ୍ଥମାନଙ୍କୁ ପ୍ରତିଦିନ ପ୍ରସାଦ ସେବନ ବ୍ୟବସ୍ଥା କରିଛନ୍ତି । ସାଧୁସନ୍ଥମାନେ ବିଧାୟକ ମହୋଦୟଙ୍କୁ ଧନ୍ୟବାଦ ଜଣାଇଛନ୍ତି । ବିଭିନ୍ନ ଦିନମାନଙ୍କରେ ଦାତବ୍ୟ ମହାନ ବ୍ୟକ୍ତିମାନଙ୍କ ଦ୍ୱାରା ସାଧୁସନ୍ଥମାନଙ୍କୁ ଭୋଜନ ଓ ଦକ୍ଷିଣା ପ୍ରଦାନ କରିଥିବାରୁ ପରିଷଦର ଉପଦେଷ୍ଟା ପଦ୍ମନାଭ ଦାସ କୃତଜ୍ଞତା ଜଣାଇଛନ୍ତି । ଭୁବନେଶ୍ୱର ମହାନଗର ନିଗମ, ଟେଣ୍ଟ, ଲାଇଟ୍, ପାଣି, ଶୌଚାଳୟ ଅନ୍ୟାନ୍ୟ ଉପକରଣ ଯୋଗାଇ ଦେଇଥିବାରୁ ମହାନଗର ନିଗମ, ଆୟୁକ୍ତ, ଅତିରିକ୍ତ ଆୟୁକ୍ତ, ଉପାୟୁକ୍ତ, ଦକ୍ଷିଣପଶ୍ଚିମ ଜୋନ୍‌ର ଉପାୟୁକ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଖଣ୍ଡଗିରି ଥାନା ଭାରପ୍ରାପ୍ତ ଅଧିକାରୀ ତଥା ପୋଲିସ୍ ବନ୍ଧୁମାନେ ଶାନ୍ତିଶୃଙ୍ଖଳା ରଖିଥିବାରୁ ପରିଷଦ ତରଫରୁ କୃତଜ୍ଞତା ଜଣାଇଛନ୍ତି । ଖଣ୍ଡଗିରି ମାଘ ସପ୍ତମୀ ମେଳାର କେନ୍ଦ୍ରୀୟ କମିଟି ସଭାପତି, ସମ୍ପାଦକ ତଥା ସମସ୍ତ ସଭ୍ୟସଭ୍ୟା ମାନଙ୍କୁ ଶୁଭେଚ୍ଛା ମଧ୍ୟ ଜଣାଇଛନ୍ତି ବୋଲି ମୁଖ୍ୟ ସଞ୍ଚାଳକଙ୍କ ବ୍ରହ୍ମଚାରୀ ବିଶେଷ ଚୈତନ୍ୟ, ସଞ୍ଚାଳକ ବାବା ଚନ୍ଦନ ଦାସ, ବାବା ଆଲୋକ ଦାସ, ବାବା କୃଷ୍ଣ ଦାସ, ବାବା କଲ୍ୟାଣ ଦାସ, ବାବା ନବ ଦାସ, ବାବା ଆନନ୍ଦ ଦାସ, ହରିଓମ୍ ବାବା ପ୍ରଭୃତି ଜଣାଇଛନ୍ତି ବୋଲି ପରିଷଦର ସାଧାରଣ ସମ୍ପାଦକ ବାବା ଅଖଣ୍ଡାନନ୍ଦ ତଥା ପରିଷଦର ଅଧ୍ୟକ୍ଷ ବାବା ପଞ୍ଚଦେବ ଜଣାଇଛନ୍ତି ।

# କେନ୍ଦୁଝର ଜିଲ୍ଲା ପର୍ଯ୍ୟଟନ ମାନଚିତ୍ରରେ ସାମିଲ୍ ହେଲା ୭ ପର୍ଯ୍ୟଟନସ୍ଥଳୀ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲାର ପ୍ରତିଟି ସ୍ଥାନ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ । ଜିଲ୍ଲାର ଶୀତଳ ଓ ପ୍ରାକୃତିକ ପରିବେଶ ସାଙ୍ଗକୁ ବଣପାହାଡ଼, ଝରଣା, ନଦୀ, ଘାଟି ରାସ୍ତା ଅଗଣିତ ପ୍ରାକୃତିକ ଜଳପ୍ରପାତ, ଡ୍ୟାମ୍ ତଥା ମନ୍ଦିର, ମଠ ଆଦି ଧାର୍ମିକ ସ୍ଥଳୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ ଓ ବିମୋହିତ କରିଥାଏ । ତେବେ ସେଥିମଧ୍ୟରୁ ୧୬ଟି କେନ୍ଦ୍ରକୁ ପର୍ଯ୍ୟଟନ ବିଭାଗର ମାନ୍ୟତା ମିଳିଥିବା ବେଳେ ଏବେ ଆଉ ୭ଟିର ମାନ୍ୟତା ମିଳିଛି । ଫଳରେ ଏହାକୁ ମିଶାଇ ଜିଲ୍ଲା ପର୍ଯ୍ୟଟନ ମାନଚିତ୍ରରେ ପର୍ଯ୍ୟଟନ କେନ୍ଦ୍ରଗୁଡିକର ସଂଖ୍ୟା ୨୩ରେ ପହଞ୍ଚିଛି । ନୂତନ ଭାବରେ ମାନ୍ୟତା ମିଳିଥିବା ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକ ହେଲା ତେଲକୋଇ ବ୍ଲକର



ଟେଣ୍ଟେଇନାଳି ଜଳପ୍ରପାତ, ବାଂଶପାଳ ବ୍ଲକର ଗିରିଡ଼ିବନ୍ଧ ଜଳପ୍ରପାତ, ଝୁମ୍ପୁରା ବ୍ଲକର କାଇଯୋଡ଼ା ଜଳପ୍ରପାତ, ଘଟଗାଁ ବ୍ଲକର କାଇଁଝର ଜଳପ୍ରପାତ ଓ ବାରହାଟିପୁରା ଶୈବପୀଠ, ଆନନ୍ଦପୁର ବ୍ଲକର ବୈତରଣୀ ନଦୀକୂଳ ଦୃଶ୍ୟମୟ ଦରଗଡ଼ି ଶିଳା ଓ ପାଟଣା ବ୍ଲକର ଡାବରଚୁଆ ଡ୍ୟାମ୍ ରହିଛି । ପୂର୍ବରୁ ଜିଲ୍ଲାର ବାଂଶପାଳ ବ୍ଲକରେ ଅବସ୍ଥିତ ସାନଘାଗରା, ବଡଘାଗରା ଓ ଖଣ୍ଡାଧାର ଜଳପ୍ରପାତ, ବୈତରଣୀ ନଦୀ କୂଳରେ ଅବସ୍ଥିତ ଚମ୍ପୁଆ ବ୍ଲକର କେଶରୀକୁଣ୍ଡ, ଘଟଗାଁ ବ୍ଲକର ଗୁଣ୍ଡିଚାଘାଗୀ ଜଳପ୍ରପାତ, ଯୋଡ଼ା ବ୍ଲକର ହାଣ୍ଡିଭଙ୍ଗା ଜଳପ୍ରପାତ ଓ ମୁର୍ଗାମହାଦେବ ମନ୍ଦିର ଓ ଜଳପ୍ରପାତ, ପ୍ରାକୃତିକ ସୌନ୍ଦର୍ଯ୍ୟମୟ କାଞ୍ଜିପାଣି ଘାଟି, ଘଟଗାଁ ମା' ତାରିଣୀ ପୀଠ ଓ ଐତିହାସିକ ଓ ପୌରାଣିକ ଇତିବୃତ୍ତି ସମୃଦ୍ଧ ସୀତାବିଞ୍ଜ, ବାଂଶପାଳ ବ୍ଲକର ଗୋନସିକା ସ୍ଥିତ ବୈତରଣୀ ନଦୀର ଉପତ୍ତି ସ୍ଥଳୀ ନିକଟ ବ୍ରହ୍ମେଶ୍ୱର ମହେଶ ମନ୍ଦିର, ଘଷିପୁରା ବ୍ଲକ ଦେଓଗାଁ ସ୍ଥିତ କୁଶଳେଶ୍ୱର ମହାଦେବ ମନ୍ଦିର, ହାଟଡିହି ବ୍ଲକର ଚକ୍ରତୀର୍ଥ ଶକ୍ତିପୀଠ ଓ ହଦଗଡ ଡ୍ୟାମ୍, ପାଟଣା ବ୍ଲକ ବୈତରଣୀ ନଦୀ କୂଳରେ ଅବସ୍ଥିତ ରଘୁନାଥଜୀଉ ମନ୍ଦିର ଓ ଭୀମକୁଣ୍ଡ ଜଳପ୍ରପାତ ଆଦିର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଇଛି ।

# ଶ୍ରୀଗୁପ୍ତେଶ୍ୱରଙ୍କ ଦାନ ବାକ୍ସ ଭାଙ୍ଗି ଚୋରି

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ଖଲିଆପାଲି ସ୍ଥିତ ଶ୍ରୀଗୁପ୍ତେଶ୍ୱରଙ୍କ ମନ୍ଦିରରୁ ଚୋରୀ ହୋଇଥିବା ନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବଘିଆପଡା ଫାଣ୍ଡିରେ ଅଭିଯୋଗ ହୋଇଛି । ହୋଇଥିବା ଅଭିଯୋଗ ଅନୁଯାୟୀ ରବିବାର ବିଳମ୍ବିତ ରାତିରେ କେହି ଅଜଣା ଦୁର୍ବୃତ୍ତ ମନ୍ଦିର ଭିତରେ ଥିବା ଶ୍ରୀ ଗୁପ୍ତେଶ୍ୱର ମହାଦେବଙ୍କ ମନ୍ଦିରର ଦାନ ବାକ୍ସର ଟଙ୍କା ଚୋରୀ କରି ନେଇଛି । ଦାନ ବାକ୍ସକୁ ମନ୍ଦିର ନିକଟ ସାଲୁଙ୍କି ନଦୀ କୂଳରେ ପକାଇ ତାହା ଭିତରେ ଥିବା ଦାନ ଟଙ୍କା ନେଇଯାଇଛି । ସୂଚନାମତେ ମନ୍ଦିର ପୂଜକ ସନ୍ଧ୍ୟା ଆଳତି ଦେଇ ଘରକୁ ଯାଇଥିଲେ । ସକାଳୁ ମନ୍ଦିର ଦ୍ୱାର ଖୋଲିବା ପରେ ଦାନ ବାକ୍ସ ନଥିବା ଦେଖିବାକୁ ପାଇଥିଲେ । ତୁରନ୍ତ ପୂଜକ ବଡ଼ମାଳି ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ଜଣାଇଥିଲେ । ସୋମବାର ଅପରାହ୍ନରେ ମନ୍ଦିର ପରିଚାଳନା କମିଟି ସଭାପତି ଅରୁଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ମନ୍ଦିର ପରିସରରେ ଏକ ବୈଠକ ବସି ବଘିଆପଡା ଫାଣ୍ଡିରେ ଅଭିଯୋଗ କରାଯାଇଛି । ପୋଲିସ ତଦନ୍ତ ଜାରିରଖିଛି ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା:ଜଣେ ମୃତ, ଜଣେ ଗୁରୁତର

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**



ଚୌଦ୍ୱାର ବ୍ୟାରେଜ୍ ରୋଡ଼ର କାଳୀ ମନ୍ଦିର ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିବା ସହିତ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି । ମୃତକ ଜଣକ ହେଲେ ଚୌଦ୍ୱାର ବଉଳେଇ ସାହିର ତପ୍ତ ରଞ୍ଜନ ମହାରଣା (୩୪) ଏବଂ ଆହତ ଜଣକ ହେଲେ ପୌରପାଳିକା ୧୪ ନମ୍ବର ୱାର୍ଡ଼ ଦାସରଥୀପାଟଣାର ସମୟ ପରିଡ଼ା (୩୫) । ପ୍ରାପ୍ତ ସୂଚନା ଅନୁଯାୟୀ ତପ୍ତ ରଞ୍ଜନ ଓ ସମୟ ଏକ ବାଇକ୍‌ରେ ଗାନ୍ଧୀଛକ ପଟୁ ବିରୂପା ବ୍ୟାରେଜ୍ ଅଭିମୁଖେ ଯାଉଥିବାବେଳେ କାଳୀ ମନ୍ଦିର ନିକଟରେ ହଠାତ୍ ବାଇକ୍‌ଟି ରାସ୍ତା ଉପରେ ସ୍ଲିପ୍ କରିଯିବାରୁ ଉଭୟ ଆରୋହୀ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ତପ୍ତଙ୍କ ମୁଣ୍ଡଟି କୌଣସି ଶକ୍ତ ପଦାର୍ଥରେ ପିଟିହୋଇ ଛେଚି ହୋଇଯିବା ଫଳରେ ସେ ଗୁରୁତର ହୋଇପଡ଼ିଥିଲେ । ଦୁର୍ଘଟଣାରେ ସମୟ ମଧ୍ୟ ଗୁରୁତର ଆହତ ହୋଇଥିଲେ । ଖବରପାଇ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଖବର ଦେଇଥିଲେ ହେଁ ତାହା ଆସିବାରେ ବିଳମ୍ବ ହେବାରୁ ସ୍ଥାନୀୟ ଟାଟା ପାୱାର ଗାଡ଼ିରେ ଉଭୟଙ୍କୁ କଟକ ବଡ଼ ମେଡ଼ିକାଲ୍‌କୁ ପଠାଇଥିଲେ । ସେଠାରେ ତପ୍ତଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସମୟ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି । ରାସ୍ତା ପାର୍ ହେଉଥିବା ଏକ ଗାଇକୁ ରକ୍ଷା କରିବାକୁଯାଇ ହଠାତ୍ ବ୍ରେକ୍ ମାରିଦେବାରୁ ବାଇକ୍‌ଟି ଖସଡ଼ିଯାଇ ରାସ୍ତାରେ ପଡ଼ିଯାଇଥିଲା ବୋଲି ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ପ୍ରକାଶ ।

## ଜିଲ୍ଲା ମହୋତ୍ସବ ଯଯାତି ଏବଂ ପଲ୍ଲୀଶ୍ରୀ ମେଳା

# ଯାଜପୁର ସାଧନା ଏବଂ ସିଦ୍ଧିର ଏକ ଅନୁପମ କ୍ଷେତ୍ର:ମନ୍ତ୍ରୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି–୨୦୨୫ର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗଦେଇ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଲେ ଆପଣମାନେ ସମସ୍ତଙ୍କ ସହଯୋଗରେ ଏ ଉତ୍ସବ ଏହିଭଳି ପ୍ରତିବର୍ଷ ପାଳନ ହେଉ । ଯାଜପୁରର ଗର୍ବ ଗୌରବ ସବୁବେଳେ ଏମିତି ଟେକ ହୋଇଥାଉ । ଇତିହାସ କୁହେ ଏହା ଥିଲା ପ୍ରାଚୀନ ଓଡ଼ିଶାର ରାଜଧାନୀ । ଯଯାତି ନଗର ଭାବେ ଏହା ଖ୍ୟାତ ଥିଲା । ସୋମବଂଶର ମହାନ ନରପତି ଯଯାତି କେଶରୀ ଏହି ନଗର ସ୍ଥାପନ କରିଥିଲେ । ଜିଲ୍ଲା ମହୋତ୍ସବ ପାଳନର ଏହି ଶୁଭ ଅବସରରେ ମୁଁ ମହାନ ନରପତି ଯଯାତି କେଶରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧା ସୁମନ ଅର୍ପଣ କରୁଛି । ବୌଦ୍ଧ, ଶୈବ, ଶାକ୍ତ ଓ ବୈଷ୍ଣବ ଉପାସକଙ୍କ ପାଇଁ ଯାଜପୁର ଏକ ପୁଣ୍ୟ ଭୂମି । ସାଧନା ଏବଂ ସିଦ୍ଧିର ଏକ ଅନୁପମ କ୍ଷେତ୍ର । ଏହାର ମାଟି ସୁଗନ୍ଧିତ, ଏହାର ଜଳ ସୁଶୋଭିତ ଏବଂ ଏହାର ପବନରେ ଗୁଞ୍ଜରିତ ହେଉଛି ଶାନ୍ତିର ସ୍ତୁତି ସଙ୍ଗୀତ ସଂପ୍ରିତି ଓ ମାନବିକତାର ମହମନ୍ତ୍ର । ପଲ୍ଲୀଶ୍ରୀ ମେଳାରେ ଯେଉଁ ୨୦୦ଟି ଷ୍ଟଲ୍ ପଡ଼ିଛି ସେଥିରେ ଜିଲ୍ଲାର ହସ୍ତଶିଳ୍ପ, ହସ୍ତତନ୍ତର ସମୃଦ୍ଧ ପରମ୍ପରା ପ୍ରଦର୍ଶିତ ହେଉଛି । ଗଡମଧୁପୁରର କାଇଁଚ, ରୁଦ୍ରପୁରର ପଥର ଖୋଦେଇ କାରୁକାର୍ଯ୍ୟ, ହରିପୁରର ଚାଦୁଆ, କଣ୍ଟାବଣିଆର ବେତ କାରୁକାର୍ଯ୍ୟ, ବୈଦ୍ୟରାଜପୁରର କଂସା ପିତଳ କାମ, ଗୋପାଳପୁର ର ଟେରାକୋଟା କାର୍ଯ୍ୟ ଆଦି ପ୍ରଦର୍ଶିତ ହେଉଛି । ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲା ମହୋତ୍ସବ ଯଯାତି ୨୦୨୫ ଯାଜପୁର ଜିଲ୍ଲାବାସୀଙ୍କ ଜନଜୀବନର ବାସ୍ତବ ପ୍ରତିଫଳନ । ଆମର ସମୃଦ୍ଧି, ଐତିହ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଏହା କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିଛି । ଏ ମାଟି ପାଲଟିଛି ସମୃଦ୍ଧିର ବାର୍ତ୍ତାବହ । ଆମ ପାଖରେ ରହିଛି ଖଣିଜ ସମ୍ପଦର ଆଶୀର୍ବାଦ, ଐତିହ୍ୟ ସୁନ୍ଦରୀ ଯାଜପୁରକୁ ଦେଖିଲେ ଲାଗେ ସତେ ଯେପରି ଏହା




ସର୍ଜନର ଏକ ପାହାଡ଼ । ବୌଦ୍ଧଗିରି, ଲଳିତଗିରି, ଉଦୟଗିରି, ପ୍ରାଚୀନ ପୁଷ୍ପଗିରି ବିହାର, ମା' ବିରଜାଙ୍କ ପବିତ୍ର ଶକ୍ତି ପୀଠ ଆମ କୃତି ଓ କୀର୍ତ୍ତିର ଗୋଟିଏ ଗୋଟିଏ ବର୍ଦ୍ଧିତ ସ୍ୱାକ୍ଷର । ପୁଣ୍ୟତୋୟା ବୈତରଣୀର କୂଳେ କୂଳେ ରହିଛି ଅନେକ ପ୍ରସିଦ୍ଧ ମଠ । ଏ ମାଟିର ସାରସ୍ୱତ ସାଧକ ଅଭିମନ୍ୟୁ ସାମନ୍ତ ସିଂହାରଙ୍କର କାଳଜୟୀ ବିଦଗ୍ଧ ଚିନ୍ତାମଣି କାବ୍ୟ ଉପମା ଅଳଙ୍କାର ଓ ଅର୍ଥର ତ୍ରିବେଣୀ ସଙ୍ଗମ ରହିଛି । ଯାଜପୁରବାସୀଙ୍କ ଆଶା ଆକାଂକ୍ଷା କୁ ତୋଳି ଧରିବାକୁ ଚେଷ୍ଟା କରିଛି ଜିଲ୍ଲା ମହୋତ୍ସବ ଯଯାତି । ନିଜ ଅଞ୍ଚଳର ଶିଳ୍ପୀ ଓ ପ୍ରତିଭାମାନଙ୍କୁ ଚିହ୍ନିବା ସହ ଅନ୍ୟ ଅଞ୍ଚଳର ନିମନ୍ତ୍ରିତ ଶିଳ୍ପୀମାନଙ୍କ ସହିତ ସେମାନଙ୍କ ସମ୍ପର୍କକୁ ଅଧିକ ନିବିଡ଼ କରିବ, ଫଳରେ ସୁଦୃଢ଼ ହେବ ଆମର ସାମାଜିକ ବ୍ୟବସ୍ଥା । ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ କହିଲେ ଯଯାତି ୨୦୨୫ ଏବଂ ପଲ୍ଲୀଶ୍ରୀ ମେଳା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ବହୁତ ଭଲ ଭାବରେ ଶୁଭ ଉଦ୍‌ଘାଟନ ହୋଇଥିଲା । ବହୁ ମାତ୍ରାରେ ଜନ ସାଧାରଣ ଯୋଗଦେଇ ମହୋତ୍ସବକୁ ଉତ୍ସବମୁଖର କରିଥିଲେ । ମହୋତ୍ସବର ଦ୍ୱିତୀୟ ଓ ତୃତୀୟ ସନ୍ଧ୍ୟାରେ ମଧ୍ୟ ବହୁ ମାତ୍ରାରେ ଲୋକମାନେ ନିଜ ନିଜ ପରିବାର ସହିତ ଆସି ଖୁସି ମନରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲୀଶ୍ରୀ ମେଳା, ଖାଦ୍ୟ ଷ୍ଟଲ ସବୁଗୁଡିକ ଉପଭୋଗ କରିଥିଲେ । ଯାଜପୁର ମହୋତ୍ସବ ଯଯାତି–୨୦୨୫ ରେ ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ସେମିନାର, ବ୍ୟଙ୍ଗ କବି ସମ୍ମିଳନୀ ଓ କବି ସମ୍ମିଳନୀ ପରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା ଯେଉଁଥିରେ ଯାଜପୁରର ବହୁ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ଅଂଶ ଗ୍ରହଣ କରିଥିଲେ । ଯାଜପୁରର କଳା, ସଂସ୍କୃତି ଓ ଐତିହ୍ୟକୁ ଆହୁରି ଆଗକୁ ନେବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଶେଷରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୪ରୁ / ୫ମ | ୩ | ଶୁ।ରା୨ / ର।ବୁ।ଶ୍ନ୧ |
| ୬ | ୧୧ / ୫ | ୧୨ |
| ୭ଚ / ୮କେ | ୯ | ୧୦ / ୧୧ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ୱତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୪।୨।୨୦୨୫, ଫାଲ୍ଗୁନ ଦି୨ନ, ଶୁକ୍ରବାର**

**ସୂର୍ଯ୍ୟୋଦୟ- ଘ୬।୧୭।୦୪** **ଚନ୍ଦ୍ରୋଦୟ- ସଂଘ ୭।୨୧।୦୭**

**ଦ୍ୱିତୀୟା-** ରାଘ ୯।୫୩ ପର୍ଯ୍ୟନ୍ତ । **ପୂର୍ବା ଫାଲ୍ଗୁନି ନକ୍ଷତ୍ର-** ରାଘ ୧୧।୧୦ ପର୍ଯ୍ୟନ୍ତ । **ସିଂହଚନ୍ଦ୍ର-** ନିଶାନ୍ତ ନିଘ ୫।୪୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । ନିଘ ୫।୪୪ ଗତେ ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । ନିଘ ୫।୪୪ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବୋଇତି କଖାରୁ ରାଘ ୯।୫୩ ପରେ ପୋଟଳ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୦ ଗତେ ଘ ୭।୦୫ ମଧ୍ୟେ, ଦିଘ ୧୨।୨୩ ଗତେ ଘ ୨।୪୦ ମଧ୍ୟେ ।



**ମେଷ:** ବ୍ୟବସାୟରେ କ୍ଷତି ଘଟିପାରେ । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହୋଇପାରେ । ମାନସିକ ଅଶାନ୍ତି ଦୂର ହେବ । ଅଧିକ ଭ୍ରମଣ କରି ଶାରୀରିକ ପୀଡ଼ା ଦେଖାଦେଇପାରେ । ଘରେ ଦ୍ୱନ୍ଦ୍ୱ ଦେଖାଦେଇପାରେ ।



**ବୃଷ:** ଭ୍ରମଣ ଯୋଗ ମଧ୍ୟ ରହିଛି । ଶତ୍ରୁ ନାଶ ହେବେ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ରୋଜଗାର ଭଲ ହେବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ପରୋପକାରୀ ହେବେ । ମନ ଭଲ ରହିବ ।



**ମିଥୁନ:** କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ବିବାଦୀୟ କ୍ଷେତ୍ରରେ ବିଜୟ ହାସଲ କରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ । ମହିଳାମାନେ ଚିନ୍ତାର୍ଥୀ ହେବେ । ପରୋପକାରୀ ହେବେ ।



**କର୍କଟ:** ଶତ୍ରୁଙ୍କ ଠାରୁ ସତର୍କ ରହିବେ । ବ୍ୟବସାୟ ମଧ୍ୟମ ଧରଣର ହେବ । ଖର୍ଚ୍ଚର ପରିମାଣ ବଢ଼ିବ । ପିଲାଙ୍କ ପାଇଁ ଚିନ୍ତିତ ରହିବେ । ପାରିବାରିକ ଅସନ୍ତୋଷ ଦେଖାଦେବ । ଅଯଥାରେ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ ।



**ସିଂହ:** ଆଜି ଦିନଟି ଭଲରେ କଟିବ । ପରିଶ୍ରମ ଅଧିକ କରିବାକୁ ପଡ଼ିପାରେ । ନୂତନ ଯାନବାହାନ କ୍ରୟ କରିପାରନ୍ତି । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ଜୀବନ ସୁଖ ଶାନ୍ତିରେ ବିତିବ । ଦେହ ଭଲ ରହିବ ।



**କନ୍ୟା:** ସାଧନାରେ ସିଦ୍ଧି ଲାଭ କରିବେ । ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିବେ । ବ୍ୟୟ ଯୋଗ ମଧ୍ୟ ରହିଛି । ଦୂରଯାତ୍ରା ମଧ୍ୟ କରିପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ସମ୍ମାନିତ ହେବାର ସୂଚନା ।



**ତୁଳା:** କର୍ମକ୍ଷେତ୍ରରେ ସଫଳତା ଦେଖାଦେବ । ଧନ ଲାଭର ସୁଯୋଗ ମଧ୍ୟ ରହିଛି । ପାରିବାରିକ ଜୀବନ ସୁଖମୟ ହେବ । ଖୋଜୁଥିବା ଜିନିଷ ହଠାତ୍ ପାଇପାରନ୍ତି । ମହିଳାମାନେ ସୁଖୀ ହେବେ ।



**ବିଛା:** ଶୁଭ କାର୍ଯ୍ୟ ନିମନ୍ତେ ଯାତ୍ରା କରିପାରନ୍ତି । କଚେରି ମାମଲାରେ ବିଜୟ ହାସଲ କରିବେ । ଆଥର୍ବିକ ପରିସ୍ଥିତି ଦୃଢ଼ ରହିବ । ଦୂରଯାତ୍ରା କରିପାରନ୍ତି । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବାର ସୂଚନା ।



**ଧନୁ:** ଶରୀର ସୁସ୍ଥ ରହିବ । ଶୁଭ କାର୍ଯ୍ୟ ନିମନ୍ତେ ଦିନଟି ଭଲ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ରୋଜଗାର ଭଲ ହେବ । ଗୃହେ ଆନନ୍ଦ ଦେଖାଦେବାର ସୂଚନା । ଦୟାଳୁ ହେବେ । ଉତ୍ତମ ଭୋଜନ ମଧ୍ୟ କରିପାରନ୍ତି ।



**ମକର:** ଆଜି ଟିକେ ସାବଧାନ ସହକାରେ ଚଳିବେ । ଶତ୍ରୁଙ୍କ ଠାରୁ ଦୂରେଇ ରହିବା ଭଲ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ବ୍ୟବସାୟ ମଧ୍ୟମ ଧରଣର ହେବ । ଧନ ଲାଭର ଯୋଗ ରହିଛି । ଘରେ ଆନନ୍ଦ ।



**କୁମ୍ଭ:** ଦେହ ଓ ମନ ଭଲ ରହିବ । ଚାକିରୀ କ୍ଷେତ୍ରରେ ଭ୍ରମଣ କରିବାର ସୁଯୋଗ ମଧ୍ୟ ଜୁଟିପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଆୟ ଓ ବ୍ୟୟ ସମାନ ରହିବ । ପିଲାମାନେ ପଢ଼ାପଢ଼ିରେ ଅବହେଳା କରିବେ ।



**ମୀନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ । ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହୋଇପାରନ୍ତି । ପରୋପକାରୀ ହେବେ । ରୋଜଗାର ସ୍ଥିର ରହିବ । ଘରେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ । ମନ ଭଲ ରହିବ ।

# ବ୍ରହ୍ମପୁର ରେଳ ଷ୍ଟେସନ୍‌ରେ ପୁନର୍ବିକାଶ କାର୍ଯ୍ୟ ତ୍ୱରାନ୍ୱିତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବ୍ରହ୍ମପୁର ରେଳ ଷ୍ଟେସନ୍‌ରେ ଚାଲିଥିବା ପୁନର୍ବିକାଶ କାର୍ଯ୍ୟ ହେତୁ ବ୍ରହ୍ମପୁର ରେଳ ଷ୍ଟେସନ୍‌ରେ ଥିବା ସହଜୋଗ (ଅନୁସନ୍ଧାନ) କାଉଣ୍ଟରକୁ, ଷ୍ଟେସନ୍‌ର ଥିବା ଅଣସଂରକ୍ଷିତ ଟିକେଟ୍ କାଉଣ୍ଟର ନିକଟକୁ ସ୍ଥାନାନ୍ତର କରାଯାଇଛି । ଯାହାଦ୍ୱାରା ଯାତ୍ରୀମାନେ ଟିକେଟ୍ କିଣିବା ସମୟରେ ଟ୍ରେନ୍ ବିଷୟରେ ଆବଶ୍ୟକ ସୂଚନା ପାଇପାରିବେ । ଯାତ୍ରୀମାନଙ୍କ ଗତିବିଧି ଏବଂ ଭିଡ଼ ନିୟନ୍ତ୍ରଣରେ ସର୍ବନିମ୍ନ ବ୍ୟାଘାତ ସୁନିଶ୍ଚିତ କରି ନିର୍ମାଣ କାର୍ଯ୍ୟ ପର୍ଯ୍ୟାୟକ୍ରମେ ଚାଲିଛି । ଯାତ୍ରୀମାନଙ୍କ ପାଇଁ ଏକ ସୁଗମ ଅଭିଜ୍ଞତାକୁ ସୁଗମ କରିବା ପାଇଁ ରେଳ କର୍ତ୍ତୃପକ୍ଷ ଏହି ଅସ୍ଥାୟୀ ପଦକ୍ଷେପଗୁଡିକ କାର୍ଯ୍ୟକାରୀ କରିଛନ୍ତି । ଏହି ଚାଲୁଥିବା ପୁନର୍ବିକାଶ କାର୍ଯ୍ୟ ପୂର୍ବ ସମୟରେ, ସହଯୋଗ କରିବା ପାଇଁ, ପୂର୍ବ ତଟ ରେଳପଥ ଯାତ୍ରୀମାନଙ୍କ ଅନୁରୋଧ କରୁଛି, ଯାହା ଭବିଷ୍ୟତରେ ଯାତ୍ରୀମାନଙ୍କ ପାଇଁ ସୁବିଧା ଏବଂ ଆରାମ୍ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ୱତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୧୫।୨।୨୦୨୫, ଫାଲ୍ଗୁନ ଦି୩ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୬।୧୬।୩୧** **ଚନ୍ଦ୍ରୋଦୟ- ରାଘ ୮।୦୯।୧୧**

**ତୃତୀୟା-** ରାଘ ୧୧।୫୩ ପର୍ଯ୍ୟନ୍ତ । **ଉତ୍ତରା ଫାଲ୍ଗୁନି ନକ୍ଷତ୍ର-** ରାଘ ୧।୪୦ ପର୍ଯ୍ୟନ୍ତ । **କନ୍ୟା ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଟଳ ରାଘ ୧୧।୫୩ ପରେ ମୂଳା ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୩୫ ଗତେ ଘ ୧୦।୦୯ ମଧ୍ୟେ, ରାଘ ୮।୧୪ ପରେ ଘ ୧୦।୪୫ ମଧ୍ୟେ ।

31 YEARS
ସମ୍ବାଦ କଳିକା

# ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ

ଶସ୍ୟଭିତ୍ତିକ ଜିନିଷର ମୂଲ୍ୟ ବଢ଼ିଛି। ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନଙ୍କୁ ଅଧିକ ଦାମ୍ ଦେଇ ଜିନିଷ କିଣିବାକୁ ପଡୁଛି। ତାହାର ପ୍ରଭାବରେ ଚଳିତ ବର୍ଷ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୫୫ ପ୍ରତିଶତ ରହିଛି। ତଥ୍ୟ ଅନୁଶୀଳନରୁ ଜଣାପଡ଼ିଛି ଯେ ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳ ଉପରେ ଦରଦାମର ଅଧିକ ଚାପ ରହିଛି। ଗ୍ରାମାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୬.୪୭ ପ୍ରତିଶତ ଥିଲା ଯାହା ୭.୬୦ ପ୍ରତିଶତକୁ ବୃଦ୍ଧି ପାଇଛି। ସେହି ସମୟରେ ସହରାଞ୍ଚଳର ଖୁଚୁରା ମୁଦ୍ରାସ୍ଫୀତି ହାର ୭.୭୬ ପ୍ରତିଶତରୁ ହ୍ରାସ ପାଇ ୭.୩୨ ପ୍ରତିଶତ ହୋଇଛି। ଏ ସମ୍ପର୍କରେ ଅର୍ଥନୀତିଜ୍ଞ ପ୍ରଭାସ ମିଶ୍ର କହିଛନ୍ତି ଯେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଖାଦ୍ୟଶସ୍ୟ ଦାମ୍ ଅଧିକ ରହିଛି। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ବଢ଼ିବା ଅର୍ଥନୀତି ପାଇଁ ଶୁଭଙ୍କର ନୁହେଁ। ସହରାଞ୍ଚଳରେ ଲୋକମାନେ ମୁଖ୍ୟତଃ ପ୍ୟାକେଟ୍ ଖାଦ୍ୟ ଖାଇଥାଆନ୍ତି। ସେଠାରେ ଦର ବଢ଼ିଲେ ମାନୁଫାକ୍ଚରିଂ କ୍ଷେତ୍ର ଉପରେ ଚାପ ରହିଛି ବୋଲି ଧରିନିଆଯାଏ। ଉତ୍ପାଦନ ବଢ଼ିଲେ ସ୍ଥିତିରେ ସୁଧାର ହୋଇଥାଏ। କିନ୍ତୁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହିବାର ଅର୍ଥ ହେଉଛି କୃଷି କ୍ଷେତ୍ର ଉପରେ ଚାପ ରହିଛି। କୌଣସି ପର୍ବପର୍ବାଣି ନଥିବା ସତ୍ତ୍ୱେ ଗାଁରେ ଦରଦାମ୍ ବଢ଼ିବା ଚିନ୍ତାର ବିଷୟ ବୋଲି ସେ କହିଛନ୍ତି। ସେହିପରି, ଓଡ଼ିଶା ଅର୍ଥନୈତିକ ସଂଘର ସଚିବ ଅମରେନ୍ଦ୍ର ଦାସ କହିଛନ୍ତି ଯେ ରାଜ୍ୟର ଗ୍ରାମାଞ୍ଚଳରେ କମ୍ ଫଳ ଓ ପନିପରିବା ଉତ୍ପାଦନ ହେଉଛି। ସେଥିପାଇଁ ଆମକୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ମାତ୍ର ବାହାରେ ରହି କାମ କରୁଥିବା ଲୋକମାନେ ଟଙ୍କା ପଠାଉଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥା ଜରିଆରେ ଖାଦ୍ୟଶସ୍ୟ ମିଳୁଥିବାରୁ ଉପଯୋଗିତା ଅଧିକ ରହିଛି। ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଯୋଗାଣ ଶୃଙ୍ଖଳ ଅଧିକ ସୁଦୃଢ଼। ସେଥିପାଇଁ ଗ୍ରାମାଞ୍ଚଳରେ ଦରଦାମ୍ ଅଧିକ ରହୁଥିବା ସେ କହିଛନ୍ତି। ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ଦେଶରେ ସର୍ବାଧିକ ରହୁଛି। ଚଳିତ ବର୍ଷ ଜାତୀୟ ଖୁଚୁରା ମୁଦ୍ରାସ୍ଫୀତି ହାର ୫.୦୯ ପ୍ରତିଶତକୁ ହ୍ରାସ ପାଇଛି। ଓଡ଼ିଶାର ମୁଦ୍ରାସ୍ଫୀତି ତା'ଠାରୁ ପ୍ରାୟ ୨.୫% ଅଧିକ ରହୁଛି। ଓଡ଼ିଶା ବ୍ୟତୀତ ତେଲେଙ୍ଗାନା (୬.୭୧%), ହରିୟାଣା (୬.୨୮%), ଆସାମ (୬.୦୨%), ଆନ୍ଧ୍ରପ୍ରଦେଶ (୫.୬୬%), ଗୁଜରାଟ (୫.୩୯%), ଝାଡ଼ଖଣ୍ଡ (୫.୮୫%) ଏବଂ କର୍ଣ୍ଣାଟକରେ (୫.୭୪%) ଖୁଚୁରା ମୁଦ୍ରାସ୍ଫୀତି ହାର ଅଧିକ ରହିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**
**ଓଁ ନାମ ମହାତ୍ମ୍ୟ**

ଦୃଢତାରେ ଗୁରୁନାମ
ଧର ଏକାଗ୍ରତେ
ମୋହ ମାୟା ଛାଡିହୁଦୁ
ନାମ ଧର ଚିତ୍ତେ (୧୬୮)

ଶୟନେ ସ୍ୱପନେ ଗୁରୁ
ସଦା ଜଗିଛନ୍ତି
ଲୟାଙ୍ଗରେ ହେତୁକର
ସେହି ରୂପକାନ୍ତି (୧୬୯)

ଗୁଣକୁ ତୁ ରୂପ ମଧ୍ୟେ
ସ୍ଥାପନ କରିବୁ
ସବସ୍ୱ ଗୁରୁ ମୟ ବୋଲି
ଜ୍ଞାନ ଧରିଥିବୁ (୧୭୦)

ପୂଜା ମୂଳ ଗୁରୁ ମୂର୍ତ୍ତି
ଧ୍ୟାନ ମୂଳ ଗୁରୁ
ଜ୍ଞାନ ମୂଳ ଗୁରୁ କୃପା
ବାକ୍ୟ ମୂଳ ଗୁରୁ (୧୭୧)

ଜଗତଟି ଜଗନ୍ନାଥ
ମନରେ ଭାବିବୁ
ହୃଦୟରେ କପଟକୁ
ସବସ୍ୱଦା ତେଜିବୁ (୧୭୨)

ଭକତର ସ୍ୱଭାବଟି
ଭଗବାନ ତତ୍ତ୍ୱ
କପଟିର କପଟତା
ତା'ର ହୃଦ ତତ୍ତ୍ୱ (୧୭୩)

ଯେଉଁ ପରି ହୃଦୟର
ଭାବଟି ହୋଇବ
ସେହିପରି ମହାପ୍ରଭୁ
ଫଳ ତାକୁ ଦେବ (୧୭୪)

ସୁଚିନ୍ତାରେ ଫଳ ଗୋଟି
ସୁଫଳ ହୋଇବ
କୁଚିନ୍ତାରେ ଫଳ ଗୋଟି
କାଳ ପାଲଟିବ (୧୭୫)

ଆପଣାର କଳାକମସ୍ତ
ଜୀବଟି ଭୋଗିବ
ଦୋଷକରି ନିଜେ ସେତ
କମସ୍ତକୁ ନିନ୍ଦିବ ( ୧୭୬)

ତେଣୁ କରି ଭକ୍ତଭାଇ
ଇଷ୍ଟକୁ ସୁମରି
ବିବକରେ କମସ୍ତକର
ନିଷ୍ପେହେବ ପାରି (୧୭୭)

କରାଇବା କରୁଥିବା
ଯେତେ କମସ୍ତମାନ
ହୃଦୟରେ ବିବେକକୁ
କରିବ ସ୍ମରଣ
(୧୭୮)

(କ୍ରମଶଃ)

# ଭାଲେଣ୍ଟାଇନ୍ ଡ଼େ' ଏବଂ ଆମ ଯୁବ ପିଢ଼ି



**ବିଷ୍ଣୁ ପ୍ରସାଦ ଦାସ**
ବରିଷ୍ଠ ନାଗରିକ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା
ମୋ: ୯୯୩୭୧୭୪୦୯୭

ପ୍ରତିବର୍ଷ ଫେବୃଆରୀ ମାସ ୧୪ ତାରିଖକୁ ଭାଲେଣ୍ଟାଇନ୍ ଡେ ବା 'ପ୍ରେମ ଦିବସ' ଭାବେ ପାଳନ କରା ଯାଉଅଛି, ଯୁବକ ଯୁବତୀ ମାନେ ଏହି ଦିବସକୁ ମନଭରି ଉପଭୋଗ କରିବା ସହିତ କିଛି ଅନୈତିକ କାର୍ଯ୍ୟରେ ମଧ୍ୟ ନିଜକୁ ସାମିଲ କରି ଦେଇ ଥା'ନ୍ତି, ଯାହାକି ପରବର୍ତ୍ତୀ ସମୟରେ ଏକ ସମସ୍ୟା ହୋଇ ଠିଆ ହୁଏ। ଜୀବନକୁ ସରସ ସୁନ୍ଦର କରିବା ସହିତ କିଛି ନୂତନତ୍ୱକୁ ଆପଣେଇ ନେବାର ଅଭିଳାଷ ଯୁଗ ଯୁଗରୁ ଚଳି ଆସୁଛି , ହୁଏତ ଏହା ପ୍ରକୃତିର ଏକ ନିୟମ ବା ଆମର ଦୂର ଦିଗବଳୟକୁ ଛୁଇଁବାର ଏକ ବୃଥା ଚେଷ୍ଟା ତାହା ସମୟ ହିଁ କହିବ। ଭାଲେଣ୍ଟାଇନ୍ ଡେ ପରି ଏକ ପାଶ୍ଚାତ୍ୟ ସଂସ୍କୃତି / ପରମ୍ପରାକୁ ଆମ ଭାରତୀୟ ଯୁବ ପିଢ଼ି ଖୁବ ଶୀଘ୍ର ଆପଣେଇ ନେଇଛି, ଖାଲି ସେତିକି ନୁହେଁ, ଗତ ୧୫ / ୨୦ ବର୍ଷ ଭିତରେ ଏହା ଅନ୍ଧ ଭାବେ ଆଗକୁ ଆଗକୁ ମାଡି ଚାଲିଛି ଯାହାର ଆଦି ନାହିଁ କି ଅନ୍ତ ନାହିଁ କିମ୍ବା ଭାରତୀୟ ସଂସ୍କୃତି ସହିତ କୌଣସି ତାଳ ମେଳ ନାହିଁ। ସତ କହିବାକୁ ଗଲେ ୯୦ ପ୍ରତିଶତ ଯୁବକ, ଯୁବତୀ ଭାଲେଣ୍ଟାଇନ୍ ଡ଼େ' ର ଇତିହାସ ବିଷୟରେ ସମ୍ପୂର୍ଣ୍ଣ ଜାଣି ନ'ଥିବେ ବା ଭୁଲ ତଥ୍ୟକୁ ଆଧାର କରି କୁହୁଡି ପହଁରି ଚାଲିଛନ୍ତି। କିଛି ବ୍ୟବସାୟୀ ମାନେ ମଧ୍ୟ ଏହି ସଂସ୍କୃତିକୁ ଆଖିରେ ରଖି ଖୁବ୍ ଲାଭବାନ ହେଉଛନ୍ତି, ଛାଡ଼ନ୍ତୁ ସେକଥା ଏବେ ଆମେ ଏଇ "ପ୍ରେମ ଦିବସ" କଥା ଉପରକୁ ଆସିବା।

ଇତିହାସ କହେ ତୃତୀୟ ଶତାବ୍ଦୀରେ ରୋମ୍ ସମ୍ରାଟ ଦ୍ୱିତୀୟ କ୍ଲାଉଡିଆସ୍ ଏକ କ୍ରୋଧୀ ରାଜା ଥିଲେ, ସେହି ସମୟରେ ସେଣ୍ଟ ଭାଲେଣ୍ଟାଇନ୍ ନାମକ ଏକ ଧର୍ମଯାଜକ ରୋମ୍ ନଗରୀରେ ବାସ କରୁଥିଲେ। ସେଣ୍ଟ ଭାଲେଣ୍ଟାଇନ୍‌ଙ୍କ ବ୍ୟକ୍ତିତ୍ୱ ତଥା ଭଲ ପାଇବାରେ ଆକର୍ଷିତ ହୋଇ ଅନେକ ରୋମ୍ ନିବାସୀ ଖ୍ରୀଷ୍ଟଧର୍ମକୁ ଆପଣାଇ ନେଇଥିଲେ ଏହି ଧର୍ମାନ୍ତରୀକରଣ ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟଙ୍କୁ ଖୁବ୍ କଷ୍ଟ ଦେଉ ଥିଲା ତାହାର କାରଣ , ସମ୍ରାଟ୍ କ୍ଲାଉଡିୟସ୍ ଦ୍ୱିତୀୟ ଜଣେ ପାଗନ୍ (ଯେଉଁମାନେ ଅନେକ ଦେବା ଦେବୀ ପୂଜା କରନ୍ତି ସେ ମାନଙ୍କୁ ପାଗନ୍ କୁହାଯାଏ) ଥିଲେ ଏବଂ ଖ୍ରୀଷ୍ଟିଆନ୍ ମାନଙ୍କୁ ଯାହା କରିବାକୁ ଅନୁମତି ଦିଆ ଯାଇଥିଲା ସେହି ସମ୍ବନ୍ଧରେ ସେ କଠୋର ନିୟମ ତିଆରି କରିଥିଲେ। ସେଣ୍ଟ ଭାଲେଣ୍ଟାଇନ୍ ରୋମ୍ ରାଜାଙ୍କ ନିର୍ଦ୍ଦେଶକୁ ଖାତିର ନକରି ନିଜ କାର୍ଯ୍ୟରେ ଅଟଳ ଥିଲେ, ଏହା ଖ୍ରୀଷ୍ଟ ପର ୨୭୧ ମସିହା କଥା। ସେତେବେଳେ ସମ୍ରାଟ୍ ନିଜ ସୈନ୍ୟ ମାନଙ୍କୁ ବିବାହ ପାଇଁ ଅନୁମତି ଦେଉ ନଥିଲେ, ସେ ଭାବୁଥିଲେ ବିବାହ ପରେ ସୈନ୍ୟ ମାନେ ନିଜ ସ୍ତ୍ରୀ ସହ ସହବାସ ଜନିତ ସେମାନଙ୍କର ଶରୀର ଦୁର୍ବଳ ହୋଇଯିବ ବା ସେମାନେ ପାରିବାରିକ ସମସ୍ୟା ଭିତରେ ବୁଡି ରହି ଯୁଦ୍ଧ ପାଇଁ ସେତେଟା ଉପଯୁକ୍ତ ସାବ୍ୟସ୍ତ ହେବେ ନାହିଁ। ସେଣ୍ଟ ଭାଲେଣ୍ଟାଇନ୍ ବିବାହ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତି ମାନଙ୍କୁ ଯୋଗାଯୋଗ କରି ସେମାନଙ୍କ ବିବାହ କରାଇ ସେମାନଙ୍କୁ ଖ୍ରୀଷ୍ଟ ଧର୍ମରେ ସାମିଲ କରୁଥିଲେ, ଏସବୁ ଦେଖି ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ ଉତ୍କ୍ଷିପ୍ତ ହୋଇ ସେଣ୍ଟ ଭାଲେଣ୍ଟାଇନ୍‌ଙ୍କୁ ରାଜ ଦ୍ରୋହ ଅଭିଯୋଗରେ ମୃତ୍ୟୁଦଣ୍ଡ ଘୋଷଣା କରି ତାଙ୍କୁ ବନ୍ଦୀ ଗୃହରେ ରଖିଥିଲେ। ସେଣ୍ଟ ଭାଲେଣ୍ଟାଇନ୍ ସମ୍ରାଟଙ୍କ ଦ୍ୱାରା ନିଆ ଯାଇଥିବା ନିଷ୍ପତ୍ତିକୁ ଆଦୌ ପସନ୍ଦ କରୁ ନଥିଲେ, ସମ୍ରାଟଙ୍କ ଏକତରଫା ନିଷ୍ପତ୍ତି ବିରୁଦ୍ଧରେ ସେ ନିଜର ଅନୁଗାମୀ ମାନଙ୍କର ଦୃଷ୍ଟି ଆକର୍ଷଣ କରୁଥିଲେ। ସେଣ୍ଟ ଭାଲେଣ୍ଟାଇନ୍ ରହୁଥିବା କାରାଗାରର କାରାପାଳଙ୍କ ଦୃଷ୍ଟିହୀନ ଝିଅଙ୍କୁ ନିଜର ଐଶ୍ୱରିକ ଶକ୍ତି ଦ୍ୱାରା ଦୃଷ୍ଟିଶକ୍ତି ଫେରାଇ ପାରିଥିଲେ। କାରାପାଳଙ୍କ ଝିଅ ଦୃଷ୍ଟିଶକ୍ତି ଫେରି ପାଇବା ପରେ ସେଣ୍ଟ ଭାଲେଣ୍ଟାଇନ୍‌ଙ୍କୁ କାରାପାଳ ଅନେକ ସହାନୁଭୂତି ଦେଖାଇଥିଲେ, ଝିଅଟି ମଧ୍ୟ ନିଜକୁ ଜଣେ ଅନୁଗାମୀ ଭଳି ସେଣ୍ଟ ଭାଲେଣ୍ଟାଇନ୍‌ଙ୍କୁ ଭକ୍ତି କରିବା ସହିତ ଭଲପାଇ ବସିଥିଲେ, ସେହି ଭଲ ପାଇବାରେ ନା ଥିଲା କାମନା, ନା ଥିଲା ବାସନା, ଥିଲା କେବଳ ଶାଶ୍ୱତ ପ୍ରେମ। ଇତିହାସ କହେ ସେହି କାରାଗାରରେ ଆଉ ଜଣେ ଭାଲେଣ୍ଟାଇନ୍ ଥିଲେ ଫେବୃଆରୀ ୧୪ ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ, ଦୁଇଜଣ ଭାଲେଣ୍ଟାଇନ୍‌ଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ମୃତ୍ୟୁ ପୂର୍ବରୁ ଦୃଷ୍ଟିଶକ୍ତି ଫେରାଇ ଥିବା ଭାଲେଣ୍ଟାଇନ୍ କାରାପାଳଙ୍କ ଝିଅକୁ ଏକ ପ୍ରେମ ପତ୍ର ଲେଖି ନିଜେ ସ୍ୱାକ୍ଷର କରିଥିଲେ ପତ୍ର ଶେଷରେ 'ତୁମର ଭାଲେଣ୍ଟାଇନ୍' ଲେଖାଥିଲା, ତେବେ ପୁରା ଚିଠିରେ କ'ଣ ଲେଖାଥିଲା ଆଜି ପର୍ଯ୍ୟନ୍ତ ତାହା ଲୋକଲୋଚନକୁ ଆସିନାହିଁ। କାରାପାଳଙ୍କ ଝିଅକୁ ଏହା ତାଙ୍କର ଅନାବିଳ ପ୍ରେମର ନିଦର୍ଶନ କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ଭାରତ ବର୍ଷରେ ଭାଲେଣ୍ଟାଇନ୍‌ଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଳନ କରା ଯାଉଥିବା ପ୍ରେମ ଦିବସରେ କିଏ କାହା ପାଇଁ ମୃତ୍ୟୁ ଦଣ୍ଡ ଭୋଗୁଛି ? କିଏ କାହାର ଦୃଷ୍ଟିଶକ୍ତି ଫେରାଇ ଦେଉଛି ? କାହା ସହିତ କାହାର ବିବାହ ରାଜା/ଏବେକାର ସରକାରଙ୍କ ନିୟମ ଦ୍ୱାରା ହୋଇ ପାରୁନାହିଁ ? ଭାଲେଣ୍ଟାଇନ୍ କାରାପାଳଙ୍କ ଝିଅକୁ କି ପ୍ରକାର ପ୍ରେମ କରୁଥିଲେ କୁହନ୍ତୁ ତ ? ଏହି ବିଷୟରେ ପୁଙ୍ଖାନୁପୁଙ୍ଖ ନଜାଣି ଯୁବପିଢ଼ି କାହିଁକି ଯେ ମେଷ ପଲ ପଛରେ ଧାବମାନ ତାହା କେବଳ ସେମାନେ ବା ତାଙ୍କ ପୂର୍ବ ପିଢ଼ି ହିଁ କହି ପାରିବେ।

ଆଜିର ସମାଜରେ ଉନ୍ମତ୍ତ ଯୁବକ ଯୁବତୀ ମାନେ ପ୍ରେମର ସଂଜ୍ଞା ନ' ଜାଣି କେବଳ କାମନା ବାସନାର ବଶବର୍ତ୍ତୀ ହେବା ସହିତ ନିଜର ସନାତନ ଧର୍ମ/ ପରମ୍ପରାକୁ ଭୁଲିଯାଇ ପାଶ୍ଚାତ୍ୟ ପରମ୍ପରାକୁ ଖୁବ୍ ସହଜରେ ଆପଣେଇ ନେବାରେ କୌଣସି କାର୍ପଣ୍ୟତା ପ୍ରକାଶ କରୁ ନାହାନ୍ତି। 'ପ୍ରେମ ଦିବସ' ଏକ ପାଶ୍ଚାତ୍ୟ ପରମ୍ପରା ଏହା ସହିତ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ବ୍ୟବସାୟିକ ଉଦେଶ୍ୟ ଜଡିତ, ଅନେକ ପ୍ରେମ ସମ୍ବଳିତ ରଙ୍ଗ ବେରଙ୍ଗ ଉପହାର ସାମଗ୍ରୀ ବିକ୍ରି ହେବ ଏହାର ଲାଭ କିଏ ପାଇବେ? ସେଇ ବ୍ୟବସାୟୀ ଯେଉଁମାନେ ପାଶ୍ଚାତ୍ୟ ପରମ୍ପରାକୁ ବିଭିନ୍ନ ଉପାୟରେ ଯୁବ ପିଢ଼ିଙ୍କ ଉପରେ ବିଜ୍ଞାପନ ମାଧ୍ୟମରେ ଲଦି ଦେଉଛନ୍ତି ତଥା ଭାରତୀୟ ବଜାରରେ ବହୁଳ ଭାବେ ବ୍ୟବସାୟ ବଢାଇ ଚାଲିଛନ୍ତି। "ପ୍ରେମ ଦିବସ" ର ତାଳେ ତାଳେ ବିବାହ ବିଚ୍ଛେଦର କରୁଣ ପରିଣତି ମଧ୍ୟ ଆମ ସମାଜରେ ବହୁଳ ପରିମାଣରେ ଦେଖିବାକୁ ମିଳୁଛି, ଅଦାଲତରେ ହଜାର ହଜାର ଛାଡ ପତ୍ର ମାମଲା ବିଚାରାଧୀନ ଅବସ୍ଥାରେ ରହିଛି, ଏହାର କାରଣ କ'ଣ ? ଆଦରର ଯୁବ ପିଢ଼ି ଟିକେ ସୁସ୍ଥ ମନରେ ବିଚାର କରନ୍ତୁ ତ, ପ୍ରେମ ଯଦି ଶାଶ୍ୱତ ହୁଏ, ଭଲ ପାଇବାରେ ଯଦି କଳଙ୍କ ନଥାଏ, ପରସ୍ପର ଭିତରେ ଯଦି ମନକୁ ମନ ମିଶୁ ଥାଏ ତେବେ ଏଇ ଲୋକ ଦେଖାଣିଆ "ପ୍ରେମ ଦିବସ" ର ଆବଶ୍ୟକତା ରହିଲା କେଉଁଠି ? ସନାତନ ଧର୍ମରେ ମଧ୍ୟ ଅନେକ ମୁନିଋଷି ଅନେକ ଅଲୌକିକ କାର୍ଯ୍ୟ କରି ଯାଇଛନ୍ତି କାହିଁ ତାଙ୍କ ପାଇଁ ତ ଦିନଟିଏ ଆମେ ଚିନ୍ତା କରୁନାହୁଁ ବା ତାଙ୍କ ନାମରେ ଦିନଟିଏ ପାଳନ କରୁନାହୁଁ ? ସନାତନ ଧର୍ମ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ଅବଦାନ କ'ଣ ଭୁଲି ହେବ ? ତେବେ ନିଜ ସଂସ୍କୃତିକୁ ଜଳାଞ୍ଜଳି ଦେଇ ସେଣ୍ଟ ଭାଲେଣ୍ଟାଇନ୍‌ଙ୍କ ପାଇଁ ବନ୍ଧୁ ଗଣ ଏତେ ପାଗଳ କାହିଁକି ହେଉଛ ? ଏକ ଉଦାହରଣ ଦେଇ କହିବାକୁ ଚାହେଁ, ମୋର ଜଣେ ଆମେରିକୀୟ ମହିଳା ପତ୍ର ବନ୍ଧୁ ୧୯୭୨ ମସିହା ଫେବୃଆରୀ ମାସରେ ଭାଲେଣ୍ଟାଇନ୍ ଡେ କାର୍ଡ ଖଣ୍ଡିଏ ଦେଇଥିଲେ ଅବଶ୍ୟ ସେତେବେଳେ ମୋର ବୟସ ୧୮ ଥିଲା ମୁଁ ଭାଲେଣ୍ଟାଇନ୍ ଡେ ବିଷୟରେ ବିନ୍ଦୁ ବିସର୍ଗ କିଛି ବୁଝି ନଥିଲି, ସେହି କାର୍ଡ ଖଣ୍ଡିକ ଆଜି ମଧ୍ୟ ସାଇତି ରଖିଛି ଏବଂ ଏବେ ବୁଝୁଛି ଭାଲେଣ୍ଟାଇନ୍ ଡେ ର ଇତିହାସ। ଭଲପାଇବା କିଛି ଖରାପ ନୁହେଁ, ପ୍ରେମ ପାପ ନୁହେଁ, ତାଜମହଲ ଗଢ଼ିଥିବା ସାହାଜାହାନ୍ ମଧ୍ୟ ପ୍ରେମର ପ୍ରତୀକ ଛାଡ଼ି ଯାଇଛନ୍ତି ଯାହାକି ଆଜି ବିଶ୍ୱରେ ସପ୍ତାଶ୍ଚର୍ଯ୍ୟ ଭିତରୁ ଏକ ସ୍ମାରକୀ ରୂପେ ଭାରତ ବର୍ଷର ଆଗ୍ରା ସହରରେ ସଗର୍ବେ ଦଣ୍ଡାୟମାନ। ଏହା ପଛର କରୁଣ କାହାଣୀ ଆଜି ମଧ୍ୟ ଅନେକ ଲୋକ ଜାଣି ନାହାନ୍ତି ଧଳା ଶଙ୍ଖ ମର୍ମର ପ୍ରସ୍ତରର ପଛପଟ କଳା ଇତିହାସ ଅତିବ କରୁଣ ତଥା ହୃଦୟ ସ୍ପର୍ଶୀ। ଗଣତନ୍ତ୍ର ଶାସନରେ ସମସ୍ତେ ନିଜ ବୁଦ୍ଧି ବିବେକ ଖଟାଇ କାର୍ଯ୍ୟ କରିବା ଉଚିତ୍, ସମସ୍ତଙ୍କର ସାମ୍ବିଧାନିକ ଅଧିକାର ଅଛି। ଆମ ସମାଜରେ ବର୍ତ୍ତମାନ ଯୁବ ପିଢ଼ି କି ପ୍ରକାର ପ୍ରେମ କରୁଛନ୍ତି ତାହା ବ୍ୟାଖ୍ୟା କରିବାର ସମୟ ଉପନୀତ, ଅନ୍ୟଥା ଭବିଷ୍ୟତରେ ଏହାର ବିଷମ ପରିଣତି ନିମନ୍ତେ ପିତା ମାତା, ଗୁରୁଜନ, ସମାଜ ସୁଧାରକ ତଥା ଧର୍ମ ରକ୍ଷକ ମାନେ ହିଁ ଦାୟୀ ରହିବେ। ସମସ୍ତଙ୍କୁ ଏତିକି ଅନୁରୋଧ ଭାରତୀୟ ପରମ୍ପରା ଏବଂ ସଂସ୍କୃତିକୁ ଜଳାଞ୍ଜଳି ଦିଅନ୍ତୁ ନାହିଁ କିମ୍ବା ସନାତନ ଧର୍ମକୁ ହତାଦର କରନ୍ତୁ ନାହିଁ। ଛାଡ଼ନ୍ତୁ , ନାନା ମୁନିଙ୍କ ନାନା ମତ ତେଣୁ କାହାରି କ୍ରୋଧର ଶିକାର ହେବା ପୂର୍ବରୁ ଯଦି କାହାରିକୁ ବାଧିଲା ପରି ଲେଖି ଥାଏ ଦୁଃଖିତ।

# ଭାଲେଣ୍ଟାଇନ ଡେ ପ୍ରେମ ଦିବସ ନୁହଁ ଏକ ବ୍ୟକ୍ତିର ମୃତ୍ୟୁ ଦିବସ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬



ଆମେ ଜାଣିଛନ୍ତି ଯେ ଗୋଟିଏ ଦେଶର ସଂସ୍କୃତି ଅନ୍ୟ ଦେଶର ସଂସ୍କୃତିଠାରୁ ଫରକ ହୋଇଥାଏ। ତେବେ ଯେଉଁଠି ଗୋଟେ ଦେଶର ସଂସ୍କୃତି ଅନ୍ୟ ଏକ ଦେଶରେ ପ୍ରସାରିତ ହୁଏ, ସେଠି ବିରୋଧାଭାଷ ହେବା ସ୍ୱାଭାବିକ , କାରଣ ସଂସ୍କୃତି ହେଉଛି ଗୋଟିଏ ଜାତିର ଆଦର୍ଶ, ଗର୍ବ ଓ ଗୌରବ ଆଉ ତାକୁ ଅବଜ୍ଞା କରି ଅନ୍ୟ କୌଣସି ସଂସ୍କୃତିକୁ ଗ୍ରହଣ କଲେ ଭାଙ୍ଗିଯାଏ ଆପଣା ସଂସ୍କୃତିର ମୌଳିକତା। ଇତିହାସ କହେ ଭାରତବର୍ଷ ଥିଲା ସଂସ୍କୃତି, ସଂସ୍କାର ଓ ସାଧନାର ଦିବ୍ୟ ଭୂମି। କିନ୍ତୁ ଏବେ ଆଧୁନିକ ଶିକ୍ଷାର ପ୍ରସାର ତଥା ପଶ୍ଚିମା ସଂସ୍କୃତିକୁ ଆପଣେଇ ନେବାର ଦୁଷ୍ଟ ମାନସିକତା ଆମ ପରମ୍ପରା ଓ ସଂସ୍କୃତିକୁ କରିଛି ଅବକ୍ଷୟ ଓ ଅପମାନ ଆଉ ଏହି ଅନ୍ୟ ବିଦେଶୀ ଉଦ୍ଭଟ ସଂସ୍କୃତି ଧୀରେ ଧୀରେ କର୍କଟ ରୋଗ ଭଳି ଗ୍ରାସ କରିଚାଲିଛି ଆମ ବର୍ତ୍ତମାନ ଓ ଆଗାମୀ ଯୁବପିଢ଼ି ମାନଙ୍କୁ। ଉକ୍ତ ପାଶ୍ଚାତ୍ୟ ସଂସ୍କୃତିକୁ ଆଜିର ଯୁବପିଢି ମନେ ରଖିଥିବା ବେଳେ ଆମ ପରମ୍ପରା ଓ ସଂସ୍କୃତି କୁ ଆଦୌ ଜାଣି ନାହାଁନ୍ତି କି ବୁଝି ନାହାଁନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଯେପରି ଆମ ଦେଶର ହିନ୍ଦୁ ନବବର୍ଷ, ଓଡ଼ିଆ ନବବର୍ଷ, ସଂକ୍ରାନ୍ତି, ପୂର୍ଣ୍ଣମୀ, ମହାପୁରୁଷ ମାନଙ୍କ ଜୟନ୍ତୀ, ଜାତୀୟ ଦିବସ, ପରମ୍ପରା ଓ ଆମ ସଂସ୍କୃତି କଣ ସେମାନେ ଜାଣି ନଥିବେ କିନ୍ତୁ ଅନ୍ୟ ଦେଶରୁ ଆସିଥିବା ଭାଲେଣ୍ଟାଇନଡେକୁ ଭଲ ଭାବରେ ଜାଣିଥିବେ ଆଉ ସେ ଦିବସ କେବେ ଆସିବ ସେ ଦିନ ଗଣୁଥିବାବେଳେ ନିଜ ପରମ୍ପରାର ଦିବସ ଯାଇ ସାରିବା ପରେ ମଧ୍ୟ ପଚାରିଲେ ଦିବସଟି କଣ ଜାଣି ନଥିବେ। ଆଉ ଏକଥା ସତ୍ୟ ଯେ ଏହି ଭାଲେଣ୍ଟାଇନ ଦିବସ କାହିଁକି ପାଳନ କରାଯାଏ ଓ ଏହା ପଛରେ କି କାହାଣୀ ଅଛି ସେମାନେ ଜାଣି ନ ଥିବେ ଖାଲି ଅନୁକରଣୀୟ ଭାବେ ଏହି ଦିବସକୁ ପାଳନ କରିବାକୁ ଅନେଇ ବସିଥିବେ। ଆଉ ଏହି ଇଚ୍ଛାଶକ୍ତି ନେଇ ଆପଣା ସଂସ୍କୃତିକୁ ଅଣଦେଖା କରି ସେମାନେ ଏବେ ଖୁବ୍ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରିଚାଲିଛନ୍ତି ଇଂରାଜୀ ନୂଆବର୍ଷ ଓ ବଡ଼ଦିନ ଇତ୍ୟାଦି ଅନେକ ବିଦେଶୀ ଉତ୍ସବ ସହ ଭାଲେଣ୍ଟାଇନ ଦିବସ। ବିଶେଷକରି ସେମାନଙ୍କୁ ଏବେ ଘାରିଛି 'ଭାଲେଣ୍ଟାଇନ ଡେ' ବା ପ୍ରେମ ଦିବସ ପାଳନ କରିବାର ଉତ୍କଟ ନିଶା। କିନ୍ତୁ ପ୍ରକୃତ ପ୍ରେମ କଣ ସିଏ ଜାଣି ନାହାଁନ୍ତି କି ଆମ ଧର୍ମ, ପରମ୍ପରା, ସଂସ୍କୃତି ଓ ଶାସ୍ତ୍ରରେ ଥିବା ପ୍ରକୃତ ପ୍ରେମ କାହାଣୀକୁ ବୁଝିବାକୁ କେବେ ଚେଷ୍ଟା କରି ନାହାଁନ୍ତି ଆଉ ଏ ବିଷୟରେ ସେମାନଙ୍କ ଅଭିଭାବକ ବି କେବେ ଜଣାଇବାକୁ ଚେଷ୍ଟା କରିନାହାନ୍ତି। ଯେଉଁଥିପାଇଁ ଆଜି ଆମ ପରମ୍ପରା ଆଉ ସଂସ୍କୃତି ଠାରୁ ବହୁତ ଦୂରରେ ଯୁବପିଢ଼ି ଓ ଅପସଂସ୍କୃତିର ମାୟାଜାଲରେ ସମ୍ପୂର୍ଣ୍ଣ ଛନ୍ଦି ହୋଇ ଅସତ୍ ମାର୍ଗ ଅପଣାଇବାକୁ ପଛାଉନାହାନ୍ତି। ତେବେ ଏହି ଭାଲେଣ୍ଟାଇନ ଡେ ପାଇଁ ଦୁଇଟି ପାଶ୍ଚାତ୍ୟ ଲୋକକଥା ଅଛି ଯାହା ଜାଣିବା ଆବଶ୍ୟକ। କାରଣ ଏହି ଦିବସକୁ ପ୍ରେମ ଭଳି ପୁଣ୍ୟ ଶବ୍ଦ ଦେବା କେତେଦୂର ଯୁକ୍ତି ଯୁକ୍ତ ତାହା ଏହି କାହାଣୀରୁ ଅନୁମେୟ ତଥା ଏହି ଦିବସ ଆଦୌ କୌଣସି ପ୍ରେମ ଦିବସ ନୁହଁ ଏହା ଏକ ବ୍ୟକ୍ତିର ମୃତ୍ୟୁ ଦିବସ ମାତ୍ର। ଭାଲେନଣ୍ଟାଇନ ନାମକ ଜଣେ ବ୍ୟକ୍ତିଙ୍କ ପାଇଁ ଏହି ଦିନ ଜଣେ ଦୁଷ୍ଟ ରାଜା ଓ କୃପାଳୁ ଭାଲେନଣ୍ଟାଇନଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ଯୁଦ୍ଧର କାରଣ ରୋମର ରାଜା ଥିଲେ। ରାଜାଙ୍କ ଅନୁସାରେ ପୁରୁଷଙ୍କର ବିବାହ ପରେ ସବୁ ଶକ୍ତି ଓ ବୁଦ୍ଧି ନଷ୍ଟ ହୋଇଯାଏ। ଏହି କାରଣରୁ ସେ ତାଙ୍କ ରାଜ୍ୟରେ ଘୋଷଣା କରିଥିଲେ ଯେ କୌଣସି ସୈନିକ ଓ ସେନାଅଧିକାରୀ ବିବାହ କରିବେ ନାହିଁ। କିନ୍ତୁ ଭାଲେନଣ୍ଟାଇନ ରାଜାଙ୍କ ବିରୁଦ୍ଧରେ ଯାଇ ରାଜ୍ୟରେ ସମସ୍ତଙ୍କୁ ବିବାହ କରିବା ପାଇଁ ଉପଦେଶ ଦେଉଥିଲେ। ରାଜ୍ୟରେ ଅନେକ ସୈନିକ ଓ ଅଧିକାରୀଙ୍କର ବିବାହ ମଧ୍ୟ କରାଇଥିଲେ ଭାଲେନଣ୍ଟାଇନ। ତେବେ ରାଜା ଭାଲେନଣ୍ଟାଇନଙ୍କ ଉପରେ ରାଗି ତାଙ୍କୁ ୨୬୯ ମସିହା, ଫେବୃଆରୀ ୧୪ ତାରିଖରେ ଫାଶି ଦଣ୍ଡ ଦେଇଥିଲେ। ଏହି କାରଣରୁ ଫେବୃଆରୀ ୧୪ ତାରିଖରେ ଭାଲେନଣ୍ଟାଇନଙ୍କ ସ୍ମରଣରେ ଭାଲେନଣ୍ଟାଇନ ଡେ ପାଳନ କରାଯାଏ ବୋଲି ଲୋକକଥା ରହିଛି। ପ୍ରକୃତ ପ୍ରେମର ସଂଜ୍ଞା ବହୁତ୍ ମୂଲ୍ୟବାନ୍। ପ୍ରେମ ଦୁଇ ହୃଦୟର ମିଳନ। ପ୍ରେମରେ ପଡିଥିବା ମଣିଷ ଜାତି , ଧର୍ମ ଓ ବର୍ଣ୍ଣର ବାଛ ବିଚାର ରଖେ ନାହିଁ। ଏହା କେତେବେଳ, କିପରି ଓ କାହା ସହ ହୋଇଥାଏ ତାହା କାହାକୁ ମଧ୍ୟ ଜଣାନାହିଁ। ପ୍ରେମର ସଂଜ୍ଞା ତୀବ୍ର ଗତିରେ ପରିବର୍ତ୍ତନ ଘଟୁଛି। ଏହା ତ୍ୟାଗ ଉପରେ ପର୍ଯ୍ୟବେସିତ ନହୋଇ ଭୋଗ, ଦିଆନିଆ ବ୍ୟାପର ଉପରେ ପର୍ଯ୍ୟବେଶିତ। ଏହିଭଳି କିଛି କଦର୍ଥ କାର୍ଯ୍ୟ କଳାପ ଯୋଗୁଁ ଆଜି ପ୍ରେମର ସଜ୍ଞା ଆଜି ବଦଳିଯାଇଛି। ପ୍ରେମ ଶାଶ୍ୱତ, ପ୍ରେମ ଚିରନ୍ତନ, ପ୍ରେମ ନୈସର୍ଗିକ। ପ୍ରେମ ପାଇବାରେ ଥାଏ, ଥାଏବି ହରାଇବାରେ। ସଂସାର ଓ ସମାଜରେ ସମସ୍ତଙ୍କ ପାଇଁ କେବଳ ଉତ୍ସର୍ଗ ହିଁ ପ୍ରେମ। ପରସ୍ପର ପ୍ରତି ଥିବା ଆବେଗ ଓ ଅନାବିଳତା ପ୍ରକାଶରେ ଏହା ହିଁ ପ୍ରକୃଷ୍ଟ ମାଧ୍ୟମ। ତେବେ ପ୍ରେମର ନିଦର୍ଶନ କେବଳ ପାଶ୍ଚାତ ସଂସ୍କୃତିରେ ନୁହେଁ ବରଂ ଭାରତୀୟ ସଂସ୍କୃତିରେ ମଧ୍ୟ ନିଛକ ଉଦାହରଣ ଭରି ରହିଛି। ସବୁ ଧର୍ମ, ପରମ୍ପରା ଓ ସଂସ୍କୃତିରେ ପ୍ରତିପାଦିତ ହୋଇଛି ପ୍ରେମର ମହତ୍ତ୍ୱ। ଭାରତୀୟ ପୌରାଣିକ ଶାସ୍ତ୍ରରେ ରାଧା-କୃଷ୍ଣ, ଶିବ-ପାର୍ବତୀ, ରାମ-ସୀତା, ରତି-କାମଦେବ, ସାବିତ୍ରୀ-ସତ୍ୟବାନ ଓ ଦୁଷ୍ମନ୍ତ-ଶକୁନ୍ତଳା, ଆଦି ପ୍ରେମ କାହାଣୀରେ ରହିଛି ପ୍ରେମର ସର୍ବୋଚ୍ଚ ଉପଲବ୍ଧି। ଆମ ଇତିହାସ ଓ ଲୋକକଥାରେ ମଧ୍ୟ ଅମର ହୋଇ ରହିଛି ପୃଥ୍ୱୀରାଜ-ସଂଯୁକ୍ତା, କେଦାର-ଗୌରୀଙ୍କ ପ୍ରେମ କାହାଣୀ। ଏସବୁ ପ୍ରେମ କାହାଣୀରେ ପ୍ରେମର ଉପସ୍ଥିତି ନୁହେଁ, ବରଂ ସମାଜକୁ ଦେଇଛି ଶିକ୍ଷା, ସଚେତନତା ଓ ସାମାଜିକ ମୂଲ୍ୟବୋଧର ବାର୍ତ୍ତାବହ। ରାଧା କୃଷ୍ଣଙ୍କ ପ୍ରେମ ତ ସର୍ବୋଚ୍ଚ ଯେଉଁଠି ମିଳନ, ବିଚ୍ଛେଦ, ବିଦଗ୍ଧ, ବିଶ୍ୱସନୀୟତା, ସମର୍ପଣର କେବଳ ବାର୍ତ୍ତା ବହନ କରେ। ଏହାଠାରୁ ଶକ୍ତିଶାଳୀ ପ୍ରେମ ଆଉ କେଉଁଠି ଦେଖିବାକୁ ମିଳେ ନାହିଁ। ତେବେ ବିଦେଶୀ ସଂସ୍କୃତି ବହନ କରୁଥିବା ଏହି ଭାଲେଣ୍ଟାଇନ ଦିବସ ବର୍ତ୍ତମାନର ଯୁବପିଢିକୁ ବାଇଆ କରୁଥିବା ବେଳେ ତଥା ଏହି ଦିବସକୁ ଉତ୍ସାହର ସହିତ ପାଳନ କରୁଥିବା ବେଳେ ଅନେକ ଏହାର ବିରୋଧାଭାଷ ମଧ୍ୟ କରନ୍ତି। ବିଶେଷତଃ ବଜରଙ୍ଗ ଦଳ ଓ କଳିଙ୍ଗ ସେନା ଭଳି ସଙ୍ଗଠନ ଏହି ପ୍ରଥାର ଘୋର ବିରୋଧ କରନ୍ତି। ସେମାନଙ୍କ ମତରେ ପାଶ୍ଚାତ୍ୟ ସଂସ୍କୃତିରେ ପ୍ରଭାବିତ ହୋଇ ଏହି ଦିବସ ପାଳନ ଆମ ଭାରତୀୟ ସଂସ୍କୃତି ପ୍ରତି ଅବମାନନା ସହ ତୁଳନୀୟ। ସେମାନଙ୍କ କଥା ବି ଯୁକ୍ତି ଯୁକ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରେମ ଖାଲି ପୁଅ ଝିଅ ମଧ୍ୟରେ ସମ୍ପର୍କ ନୁହଁ- ପ୍ରେମ ପିତାମାତା, ଭାଇ ଭଉଣୀ, ଦେଶ ପ୍ରୀତି, ସମାଜ ପ୍ରୀତି ସହିତ ରହିବା ଦରକାର ଯାହା ଆମ ସଂସ୍କୃତି ଓ ପରମ୍ପରା ଆମକୁ ଶିଖାଇଛି।

# ପ୍ରେମ ସମର୍ପିତ ଜୀବନର ଶୁଦ୍ଧ ପରିଭାଷା



**ରବିନାରାୟଣ ପଟ୍ଟନାୟକ**
ପଟିଆ, ଭୁବନେଶ୍ୱର
ମୋ-୯୯୩୮୧୧୩୨୨୬

ପ୍ରେମ ଦୁନିଆର ସବୁଠୁ ସୁନ୍ଦର ଭାବନା। ଏହା ଏକ ସ୍ୱର୍ଗୀୟ ଅନୁଭବ। ମନରେ ହଜାର ହଜାର ଆଶା ଜାଗ୍ରତ କରେ। ବଞ୍ଚିବାର ପ୍ରେରଣା ସାଜେ। ଏହା ଏପରି ଏକ ଭାବନା ଯାହା ସୁଖ ବି ଦିଏ ଓ ଦୁଃଖ ବି ଭରିଦିଏ। ଜଣେ ଖାସ ଲୋକଙ୍କ ପ୍ରତି ଥିବା ସ୍ନେହର ବଳିଷ୍ଠ ଅଭିବ୍ୟକ୍ତି ହେଉଛି ପ୍ରେମ। ପ୍ରେମ ଶାଶ୍ୱତ, ଚିରନ୍ତନ, ନୈସର୍ଗିକ। ପ୍ରେମ ମାନେ'ନା ବାଧା ବିଘ୍ନ। ମାନେ'ନା ସୀମା ସରହଦ। ଜାତି ଧର୍ମ ବର୍ଣ୍ଣ ସବୁର ଉପରେ ଭଲ ପାଇବାର ପରିଭାଷା। ପ୍ରେମକୁ ଗୋଟିଏ ଦିନରେ ବନ୍ଧା ନ ଯାଉ। ନିଜ ଜୀବନକୁ ବଗିଚାଟି ପରି ଗଢ଼ି ତୋଳିବାର କଳା ଟିକକ ଶିଖାଇ ଦେଇଥାଏ ପ୍ରେମ। ହେଲେ ଲୋକ ଦେଖାଣିଆ ନ ହେଉ। କିଏ କୁହେ ପ୍ରେମ ଅଢେଇ ଅକ୍ଷର ତ ଆଉ କିଏ କୁହେ ପ୍ରେମ ପାଇଁ ଶବ୍ଦ ନାହିଁ। ଦୁଇ ପ୍ରେମ ପକ୍ଷୀଙ୍କ ରାଗ, ରୁଷା, ଅଭିମାନ, ଆକର୍ଷଣର ଫେଣ୍ଟାଫେଣ୍ଟି ରୂପର ନାଁ ପ୍ରେମ। ସବୁପରେ ବି ପ୍ରେମକୁ ଗୋଟିଏ ଦିବସ କିମ୍ବା ଗୋଟିଏ ସପ୍ତାହ ଭିତରେ ବାନ୍ଧି ରଖିବା ଅସମ୍ଭବ। ମଣିଷର ମୃତ୍ୟୁ ପରେ ତା ପ୍ରେମ ଅନ୍ୟ ପାଇଁ ଉଦାହରଣ ସାଜେ। ସେଥିପାଇଁ ତ ରୋମିଓ ଜୁଲିଏଟଙ୍କଠୁ ଆରମ୍ଭ କରି ଅନେକ ପ୍ରେମୀପାଗଳଙ୍କ ପ୍ରେମ କାହାଣୀ ଆଜି ବି ଅମର ହୋଇ ରହିଛି। ଫେବୃଆରୀ ମାସ ଅନେକ ଦୃଷ୍ଟିକୋଣରୁ ବିଶେଷ ଅଟେ। ପ୍ରଥମତଃ, ଏହି ମାସରୁ ପାଗ ପରିବର୍ତ୍ତନ ହୋଇଥାଏ। ଦ୍ୱିତୀୟତଃ, ପ୍ରେମ କରୁଥିବା ଲୋକଙ୍କ ପାଇଁ ଏହି ମାସ ଅତ୍ୟନ୍ତ ସ୍ୱତନ୍ତ୍ର। ବିଶେଷକରି ଦମ୍ପତିମାନେ ଫେବୃଆରୀ ମାସରେ ପ୍ରେମର ରଙ୍ଗରେ ରଙ୍ଗୀନ ଦେଖାଯାନ୍ତି। ଆରମ୍ଭ ହୋଇଯାଇଛି ପ୍ରେମ ସପ୍ତାହ ବା ଭାଲେଣ୍ଟାଇନ୍ ୱିକ୍। ଫେବୃଆରୀ ୭ରୁ ଆରମ୍ଭ ହୋଇ ୧୪ ତାରିଖ ଯାଏ ଏହି ପ୍ରେମ ସପ୍ତାହ। ଫେବୃଆରୀ ମାସ ଆରମ୍ଭ ହେବା ମାତ୍ରେ ଅଧିକାଂଶ ଲୋକ ଉତ୍ସାହର ସହିତ ଭାଲେଣ୍ଟାଇନ୍ ସପ୍ତାହକୁ ଅପେକ୍ଷା କରନ୍ତି। ଏଥି ସହିତ, ଭାଲେଣ୍ଟାଇନ୍ସ ଡେକୁ ସ୍ୱତନ୍ତ୍ର କରିବା ପାଇଁ ଲୋକମାନେ କୌଣସି କମି ରଖନ୍ତି ନାହିଁ। ଏହି ଦିନ ଭାଲେଣ୍ଟାଇନ୍ସ ଡେ ପାଳନ କରିବା ପଛରେ ବହୁତ ବିଶେଷ ଗୁରୁତ୍ୱ ରହିଛି। ଯାହାର କାରଣ ଜଣେ ସାଧୁଙ୍କ ସହିତ ଜଡିତ। ଭାଲେଣ୍ଟାଇନ୍ସ ଡେକୁ ପ୍ରେମ ଦିନ କୁହାଯାଏ। ଯେଉଁଥିପାଇଁ ୧୪ ଫେବୃଆରୀରେ ସମଗ୍ର ବିଶ୍ୱରେ ଭାଲେଣ୍ଟାଇନ୍ସ ଡେ ପାଳନ କରାଯାଏ। ବିଶେଷକରି ଦମ୍ପତିମାନଙ୍କ ପାଇଁ ଭାଲେଣ୍ଟାଇନ୍ସ ଡେ ଅତ୍ୟନ୍ତ ସ୍ୱତନ୍ତ୍ର। ତେବେ ଫେବୃଆରୀ ୧୪ ରେ ଭାଲେଣ୍ଟାଇନ୍ସ ଡେ ପାଳନ କରିବାର ପ୍ରକୃତ କାରଣ ଓ ଏହି ଦିନ ସହିତ ଜଡିତ। ଭାଲେଣ୍ଟାଇନ୍ସ ଡେ'ର କାହାଣୀ ରୋମର ଜଣେ ସେଣ୍ଟଙ୍କ ଉପରେ ଆଧାରିତ। ଯାହାର ନାମ ସେଣ୍ଟ ଭାଲେଣ୍ଟାଇନ୍ ଥିଲା। ବାସ୍ତବରେ, ୨୭୦ ଖ୍ରୀଷ୍ଟାବ୍ଦରେ, ରୋମର ରାଜା କ୍ଲାଉଡିୟସ୍ ପ୍ରେମର ବିରୁଦ୍ଧ ଥିଲେ। ଏଥି ସହିତ, ରାଜା କ୍ଲାଉଡିୟସ୍ ମଧ୍ୟ ପ୍ରେମ ବିବାହକୁ ଦୃଢ଼ ବିରୋଧ କରୁଥିଲେ। କ୍ଲାଉଡିୟସ୍ ବିଶ୍ୱାସ କରୁଥିଲେ ଯେ ପ୍ରେମକୁ ପ୍ରୋତ୍ସାହିତ କଲେ ରୋମର ସୈନିକମାନଙ୍କ ଧ୍ୟାନ ଭଙ୍ଗ ହେବ। ଯେଉଁଥିପାଇଁ ରୋମର ସେନା ବାହିନୀ ଦୁର୍ବଳ ହୋଇଯିବେ। ଏହି କାରଣରୁ ରାଜା କ୍ଲାଉଡିୟସ୍ ମଧ୍ୟ ସୈନିକମାନଙ୍କ ବିବାହ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ଯେଉଁଠାରେ ରାଜା କ୍ଲାଉଡିୟସ୍ ଗୋଟିଏ ପଟେ ପ୍ରେମକୁ ବିରୋଧ କରୁଥିଲେ। ଅନ୍ୟ ପଟେ ସେଣ୍ଟ ଭାଲେଣ୍ଟାଇନ୍ ଖୋଲାଖୋଲି ଭାବରେ ପ୍ରେମ ପ୍ରଚାର କରାଇଥିଲେ। ଏହି ପର୍ଯ୍ୟାୟରେ, ସେଣ୍ଟ ଭାଲେଣ୍ଟାଇନ୍ କେବଳ କ୍ଲାଉଡିୟସଙ୍କ ଆଦର୍ଶକୁ କୁଠାରଘାତ କରିନଥିଲେ ବରଂ ରାଜାଙ୍କ ବିରୁଦ୍ଧରେ ଯାଇ ଅନେକ ବିବାହ ମଧ୍ୟ କରିଥିଲେ। ଯେଉଁଥିପାଇଁ ରାଜା କ୍ଲାଉଡିୟସ୍ ସେଣ୍ଟ ଭାଲେଣ୍ଟାଇନଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ ଏବଂ ସେଣ୍ଟ ଭାଲେଣ୍ଟାଇନଙ୍କୁ ଫେବୃଆରୀ ୧୪ରେ ଫାଶୀ ଦିଆଯାଇଥିଲା। ଯାହା ପରେ ଏହି ଦିନ ରୋମ ସମେତ ସମଗ୍ର ବିଶ୍ୱରେ ପ୍ରେମ ଦିବସ ଭାବରେ ପରିଚିତ ହେଲା ଏବଂ ଭାଲେଣ୍ଟାଇନ୍ସ ଡେ ପାଳନ କରିବାର ଅଭ୍ୟାସ ସମଗ୍ର ବିଶ୍ୱରେ ଆରମ୍ଭ ହେଲା। ରୋମାନ ଫେଷ୍ଟିଭାଲରୁ ଭାଲେଣ୍ଟାଇନ୍ସ ଡେ ଆରମ୍ଭ ହୋଇଥିଲା। ଏହା ପରେ, ପଞ୍ଚମ ଶତାବ୍ଦୀରେ ରୋମର ପୋପ୍ ଜେଲାସିୟସ୍ ଫେବୃଆରୀ ୧୪କୁ ସେଣ୍ଟ ଭାଲେଣ୍ଟାଇନ୍ସ ଡେ ଭାବରେ ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ଫେବୃଆରୀ ୧୪ କୁ ଭାଲେଣ୍ଟାଇନ୍ସ ଡେ ଭାବରେ ରୋମ ସମେତ ସମଗ୍ର ବିଶ୍ୱରେ ବହୁତ ପ୍ରଶଂସକ ଭାବରେ ପାଳନ କରାଯାଏ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**

# ଜୀବନ ଯାତ୍ରା


ରତ୍ନକାନ୍ତି ମିଶ୍ର




ଜୀବନରେ କେଉଁଠି କେବେ କାହାର ସବୁ କିଛି ଠିକ୍ ଭାବରେ ଚାଲିଥାଏ କି ? ଏକଦମ୍ ସାବଲୀଳ..! ସଜଳ ସକାଳ ପରି ମିଠା ଅନୁଭବ! ସବୁବେଳେ କ'ଣ ଜୀବନରେ ଥାଏ ଖୁସି, ସ୍ୱାଚ୍ଛନ୍ଦ୍ୟ ଆଉ ଛଳଛଳ ପଣ...! ଜୀବନ ତ ସବୁବେଳେ ଅବୁଝା ଅବୁଝା। ଜୀବନର ଯାତ୍ରା କେବେ ବି ଚାହୁଁଥିବା ଭଳି ସୁଗମ ନୁହେଁ। ଖାଲ ଢିପ, ଉନ୍ନତି ଅବନ୍ନତି ବି ଜୀବନରେ ଦୃଶ୍ୟ ହୁଏ। ସତେ ସିଡ଼ି ଆଉ ସାପର ଖେଳ। ସବୁକୁ ନେଇ ସିନା ଜୀବନ...!

ହେଲେ ସୌଭାଗ୍ୟ କେବେ ନକରାତ୍ମକ ଦୃଷ୍ଟିରେ ନିଜ ଜୀବନକୁ ଦେଖିବାକୁ ପ୍ରସ୍ତୁତ ନଥିଲା। କୌଣସି ଉପାୟରେ ସୁଖ ସୌରଭ ପ୍ରାପ୍ତ ହେବା ହିଁ ଥିଲା ତା'ର ଜୀବନର ଲକ୍ଷ୍ୟ।

ବିଏସସିରେ ସ୍ନାତକ ପରେ ତା'ର କେତେଜଣ ସାଙ୍ଗଙ୍କ ପରି ସେ ବି ଇଚ୍ଛା କରିଥିଲା ମାର୍କେଟିଂ ଜବ୍‌ରେ ଯୋଗ ଦେବ ଏବଂ ପରିବାରର ଆର୍ଥିକ ଅସୁବିଧା ଦୂର କରିବ ବୋଲି। ହେଲେ ବାପା ମା'ଙ୍କ ଇଚ୍ଛାରେ ବର୍ଷେ ଦୁଇ ବର୍ଷ ଚାକିରି ପାଇଁ ବିଭିନ୍ନ ପ୍ରତିଯୋଗିତା ପୂର୍ଣ୍ଣ ଚାକିରି ପାଇଁ ଚେଷ୍ଟା ଚଳାଇଥିଲା। ମାତ୍ର ପରୀକ୍ଷାରେ ବାରମ୍ବାର ଅସଫଳତାର ସ୍ୱାଦ ଚାଖୁଥିବା ସୌଭାଗ୍ୟକୁ ପ୍ରଶ୍ନବାଣରେ ଘାଇଲା କରୁଥିଲେ ବାପା।-' ବିନା କୋଚିଂରେ ଆଜିକାଲି ଏସବୁ ପରୀକ୍ଷାରେ ସଫଳତା ପାଇବା ଖୁବ୍ କଷ୍ଟକର। ତାପରେ ସବୁ ଜାଗାରେ ଚିହ୍ନା ପରିଚୟ ଲାଞ୍ଚ କାରବାର ବି ଚାଲିଛି। ଚାକିରି କେମିତି ହେବ?' ଦିନେ ଉତ୍ତର ରଖିଲା ସୌଭାଗ୍ୟ।-'ତାହେଲେ ତୁ କହୁଛୁ ସମସ୍ତେ ଲାଞ୍ଚ ଦେଇ ଚାକିରି ପାଉଛନ୍ତି? କେତେ ବର୍ଷ ପର୍ଯ୍ୟନ୍ତ ଏମିତି ବିନା ରୋଜଗାରରେ ବସିଥିବୁ ?' ବିରକ୍ତ ହୋଇ କହିଲେ ବାପା। -'ରୋଜଗାର ଚାହୁଁଛ ତ ମୁଁ ପ୍ରସ୍ତୁତ ଅଛି। ତାହେଲେ ମୋ ଇଚ୍ଛା ଅନୁସାରେ ଚାକିରି କରିବାକୁ ମୋତେ ଛାଡ଼ିଦିଅ।' ସେଦିନ ଜୋର ଗଳାରେ କହିଲା ସୌଭାଗ୍ୟ ଏବଂ ବାପାଙ୍କ ଗାଳିକୁ ସେ ତା ସ୍ୱପ୍ନ ପୂରଣ କରିବାର ସୁଯୋଗ ରୂପରେ ଗ୍ରହଣ କଲା।

ସତକୁ ସତ ସେ ଦୁଇ ମାସ ଭିତରେ ତା'ର ଚାକିରି ଜୀବନ ଆରମ୍ଭ କଲା ଗୋଟିଏ ମେଡିସିନ କମ୍ପାନୀର ରିପ୍ରେଜେଣ୍ଟେଟିଭ ହୋଇ।

'ଡାକ୍ତର ମାନଙ୍କ ମନକୁ ପାଇଲା ଭଳି କାମ କଲେ ସିନା ତୁମକୁ ସେ ଭଲପାଇବେ କିମ୍ବା ତୁମ ପାଇଁ କମ୍ପାନୀ ପ୍ରଡକ୍ଟ ବିକ୍ରିର ସୁଯୋଗ ସୃଷ୍ଟି କରିବେ ! ନଚେତ୍ ଡାକ୍ତର ଜଣେ ତୁମ କମ୍ପାନୀର ଔଷଧ କାହିଁକି ଲେଖିବ? ଆଜିକାଲି କ'ଣ କମ୍ପାନୀ ମାନଙ୍କର ଭିଡ଼ କମ୍ କି ଏଇ ପ୍ରତିଯୋଗିତା ମୂଳକ ବିଶାଳ ବଜାରରେ ?' ମିଟିଂ ରେ ଏମିତି କେତେ କଥା ଉଦାହରଣ ଦେଇ ବୁଝାନ୍ତି ସିନିଅର ମ୍ୟାନେଜର ମାନେ। ସବୁ ମନଦେଇ ଶୁଣେ ସୌଭାଗ୍ୟ ଏବଂ ସେସବୁକୁ କାମରେ ଲଗାଏ ପରିସ୍ଥିତି ଅନୁସାରେ।

ଅଳ୍ପ ଦିନର ଚାକିରି ଭିତରେ ସୌଭାଗ୍ୟ ଶିଖି ଯାଇଥିଲା ମେଡ଼ିସିନ୍ ମାର୍କେଟିଂ କରିବାର କଳା। ଧାଁ ଦଉଡ ଜୀବନକୁ ସେ ଆଦରି ନେଇଥିଲା। ସେ ଶିଖି ଯାଇଥିଲା ନିଜ ପ୍ରଡକ୍ଟ ବିକିବାର ବିଭିନ୍ନ ଫନ୍ଦି ଫିକର। କେବେ ଡାକ୍ତରଙ୍କୁ ଉପହାର ଲାଞ୍ଚ ଦେଇ ତ କେବେ ପେଞ୍ଚର ମାଧ୍ୟମ ଦେଇ ସେ ପୁରା କରୁଥିଲା କମ୍ପାନୀ ଦେଇଥିବା ସେଲସ୍ ଟାର୍ଗେଟ...।

ନେଇ ଆଣି ଥୋଇ ପାରୁଥିବା କଳା କୌଶଳର କ୍ରମେ ପରିପକ୍ୱତା ଲାଭ କରୁଥିଲା ସୌଭାଗ୍ୟ। ସେଇଥିପାଇଁ ତ ମେଡ଼ିସିନ୍ ରିପ୍ରେଜେଣ୍ଟେଟିଭରୁ ଏରିଆ ମ୍ୟାନେଜର ପୋଷ୍ଟ ଏବଂ ସେଇଠୁ ପୁଣି ଆଉ ଗୋଟିଏ ପାହାଚ ଡେଇଁ ରିଜିଓନାଲ ମ୍ୟାନେଜର ପୋଷ୍ଟ ଲାଭ କରିଥିଲା । ତା ସଫଳତାର କାହାଣୀ କମ୍ପାନୀରର ଅନ୍ୟ ମାନଙ୍କ ପାଇଁ ଦୃଷ୍ଟାନ୍ତ ଥିଲା। ତେଣୁ ଖାଲି ପ୍ରମୋସନ ନୁହେଁ, ପ୍ରୋତ୍ସାହନ ରାଶି ବି ଭଲରେ ଉପାର୍ଜନ କରୁଥିଲା ସେ।

ଯଦିଓ ଚାକିରିରେ ରହିଥିଲା ତା ପାଇଁ ଅନେକ ଚାପ, ଅନେକ ଚ୍ୟାଲେଞ୍ଜ ହେଲେ ବାପା ମା ପତ୍ନୀ ସନ୍ତାନ ଦୁଇଟିଙ୍କୁ ନେଇ ଖୁସିରେ ଥିଲା ତା'ର ପାରିବାରିକ ଜୀବନ।

ଆହୁରି ଆଗକୁ ଯିବା ଥିଲା ତା'ର ଲକ୍ଷ୍ୟ। ନିଜ ସ୍ୱାର୍ଥ ସାଧନ ପାଇଁ ଯେ କୌଣସି ଉପାୟ ଅବଲମ୍ବନ କରିପାରୁଥିଲା ସେ ଅନାୟାସରେ। ଯତପରୋନାସ୍ତି ଚେଷ୍ଟା କରୁଥିଲା କମ୍ପାନୀର ଗୁଡ଼ ବୁକ୍‌ରେ ରହିବାକୁ । ଯେତେବେଳେ ସମୂହ ସଫଳତା ମିଳୁଥିଲା ସେଇ ସଫଳତାର ଶ୍ରେୟ ନିଜେ ଗୋଟେଇ ନେଉଥିଲା ଚତୁରତାର ସହିତ।

କୌଣସି ମାସରେ ଯଦି ଖରାପ ସେଲସ୍ ହେଉଥିଲା କିମ୍ବା କମ୍ପାନୀର ଟାର୍ଗେଟ ପୂରଣ ହେଉ ନଥିଲା ସେତେବେଳେ ଅଧିନସ୍ଥ ରିପ୍ରେଜେଣ୍ଟେଟିଭ ଉପରେ ଦାଉ ସାଧିବାକୁ ଚେଷ୍ଟା କରୁଥିଲା। ପ୍ରାଇଭେଟ୍ କମ୍ପାନୀରେ ଚାକିରି ନାଁ କୁ ମାତ୍ର। ଆଜି ଅଛି କାଲିକୁ ନାହିଁ ! ସକାଳେ ଅଛି ସଞ୍ଜକୁ ନାହିଁ! ଏଇ ଅଛି ଏଇ ନାହିଁ, ସତେ ପାଣିର ଫୋଟକା..!

ସୌଭାଗ୍ୟର ଜୟଯାତ୍ରା କିନ୍ତୁ ଅବ୍ୟାହତ ରହିଥିଲା।

ହେଲେ କିଏ ଜାଣିଥିଲା ହଠାତ୍ ଜୀବନରେ ଏମିତି ଏକ ମୋଡ଼ ଆସିବ ବୋଲି? ସବୁକିଛି ଠିକଠାକ ଚାଲିଥିବା ବେଳେ ସୌଭାଗ୍ୟ ଦୁର୍ଘଟଣାର ଶିକାର ହେଲା। ମିଟିଂ ସରିବା ପରେ ସେଦିନ ରାତି ଦଶଟାରେ ବାଇକ୍ ଚଲାଇ ଘରକୁ ଫେରୁଥିବା ବେଳେ ରାସ୍ତା ପାର୍ଶ୍ୱସ୍ଥ ଗୋଟିଏ ଗଛରେ ପିଟିଦେଲା ଭାରସାମ୍ୟ ହରାଇ।

ସେଇ ଦୁର୍ଘଟଣା ତା ଜୀବନର ଗତିପଥକୁ ବଦଳାଇ ଦେଲା ଅକସ୍ମାତ୍। ମାର୍କେଟିଂ ଜବ୍‌ରେ ଧାଁ ଦଉଡ ନାହିଁ ତ ସେଲସ୍ ନାହିଁ। ସେଲସ୍ ନାହିଁ ତ ଟାର୍ଗେଟ ପୂରଣ ଅସମ୍ଭବ। ଛଅ ମାସ ବିଶ୍ରାମ ନେବାକୁ ପଡିଲା ତେଣୁ କମ୍ପାନୀରୁ ଛଟେଇ ହୋଇଗଲା। ଯେଉଁଠୁ ଜୀବନ ଆରମ୍ଭ କରିଥିଲା ପୁଣି ସେଇଠି ପହଞ୍ଚିଗଲା। ଏକଦମ୍ ପାରାଲାଇଜ୍।

ଘରେ ରହି ସୌଭାଗ୍ୟ ଏବେ ଟିୟୁସନ କିଛି ଯୋଗାଡ କରିବାରେ ସଫଳ ହୋଇଛି। ଜୀବନ ଅଛି ତ ସାଧନର ବି ଆବଶ୍ୟକତା ଅଛି...। ଛଅ ମାସ ପରେ ସେ ଠିକ୍ ହୋଇଯିବ ଏବଂ ଆଉଥରେ ନୂଆ କମ୍ପାନୀରେ ଯୋଗ ଦେବ ବୋଲି ସେ ଦୃଢ଼ ପରିକର ଥିଲା।

ହାରିଯିବାର ଜୀବନ, ଜୀବନ ନୁହେଁ..!!!


ଆଳି, କେନ୍ଦ୍ରାପଡା
୮୨୪୯୭୯୯୯୬୧


# ବଜେଟ


ଶ୍ରୀଧର ପଟ୍ଟନାୟକ





ବଜେଟ ବୋଲି କିଛି ଆଗରୁ ଶୁଣିଥିଲା ଧଡ୍ଡୁ । ନୂଆ ନୂଆ ରାଜନୀତି ଯେତେବେଳେ, କେତେବେଳେ କେମିତି ଟିଭି ଖୋଲି ନିଉଜ ଦେଖିବାକୁ ଏକ ପ୍ରକାର ବାଧ ହେଉଥିଲା । ଏଇ ଆଧାରରେ ସେଦିନ ବଜେଟ ଅଧିବେଶନର ଟିକିନିଖି ଖବର ରଖିଥିଲା ସେ । ହେଲେ ଯେତିକି ତା' ମଗଜରେ ପଶିଲା, ଅଧିକ ଆଉ କ'ଣ କରନ୍ତା ଯେ?

ସଂଧ୍ୟା ହେଲାବେଳକୁ ଟିଭି ଚ୍ୟାନେଲରେ ଦେଖା ହେଉଥିଲା ବଡବଡିଆଙ୍କ ମତାମତ । ମନ ଧ୍ୟାନ ଦେଇ ଧଡ୍ଡୁ ଶୁଣିଲା । ହଠାତ୍ କେହି ଜଣେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଧଡ୍ଡୁର ମୋବାଇଲରେ ଶୁଭେଚ୍ଛା ଜଣେଇଲେ । ଖୁସି ହେଲା ଧଡ୍ଡୁ।

କୁହନ୍ତୁ ଭାଇ, କ'ଣ ଖବର ? ଏଇ ଆପଣଙ୍କ ପାଖକୁ ଆସୁଥିଲି, ବଜେଟ ଉପରେ କିଛି କହନ୍ତେ।

ନିଶ୍ଚୟ ନିଶ୍ଚୟ ।

ଏତକ ସିନା ଧଡ୍ଡୁ କହିଦେଲା । ହେଲେ ଗଣମାଧ୍ୟମ ପ୍ରତିନିଧିଙ୍କ କ୍ୟାମେରା ଆଗରେ କ'ଣ କହିବ ସ୍ଥିର କରିପାରୁନଥିଲା । ତା'ର ବା ଏମିତି କ'ଣ ଧାରଣା ଅଛି ?

ଏତିକିରେ ପହଞ୍ଚିଗଲେ ଗଣମାଧ୍ୟମ ପ୍ରତିନିଧି ବନ୍ଧୁ । ସୌଜନ୍ୟ ଦୃଷ୍ଟିରୁ ଚା ପାନ ପରେ ବନ୍ଧୁ ଟିଭି ବୁମ୍ ଧଡ୍ଡୁ ମୁହଁରେ ଲଗେଇ ପଚାରିଲେ, - ଆଜ୍ଞା ନମସ୍କାର, ଆପଣଙ୍କୁ ଅମୁକ ଟିଭିର ଅମୁକ କାର୍ଯ୍ୟକ୍ରମକୁ ସ୍ୱାଗତ । କୁହନ୍ତୁ, ଏଇ ବଜେଟ୍ ସଂପର୍କରେ କ'ଣ କହିବେ ?

ସାଧାରଣ ଲୋକଙ୍କ ଉପରେ ଏହାର କ'ଣ ପ୍ରଭାବ ପଡିବ ? ଧଡ୍ଡୁ ବିଚରା ମୁହଁରେ ଚେନାଏ ହସ ଖେଳେଇଲା, ପ୍ରତି ନମସ୍କାର ଜଣେଇଲା ।

କୁନ୍ନୁ କୁନ୍ନୁ ହୋଇ କିଛି କହିଲା।

ଦେଖନ୍ତୁ ଆଜ୍ଞା, ଏଇ ବଜେଟ୍ ଭଲ ହୋଇଛି । ସରକାର ବହୁତ କିଛି କରିଛନ୍ତି ବଜେଟରେ । ନିଉଜପ୍ରିଣ୍ଟ ସି, କ୍ରୀଡା ସାମଗ୍ରୀ, ମାଇକ୍ରୋଫୋନ୍ ଇଲେକଟ୍ରିକ ଯାନ ଇତ୍ୟାଦିର ଦର କମିଲା । ମୋଟାମୋଟି ଭଲ ହୋଇଛି। ଆମ ସରକାର ଲୋକଙ୍କ ସରକାର, ଲୋକଙ୍କ ପାଇଁ କାମ କରେ ।

ଏତିକିରେ ମନେ ପଡିଲା ତାଙ୍କ ଦଳ ସେଇ ସରକାରରେ ନାହିଁ ଯିଏ ବଜେଟର ହର୍ତ୍ତା କର୍ତ୍ତା ଦୈବ ବିଧାତା । କଥାଟାକୁ ବଙ୍କେଇ କହିଲା, କ'ଣ ଅଛି ଏଇ ବଜେଟରେ । ସିଗାରେଟ୍ ଦର ବଢେଇଦେଲେ। ଖାଇବା ତେଲ, ଚୁଇଙ୍ଗ ଗମ୍, ୱାଟର ଫିଲଟର ଇତ୍ୟାଦିର ଦର ବଢ଼ିଗଲା । ସାଧାରଣ ଲୋକଙ୍କ ପାଇଁ ଏଥିରେ କିଛି ନାହିଁ । ଏଇ ସରକାର ପୁଞ୍ଜିପତିଙ୍କ ସରକାର।

ଗଣମାଧ୍ୟମ ପ୍ରତିନିଧି ଧଡ୍ଡୁର ଆକସ୍ମିକ ପଟ୍ଟ ପରିବର୍ତ୍ତନରେ ହଡବଡେଇ ଗଲେ। ସେତେବେଳେ ତାଙ୍କର ମନେ ପଡିଲା ଧଡ୍ଡୁ ବାବୁ ଯେଉଁ ଦଳରେ, ସେଇ ଦଳ କଥା କହିବେ । ପଚାରିବା ସାର । ନୂଆ ହେଉ କି ପୁରୁଣା କର୍ମୀ, ଦଳୀୟ ଶୃଙ୍ଖଳାରୁ ଓହରିବେ ନାହିଁ। ଉତ୍ତର ପ୍ରଥମରୁ ହିଁ ଜଣା ଥିଲା । ଓଲଟି ଚ୍ୟାନେଲ ମାଲିକ ସେ କଥା କାହୁଁ ବୁଝିବେ। ଚବିଶ ଘଣ୍ଟା ତାଙ୍କ ଟିଭି ଚାଲିବା ଦରକାର। ଯିଏ ଯାହା କହୁ, ତାଙ୍କର ଡୋ। ବିଚରା ଗଣମାଧ୍ୟମ ପ୍ରତିନିଧି ବନ୍ଧୁ ଛେପ ଢୋକି ଢୋକି ଧଡ୍ଡୁ ବାବୁଙ୍କୁ ଧନ୍ୟବାଦ ଦେଇ ବିଦାୟ ନେଲେ ।


କଲ୍ୟାଣସିଂହପୁର, ରାୟଗଡ
ମୋ-୯୪୩୭୭୨୧୦୮୨


ବି: ଦ୍ର : (ଏକ ଦକ୍ଷିଣ ଭାରତୀୟ ଟିଭି ଚ୍ୟାନେଲରେ ଦେଖିଥିବା ଗୋଟିଏ କାର୍ଯ୍ୟକ୍ରମ ଆଧାରରେ)

# ଭୁଲ୍


ସତ୍ୟନାରାୟଣ ପ୍ରଧାନ





ସୁଜାତା ନୂଆ ବର୍ଷ ଉପଲକ୍ଷେ ସାଙ୍ଗସାଥୀ ମାନଙ୍କ ସହିତ ବଣ ଭୋଜି କରିବାକୁ ପ୍ରଥମେ ଗାଡ଼ିରେ ଯିବା ଆସିବା ଅସୁବିଧା ହେତୁ ମନା କରିଥିଲା। ପୁଣି ତାର ମନକୁ କ'ଣ ଆସିଲା କେଜାଣି ବନ୍ଧୁ ମାନଙ୍କ ସହିତ ନବବର୍ଷରେ ସାକ୍ଷାତ ସାଙ୍ଗକୁ ବଣଭୋଜିର ଯୋଗ ଦେବାକୁ ବାହାରି ପଡ଼ିଲା । ସମସ୍ତେ ଠିକଣା ସମୟରେ ପହଞ୍ଚିବା ବେଳକୁ ବ୍ୟକ୍ତିଗତ ଭାବରେ ଅଧିକାଂଶ ଲୋକ ମାନଙ୍କର ଯୋଗ ଦେବାରେ ଅନେକ ବିଳମ୍ବ ଦେଖା ଦେଇଥିଲା । ସମସ୍ତେ ପହଞ୍ଚିଲା ବେଳକୁ ନିଜର ଅସୁବିଧା ବିଷୟରେ ଜଣାଇ ଦେଇଥିଲେ ।

ବନ୍ଧୁ ମିଳନରେ ଖୁସିରେ ଥଟ୍ଟା ମଜା କଥାବାର୍ତ୍ତା ବୁଲା ବୁଲି କରି ଫଟୋ ଶେଷ ହେବା ପରେ ଖିଆ ପିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଗଲା । ସବୁକିଛି ସରିବା ପର୍ଯ୍ୟନ୍ତ ସନ୍ଧ୍ୟା କେତେବେଳେ ଆସି ଉପନୀତ ହୋଇଥିଲା । ସମସ୍ତେ ନିଜ ଘରକୁ ଯିବା ଲାଗି ବ୍ୟସ୍ତ ହୋଇ ଯିଏ ଯେଉଁ ପ୍ରକାରେ ହେଉ ଚାଲି ଯିବାକୁ ନିଷ୍ପତ୍ତି ନେଇଥିଲେ।

ସେଇ ଝିଅଟି ଘରକୁ ଯିବା ଲାଗି ନିଜ ଆଡୁ ପ୍ରସ୍ତୁତ ହୋଇ ଯିବାକୁ ବାହାରି ପଡ଼ିଲା । ନୂଆବର୍ଷ ହୋଇ ଥିବାରୁ ହାତ ଗଣତି ଚଳ ପ୍ରଚଳ କରୁଥିବା ବସ ପ୍ରାୟ ଭଡ଼ାରେ ବାହାରକୁ ଯାଇଥିଲା । ସନ୍ଧ୍ୟା ଯାଇ ରାତି ହେବାର ଆଶଙ୍କା ତା ମନରେ ବଢ଼ି ଚାଲିଲା । କିଛି ଅସୁବିଧା ଭିତରେ ଘରକୁ ଯିବା ପାଇଁ ମନରେ ସାହସ ବାନ୍ଧି ଠିଆ ହୋଇଥିଲା ।

ଯାହା ବି ହେଉ ବଡ଼ ହଇରାଣ ଭିତରେ ଘରେ ବିଳମ୍ବିତ ରାତିରେ ଯାଇ ପହଞ୍ଚିଥିଲା । ସାଙ୍ଗସାଥୀ ମାନେ ରାତି ହେବାରୁ ନିଜ ବାଟରେ ଚାଲି ଯାଉଥିଲେ ବି ସେମାନଙ୍କ ଭିତରୁ ତାକୁ କେହି ଫୋନ୍ କରି ପଚାରିଲା ପରେ କୌଣସି ସୁଫଳ ମିଳି ପାରି ନ ଥିଲା ।

ସାଙ୍ଗସାଥୀ ମାନଙ୍କ ତରଫରୁ ଏକ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିବାକୁ ସମସ୍ତଙ୍କୁ ଅବଗତ କରା ଯାଇଥିଲା । ସମସ୍ତେ ନିଜେ ସେଠାରେ ପହଞ୍ଚି ଥିବାରୁ କର୍ମକର୍ତ୍ତାଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ । କିନ୍ତୁ ସେ ଝିଅଟି ନିଜେ ଘରକୁ ଫେରିବା ବାଟରେ ହୋଇଥିବା ଅସୁବିଧାର ସମ୍ମୁଖୀନ ପାଇଁ ପ୍ରତ୍ୟକ୍ଷ ଭାବରେ ନ ହେଲେ ବି ପରୋକ୍ଷରେ କେହି ବନ୍ଧୁ ଘରେ ପହଞ୍ଚିଲୁ କି ନାହିଁ ବୋଲି କାହିଁକି କହିଲେ ନାହିଁ ସେଥିପାଇଁ ମନଦୁଃଖ କରି କହିଥିଲା । ସନ୍ଧ୍ୟା ହେବାରୁ ତାଙ୍କ ଭଳି ସମସ୍ତେ ଯେ କୁଆଡେ ନିଜ ଘରକୁ ଯିବା ପାଇଁ ବ୍ୟସ୍ତ ତାଙ୍କର ଯିବା ଆସିବାରେ ଅସୁବିଧା ପାଇଁ କେହି ବନ୍ଧୁ ତାକୁ ଫୋନ୍ କରି ପଚାରିଲେ ମଧ୍ୟ ସେ ବ୍ୟସ୍ତ ଥିବାରୁ ଉତ୍ତର ଦେଇ ପାରି ନ ଥିଲା । ସମସ୍ତେ ତାକୁ ଜୀବନରେ ଏପରି ଯିବା ଆସିବାରେ ଦୁଃଖ କଷ୍ଟର ସମ୍ମୁଖୀନ ହେବାକୁ ପଡ଼େ ବୋଲି ବୁଝାଇ ଥିଲେ। ସେଥିପାଇଁ ତୁମେ କାହାର ସାହାଯ୍ୟ ସହଯୋଗ ଲୋଡ଼ିବାରେ କୌଣସି କ୍ଷତି ନାହିଁ ତାହା ଇଚ୍ଛା କରିଥିଲେ ବି ତାର ସମାଧାନର ରାସ୍ତା ବାହାରି ପାରିଥାନ୍ତା।

ତଥାପି ସେ କାହାର ସାହାଯ୍ୟ ନିଜ ତରଫରୁ ନ ନେଇ କରିଥିବା ଭୁଲ୍ ପାଇଁ ଅନୁତାପ କି ଅବସୋସ ଭାବନାକୁ ରାଜ୍ୟକୁ ଆପେ ଚାଲି ନ ଆସିବା ସମସ୍ତଙ୍କୁ ବେଶି ଆଶ୍ଚର୍ଯ୍ୟ କରିଥିଲା । ସମାଜରେ ମଣିଷ ନିଜେ ଭୁଲ୍ କରି ତାକୁ ସୁଧାରିବା ବଦଳରେ ସେ ଭୁଲ୍ ପାଇଁ ଅନ୍ୟମାନଙ୍କୁ ଦାୟୀ କରିବା ଗୋଟେ ସହଜ ଆଉ ଶସ୍ତା ଉପାୟ ପାଲଟି ଯିବାର ଖୋରାକ ଯୋଗାଇ ଦେଉଥିଲା। ଯାହାର ଉତ୍ତର ଅପେକ୍ଷାରେ କେବଳ ନିରବତା ବାକି ଥିଲା ।


ଯାଜପୁର
ମୋ-୯୧୭୮୩୧୩୬୪୪


# ସୁପ୍ରଭାତ..


ମନୋଜ କୁମାର ବେହେରା




ପ୍ରତ୍ୟେକ ଦିନର ଆରମ୍ଭ ସୂର୍ଯ୍ୟୋଦୟର ସହିତ ହୋଇଥାଏ । ଏହା କେବଳ ପ୍ରକୃତିର ଗୋଟିଏ ସାମାନ୍ୟ ନିୟମ ନୁହେଁ, ଏହା ଜୀବନର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ସନ୍ଦେଶ ଅଟେ । ସୂର୍ଯ୍ୟଙ୍କର ପ୍ରତ୍ୟେକ ସକାଳେ ଉଦୟ ହେବା ଏହା ଆମକୁ ମନେ ପକେଇ ଥାଏକି ବିତି ଯାଇଥିବା ସମୟ ପଛକୁ ଚାଲିଗଲାଣି ଆଉ ଆମର ପାଖରେ ନିଜର ସ୍ୱପ୍ନକୁ ସାକାର କରିବା ପାଇଁ ଆଉଗୋଟିଏ ଅବସର ଅଛି । ସୂର୍ଯ୍ୟୋଦୟ ସମୟରେ ଆକାଶରେ ବିଚ୍ଛୁରିତ ହୋଇଥିବା ଲାଲ ରଙ୍ଗର ଚମକ ନା କେବଳ ଦେଖିବାରେ ସୁନ୍ଦର ହୋଇଥାଏ,ଏହାଜୀବନରେ ସକାରାତ୍ମକତା ଆଉ ନୂଆ ଉର୍ଜାର ସଂଗ୍ରହ କରିଥାଏ । ଏହା ଆମକୁ ପ୍ରେରିତ କରିଥାଏକି ରାତି ଯେତିକି ଅନ୍ଧାରହେଉ ନା କାହିଁକି,ପ୍ରତ୍ୟେକ ଅନ୍ଧକାର ପରେ ଆଲୋକର ସମୟ ଅବଶ୍ୟ ଆସିଥାଏ । ସୂର୍ଯ୍ୟୋଦୟ ଆମକୁ ଏହା ଶିଖେଇଥାଏକି ପ୍ରତ୍ୟେକ ଦିନକୁ ଗୋଟିଏ ନୂଆ ଅବସର ପରି ଦେଖ । ବିତି ଯାଇଥିବା କାଲିକୁ ନିଜଭୁଲ୍ ମାନିକରି ଆମକୁ ନିଜ ଆଡୁ ସୁନ୍ଦର ବନେଇବାର ଚେଷ୍ଟାକରିବା ଜରୁରୀ ଜୀବନରେ ତେଣିକି ଯେତେ କଠିନତା ଆସୁ, ସୂର୍ଯ୍ୟୋଦୟ ଆମକୁ ଏହି ଭରସା ଦେଇଥାଏକି ପ୍ରତ୍ୟେକ ସମସ୍ୟାର ସମାଧାନ ଅଛି । ଏହା ଆମକୁ ନିରାଶାରୁ ବାହାରିବା ପାଇଁ ପ୍ରେରଣା ଦେଇଥାଏ । ସୂର୍ଯ୍ୟ ପ୍ରତ୍ୟେକ ଦିନ ବିନା ଅଟକି ନିଜର ଯାତ୍ରାରେ ବାହାରିଥାଏ । ଏହା ଆମକୁ ଶିଖେଇଥାଏ କିସଫଳତା ପାଇବା ପାଇଁ ନିଜର ପ୍ରୟାସ କରିବା ଆବଶ୍ୟକ ଅଟେ । ପ୍ରତ୍ୟେକ ଦିନ ସକାଳେ,ଯେତେବେଳେ ଆମେ ସୂର୍ଯ୍ୟଙ୍କର ପ୍ରଥମ କରିଣକୁ ଦେଖନ୍ତି, ଆଉ ଏହା ଭାବନ୍ତିକି ଏହି ଦିନ ଆପଣଙ୍କ ପାଇଁ କେତେ ମୂଲ୍ୟବାନ ଅବସର ନେଇକରି ଆସିଥାଏ । ନିଜର ଲକ୍ଷ୍ୟ ଆଡକୁ ଆଉ ପାଦେ ବଢିବା ଆଉ ନୂଆ ଉର୍ଜାର ସହିତ ନିଜର ଉତ୍ତରଦାୟିତ୍ୱକୁ ମଧ୍ୟ ନିର୍ବାହ କରିବା ସୂର୍ଯ୍ୟୋଦୟ କେବଳ ଗୋଟିଏ ପ୍ରାକୃତିକ ଘଟଣା ନୁହେଁ, ଏହା ଗୋଟିଏ ଭାବନା ଅଟେ ଯାହା ଆମକୁ ଜୀବନ ଜୀଇଁବାର ସଠିକ୍ ପ୍ରଣାଳୀ ଶିଖେଇ ଥାଏ । ଏହା ଆମକୁ ପ୍ରେରିତ କରିଥାଏ କି ପ୍ରତ୍ୟେକ ଦିନ ଗୋଟିଏ ନୂଆ ଆରମ୍ଭ ଅଟେ । ସେଥିପାଇଁ ଯେବେ ସୂର୍ଯ୍ୟୋଦୟ ଦେଖ, ନିଜ ଭିତରେ ଏହି ବିଶ୍ୱାସ ଉଜାଗର କରକି ଆପଣ ଯାହା ଚାହିଁବେ,ତାହା ହାସିଲ କରିପାରିବେ । ଏହି ଦୁନିଆ ନୂଆ ଆଶା ଆଉ ସମ୍ଭାବନାରେ ଭରି ହୋଇରହିଛି। ବାସ୍! ଆପଣଙ୍କୁଏହ ଚିହ୍ନଟ ଆଉ ଆପଣେଇବା ଜରୁରୀ ।


ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠଲେନ୍, ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧


# ଉଦାହରଣ


ସୁଦର୍ଶନ ମହାପାତ୍ର


ପ୍ରଦୀପ ସାର୍ ସରକାରୀ ସ୍କୁଲରେ ଶିକ୍ଷକତା କରନ୍ତି। ସ୍କୁଲକୁ ଯିବା ଆଗରୁ ଏବଂ ସ୍କୁଲରୁ ଫେରିବା ପରେ ଟିୟୁସନ କରନ୍ତି। ସାର୍ ଫିଜିକ୍ସ ପଢାନ୍ତି। ଭଲ ଶିକ୍ଷକ ହିସାବରେ ସାରଙ୍କର ଯେମିତି ନାଁ ଅଛି ସେମିତି ଭଲ ପାଉଣା ନେବାରେ ସାରଙ୍କର ମଧ୍ୟ ନାଁ ଅଛି।

ଯେହେତୁ ପ୍ରଦୀପ ସାର ମୋର ଚିହ୍ନା, ଝିଅକୁ ଫିଜିକ୍ସ ଟିୟୁସନ ପଢାଇବାକୁ ସାରଙ୍କୁ ଅନୁରୋଧ କରିବାକୁ ମୋର ବନ୍ଧୁ ସୁବ୍ରତ ମୋତେ ଦାୟିତ୍ୱ ଦେଲା। ଅତଏବ ଦିନେ ପ୍ରଦୀପ ସାରଙ୍କୁ ସବୁ ବିଷୟରେ କହିଲି। ସାର୍ ପ୍ରଥମେ ଝିଅଟିର ବାପା ମା'ଙ୍କ ବିଷୟରେ ପଚାରିଲେ।

ମୋ ଠାରୁ ଉତ୍ତର ପାଇବା ପାଇବା ପରେ ପୁଣି ପଚାରିଲେ 'ସେ କେମିତି ପଢିବ?' ଏମିତିକା ପ୍ରଶ୍ନ ମୋତେ ଆଶ୍ଚର୍ଯ୍ୟାନ୍ୱିତ କରିଦେଲା। ସେ ବୋଧହୁଏ ମୋ ମନସ୍ତତ୍ତ୍ୱକୁ ପଢିପାରିଲେ।

ମୋତେ ଉଦାହରଣ ଛଳରେ କହିଲେ ତାଙ୍କର ମନକଥା।

ମକା ବ୍ୟବସାୟ କରୁଥିବା ଲୋକଟିଏ ଗୋଟିଏ ମକାକୁ କୋଡ଼ିଏ ଟଙ୍କା ଦରରେ ବିକ୍ରି କରେ। ଯଦି ତୁମେ ଚାହିଁବ ସେ ପୋଡ଼ି କରି ଦେବ ତ ସେଇ ମକାକୁ ନେବ ପାଞ୍ଚ ଟଙ୍କା ଅଧିକା। 'ନବ ନା ନାହିଁ?' କଥା ମଝିରେ ପଚାରିଲେ ସାର। ମୁଁ 'ହଁ' ରେ ହଁ ସମ୍ମତି ଜଣାଇଲି। ଆଉ ସେଇ ପୋଡା ମକାକୁ ସେ ଯଦି ଲେମ୍ବୁ ମସଲା ଆଦି ଦେଇ ସ୍ୱାଦିଷ୍ଟ କରି ବିକ୍ରି କରେ ଆଉ ପାଞ୍ଚ ଟଙ୍କା ଅଧିକା, ଅର୍ଥାତ ତିରିଶ ଟଙ୍କାରେ ବିକ୍ରି କରିବାକୁ ବାଧ। 'ହେଲେ ଟିୟୁସନ ପଢିବା ସହିତ ଏ ଉଦାହରଣର ସମ୍ପର୍କ କ'ଣ?' ମନେ ମନେ ଗୁଣି ହେଉଥିଲି।

-'ବୁଝି ପାରିଲେନି ବୋଧହୁଏ। ଯଦି ଭଲଭାବରେ ପୃଷ୍ଠାକୁ ପୃଷ୍ଠା ପଢାଏ ମୁଁ ନିଏ ଘଣ୍ଟା ପିଛା ପାଞ୍ଚଶହ ଟଙ୍କା। ପାଠପଢ଼ା ସହ ଯଦି ନୋଟସ୍ ଦେବି ତେବେ ସେଦିନ ନେବି ଛଅଶହ ଟଙ୍କା। ଆଉ ଯଦି ଖାଲି ଡାଉଟ କ୍ଲିଅର କରିବାକୁ ଯିବି ବେଶୀ ଦିନ ଯିବା ଦରକାର ନାହିଁ ତ କ୍ଲାସ ପିଛା ସାତ ଶହ ନେବି।' ଏଥର ମୁଁ ଭଲଭାବରେ ବୁଝିଗଲି ସାର୍‌ଙ୍କ ବ୍ୟବସାୟିକ ଭିତ୍ତିରେ ଟିୟୁସନ ପଢାଇବାର ରହସ୍ୟ। ତଥାପି ହାଁ ହୋଇ ତାଙ୍କ ଆଡକୁ ଚାହିଁଥିଲି ତ ସାର୍ ମୁରୁକି ହସିଲେ।


କୁଞ୍ଜବିହାରୀ ଲେନ, କଟକ


# ସାତଜନ୍ମର ବନ୍ଧୁ


ସୁନନ୍ଦା ମହାନ୍ତି


ବନ୍ଧୁ, ମିତ, ସଖା, ସହୋଦର ଭିତରେ କିଏ ନିଜର ଜାଣିବା ଭାରି ମୁସ୍କିଲ। ଗୋଟେ ଝିଅର ବନ୍ଧୁ ହୋଇପାରେ ଗୋଟେ ଝିଅ ଅବା ପୁଅ। ଝିଅଟି ବସିଥିବା ମକର, ବଉଳ, ମିତ ତାର ଜୀବନ ସାରା ପାଇଁ ନିଜର ହୋଇ ରହିଯାଏ, ସହୃଦୟତାର ସହ ଟିକେ ମନକଥା ଶୁଣିବା ପାଇଁ। ଯେମିତି ବଉଳ ବସିଥିଲେ ମିତା ଓ ପୁତୁଲ। ମିତା ଧନୀ ଘରର ଝିଅ ଥିଲାବେଳେ ପୁତୁଲ ଥିଲା ଗରୀବ। କିନ୍ତୁ ସ୍କୁଲରେ ପଢିବା ଠାରୁ ଆଜି କଲେଜରେ ପଢିବା ଯାଏଁ ଦୁହିଁଙ୍କ ଭିତରେ ମିତ୍ରତା। ମିତା ବହୁତ ସୁନ୍ଦରୀ ଥିଲା। ତା ପଛରେ ବହୁତ ପୁଅ ପଡୁଥିଲେ ମଧ ସେ କାହାରି ଆଡକୁ ଆଡ଼ ଆଖିରେ ଚାହୁଁନଥିଲା ବରଂ ତା ବଉଳ ପୁତୁଲର ଜର ହେଉଥିବାରୁ ସେ କେମିତି ପଢାପଢି କରିବ ସେଇ ଚିନ୍ତାରେ ସେ ବଉଳକୁ ଔଷଧ ପତ୍ର ଦେଇ ତା ପାଖରେ ବଡ଼ ପାଟିରେ ପାଠ ପଢୁଥିଲା ଯେମିତିକି ନିଜେ ଉପକୃତ ହେବା ସହ ବଉଳ ମଧ ହୋଇପାରିବ। ପରୀକ୍ଷା ଦେଇ ରେଜଲ୍ଟ ବାହାରିବା ଦିନ ବଉଳ ପୁତୁଲକୁ ଫାଷ୍ଟ ହୋଇଥିବାର ଦେଖି ମିତା ସେଦିନ ଏତେ ଖୁସି ହୋଇଯାଇଥିଲା ଯେ ସବୁ ସାଙ୍ଗମାନଙ୍କୁ ମୋମୋ ଖୁଆଇଥିଲା। ମିତାର ସେ ଖୁସି ରହିନଥିଲା ଯେବେ ବଉଳକୁ ଅଟୋରେ ବସେଇ ସେ ଫେରୁଥିଲା। ଘେରିଗଲେ ଆସାମାଜିକ ଯୁବକ କେଇଜଣ କିଏ କହୁଥିଲା ଖାଲି ମିତଣୀ କଥା ବୁଝିଲେ ହେବ କି ଆମ ଆଡ଼େ ଟିକେ ଦୃଷ୍ଟି ଦିଅ ତ କିଏ କହୁଥିଲା ଏବେ କୋଉ ମିତଣୀ ଆସି ପିଠିରେ ପଡିବ ପଢୁ ଇତ୍ୟାଦି ଅଶ୍ଳୀଳ ମନ୍ତବ୍ୟ ଭିତରେ ମିତାର ଆର୍ତ୍ତ ଚିତ୍କାର କାହାକୁ ଶୁଭୁଥିଲା କି ନଥିଲା ବିଚ ରାସ୍ତାରେ ତାର ଇଜ୍ଜତ ନୀଲାମ ହୋଇଗଲା ବେଳେ ପାଖ ହୋଟେଲରେ କାମ କରୁଥିବା ଲେଙ୍ଗଡ଼ା ଯୁବକ ଜଣକ ଛୋଟେଇ ଛୋଟେଇ ତାକୁ ରକ୍ଷା କରିବାକୁ ଧାଇଁ ଆସିଲା ବେଳକୁ ଦୁର୍ବୃତ୍ତ ଚାରିଜଣଜାକ ଖସିଯାଇଥିଲେ କିନ୍ତୁ ଛୋଟା ଯୁବକକୁ ପୋଲିସ ବାନ୍ଧିନେଇଥିଲା। ମିତା କେମିତି ଘରେ ପହଁଚିଲା ସେ ନିଜେ ବି ଜାଣିନଥିଲା । ଏତେସବୁ ତା ଜୀବନରେ ଘଟିଗଲା ବେଳେ ବଉଳର ଦେଖା ନଥିବା ଦେଖି ମିତା ଅସହାୟତା ଓ ଆତ୍ମଗ୍ଲାନିରେ ଜର୍ଜରିତ ହୋଇ କାନ୍ଦିବା ଛଡା ଉପାୟ ନଥିଲା। ସେଦିନ ଯେବେ ଖବରକାଗଜରୁ ଦୋଷୀକୁ ଫାସୀ ବା ଆଜୀବନ ଜେଲ ଦଣ୍ଡ ହୋଇଯିବାର ଖବର ଶୁଣି ବାପା ଆତ୍ମସନ୍ତୋଷର ସହ ବୋଉକୁ କହୁଥିଲେ ଦେଖିଲତ ଏ ଧର୍ମଦାଣ୍ଡରେ ଆମ ଝିଅର ଇଜ୍ଜତ ନେଇଥିବା ସେ ଛୋଟା ପିଲାଟାକୁ ଉପଯୁକ୍ତ ଦଣ୍ଡ ମିଳିବାକୁ ଯାଉଛି, ଆଜି କୋର୍ଟରେ ଅନ୍ତିମ ନିର୍ଦ୍ଦେଶ ମିଳିଯିବ । ମିତାର କର୍ଣ୍ଣ ପଟଲ ଫାଟି ଯାଉଥିଲା। ବାପା ମାଆଙ୍କ ଅଲକ୍ଷରେ ସେ ଦୌଡ଼ିଥିଲା କୋର୍ଟକୁ। ସାକ୍ଷୀ ଦେଇଥିଲା ଏ ଛୋଟା ଯୁବକ ଦୋଷୀ ନୁହେଁ ଆଜ୍ଞା ଦୋଷୀ ଏଇ ଯୁବକ ମାନେ କହି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା କୋର୍ଟରେ ଆରାମରେ ବସି ରାୟ ଶୁଣୁଥିବା ସେହି ଚାରିଜଣ ବଡବଡିଆ ବୋଲାଉଥିବା ବଡ଼ପଣ୍ଡାଙ୍କ ସୁପୁତ୍ର ଚାରିଜଣଙ୍କ ଆଡକୁ ତ ବଦଳି ଗଲା ରାୟ। ଉଠି ଖସି ପଳାଉଥିବା ସେହି ଯୁବକ ଚାରିଜଣଙ୍କୁ ମାଡି ବସିଥିଲା ପୋଲିସ। ପ୍ରମାଣକୁ ଆହୁରି ମଜଭୁତ କରିବାକୁ ମିତା ବିବସ୍ତ୍ରା ହୋଇ ସେମାନଙ୍କ ନଖ ଓ ଦାନ୍ତର ଆଘାତ ଦେଖାଇବାକୁ ପଛେଇନଥିବା ବେଳେ ପଛରୁ ପୁତୁଲର ପାଟି ଶୁଭୁଥିଲା ସେ କହୁଥିଲା ମୁଁ ସାକ୍ଷୀ ଅଛି ଆଜ୍ଞା। ମୁଁ ନିଜ ଆଖିରେ ଦେଖିଛି ସେ ଦୃଶ୍ୟ କହି କାଠଗଡା ଭିତରେ ମିତାକୁ ବିବସ୍ତ୍ର ହେବାରୁ ନିବୃତ୍ତ କରିଥିଲା ପୁତୁଲ। ରାକ୍ଷୀ ପୂର୍ଣ୍ଣମୀ ଦିନ ସେହି ଛୋଟା ଭାଇ ହାତରେ ମିତା ବାନ୍ଧିଥିଲା ରାକ୍ଷୀ। ମିତାର ବାପା ମାଆ ଭାଙ୍ଗି ପଡିଥିଲା ବେଳେ ମିତା ସେହି ରକ୍ଷାକାରୀ ଯୁବକ ରମେଶକୁ ନେଇ ଘରେ ପହଞ୍ଚିଥିଲା। ବାପା ମାଆ ମୁଣ୍ଡ ଉଠାଇ ଚାହିଁପାରୁନଥିଲେ ତ ମିତାର ସାନ ଭଉଣୀ କହିଥିଲା ଭାଇଟିଏ ଆମ ଘରକୁ ଆସିଛି ମାଆ, ତାକୁ ଅନ୍ତତଃ ସ୍ୱାଗତ କରି ଖୁସି ହୁଅ ଥରେ। ହସୁଥିଲେ ବାପା ଶୁଖିଲା ହସ ଆଉ ରୀତା, ଭାଇ ହାତରେ ବାନ୍ଧୁଥିଲା ରାକ୍ଷୀ। ସେଦିନ ଅଭିନବ ବାବୁ ଉଦାସ ଆଖିରେ ଚାହିଁ ରହିଥିଲେ ବାହାରକୁ। ବରକୋଳିଆ ଟୋପା ସବୁ ଖସୁଥିଲା ଆକାଶରୁ ତ ରାସ୍ତା ଦିଶୁଥିଲା ଧୂଆଁ ଧୂଆଁ। ଠିକ ଏତିକି ବେଳେ ରେନକୋର୍ଟ ପିନ୍ଧି ଚାରିଜଣ ଯୁବକ ଯାହାକୁ ଧକ୍କା ଦେଇଗଲେ ତାଙ୍କୁ ରକ୍ଷା କରିବାକୁ ଏକରକମ ଦୌଡୁଥିଲେ ଅଭିନବ। ସ୍ତ୍ରୀ କହୁଥିଲେ ବଡ଼ଝିଅର ଭବିଷ୍ୟତ ତ ନଷ୍ଟ ହୋଇସାରିଛି ପୁଣି କାହିଁକି ଝାମେଲାରେ ପଶିବ। ପୋଲିସ ଅଛି ତା କର୍ତ୍ତବ୍ୟ କରିବ। ସାନଝିଅଟା ଅନ୍ତତଃ କଲେଜ ଯିବା ଆସିବା କରୁ ଭଲରେ। ଅଭିନ୍ନ ପ୍ରତିବାଦ କରିବା ପୂର୍ବରୁ ପୋଲିସ ପହଞ୍ଚି ନେଇଯାଇଥିଲା ପଡୋଶୀ ଦିବାକରବାବୁଙ୍କୁ। ଭଗବାନଙ୍କ ଦୟାରୁ ବଞ୍ଚିଯାଇଥିଲେ ଦିବାକରବାବୁ। ସେଦିନ ସ୍ତ୍ରୀଙ୍କ ବାରଣ ଯୋଗୁଁ ରାସ୍ତାରୁ ଉଠେଇ ନିଜେ ସାହାଯ୍ୟ ସହଯୋଗ ନକରିପାରିବା ଗ୍ଳାନିରେ ଅହରହ ଜଳୁଥିବା ଅଭିନବ ବାବୁ ପଡୋଶୀ ଦିବାକରବାବୁଙ୍କୁ ଦେଖାକରିବାକୁ ହସ୍ପିଟାଲରେ ପହଞ୍ଚିଥିଲେ। ଖଣ୍ଡିଆ ଖାବେରା ତଥାପି ଶୁଖି ନଥିଲା ଦିବାକରବାବୁଙ୍କର କିନ୍ତୁ କଥାବାର୍ତ୍ତା କରିବା ସହ ବସିଲେଣି ଟିକେ। ଅଭିନବ ବାବୁଙ୍କୁ ଦେଖି କହିଲେ ପଡୋଶୀ ପଡୋଶୀ ଜୀବନ ଜୀବନକୁ ବନ୍ଧୁ ପରି। ମୋରି ଆଖି ସାମ୍ନାରେ ଝିଅଟାକୁ ମୋର ଆଶ୍ଳୀଳ ଇଂଗିତ କରିବେ ପୁଣି ଭାଇଟାର ପ୍ରତିବାଦ କରିବାରୁ ତାକୁ ମଡ଼େଇ ଦେବାକୁ ଆସୁଥିବା ବେଳେ ମୁଁ ମୋ ବାଇକ ଭରିକରି ରମେଶକୁ ରକ୍ଷା କରିବାକୁ ଯାଇ ମୋର ଏ ଅବସ୍ଥା ସିନା ହେଲେ ପ୍ରଭୁଙ୍କ ଦୟାରୁ ଝିଅଟା ତ ରକ୍ଷା ପାଇଗଲା। କୋଉ ଝିଅ ଓ କୋଉ ରମେଶ କଥା ଆପଣ କହୁଛନ୍ତି ଦିବାକରବାବୁ? ପଛରୁ ସ୍ତ୍ରୀ, ସାନ ଝିଅ ରୀତା ଓ ଛୋଟା ପୁଅ ରମେଶ କହୁଥିଲେ ଆମେ ସମସ୍ତେ କୋର୍ଟରେ ସାକ୍ଷୀ ଦେବାକୁ ପ୍ରସ୍ତୁତ ହୋଇସାରିଛୁ ଅଙ୍କଲ। ସତ କେବେ ଲୁଚି ରହେନା। ସ୍ତ୍ରୀଙ୍କୁ ଚାହିଁ ଆଶ୍ଚର୍ଯ୍ୟ ପ୍ରକଟ କଲାବେଳେ ସେ ଏବର୍ଷର ରାକ୍ଷୀଟିକୁ ବାନ୍ଧୁଥିଲେ ଦିବାକରବାବୁଙ୍କ ହାତରେ। ମିତା ଓ ତା ବଉଳ ପୁତୁଲ ପହଞ୍ଚି ତାଳି ମାରୁଥିଲେ। ଦିବାକର ବାବୁ ଭଲ ହୋଇ ଘରକୁ ଫେରିବା ପରେ ସ୍ୱାମୀ ସ୍ତ୍ରୀ ଦୁହେଁ ଅଭିନବ ବାବୁଙ୍କ ଘରକୁ ଆସି ତାଙ୍କ ବଡ଼ଝିଅ ମିତାର ହାତ ମାଗିଥିଲେ ତାଙ୍କ ବଡ଼ପୁଅ ପାଇଁ ତ ଏକରକମ ଚମକି ପଡ଼ିଥିଲେ ଅଭିନବ ବାବୁ। ମିତାର ମାଆ କହିଥିଲେ ଏତେ ଭାଗ୍ୟର ଅଧିକାରୀ ଆମେ ହୋଇନଥିବା ସ୍ଥଳେ ଆଜି ଆପଣ ଦୁହେଁ ଆମକୁ ସୁଭାଗ୍ୟର ଡୋର ଧରେଇ ଦେଇଛନ୍ତି।ଏଥର କୁହନ୍ତୁ ଆପଣଙ୍କ ଯୌତୁକ ବିଷୟରେ। ଦିବାକର ବାବୁ କହୁଥିଲେ ଯେ ତାଙ୍କ ସ୍ତ୍ରୀ ଯୋଉଠି ତାଙ୍କ ପୁଅ ପାଇଁ ବୋହୂ ଠିକ କରିଥାନ୍ତେ ଯୌତୁକ ବାବଦରେ ଏକ ଲିଷ୍ଟ ମାଗିଥାଆନ୍ତେ। ଅଭିନବ ଓ ତାଙ୍କ ସ୍ତ୍ରୀ କହୁଥିଲେ ଦିଅନ୍ତୁ ସେ ଲିଷ୍ଟ, ତାହା ଅନୁଯାୟୀ ସବୁ ଜିନିଷ ଆମେ ଯୋଗାଡ଼ କରିଦେବୁ। ହସି ହସି ଦିବାକର ବାବୁ ଓ ତାଙ୍କ ପତ୍ନୀ କହୁଥିଲେ ଏଠାରେ ତାହାର ଆବଶ୍ୟକତା ନାହିଁ କାରଣ ଆପଣଙ୍କ ଝିଅର ପସନ୍ଦ ଅପସନ୍ଦର ଲିଷ୍ଟ ତ ଆମେ ଜାଣୁ ସମୁଦୀ। କୃତ୍ୟ କୃତ୍ୟ ମନେକରି ନିଜକୁ ଅଭନବ ବାବୁ କହୁଥିଲ ଆପଣ ଦୁହିଁଙ୍କ ନିକଟରେ ଆମେ ଚିର ଋଣୀ କିନ୍ତୁ ଆପଣଙ୍କ ପୁଅ ଏହି ବାହାଘରରେ ରାଜି ତ! ଏକଥା ଶୁଣି ମିତା ସେଠୁ ଲାଜେଇ ଚାଲିଯିବା ପରେ ଦିବାକର ବାବୁ କହିଥିଲେ ଦୁହେଁ ଦୁହିଁଙ୍କୁ ପିଲାଦିନୁ ଭଲପାଆନ୍ତି ବୋଲି କଣ ମୁହଁ ଖୋଲି କହିବାକୁ ପଡିବ ଅଭିନବ ବାବୁ! ଅଭନବ ବାବୁଙ୍କ ଭାଗ୍ୟରେ ଆଜି ଏମିତି ସୂର୍ଯ୍ୟୋଦୟ ଘଟିବ ବୋଲି ସେ ଭାବି ପାରୁନଥିବା ବେଳେ ଦିବାକର ବାବୁ କହିଥିଲେ ମୋର ଆଉ ଏକ ସର୍ତ୍ତ ଅଛି। ଚମକି ପଡିଲେ ଅଭିନବ। ଡରି ଡରି କହିଲେ ଗୋଟିଏ କାହିଁକି କେତୋଟି ସର୍ତ୍ତ ଅଛି କୁହନ୍ତୁନା? ଦିବାକର ବାବୁ କହୁଥିଲେ ହଁ ସର୍ତ୍ତ ଗୋଟିଏ ମୋ ନିଜ ସ୍ୱାର୍ଥରେ ଅନ୍ୟଟି ଆପଣଙ୍କ ସ୍ୱାର୍ଥରେ। କୁହନ୍ତୁ ଆଜ୍ଞା। ଆଜ୍ଞା ନୁହେଁ ବନ୍ଧୁ ଅଭିନବ ବାବୁ ଜୀବନ ଜୀବନ ବନ୍ଧୁ ହୋଇ ରହିବାକୁ ମୋ ସାନପୁଅ ପାଇଁ ଆପଣଙ୍କ ସାନଝିଅ ରିତାର ହାତ ମଧ୍ୟ ମତେ ଦରକାର। ଏଥିରେ କ'ଣ ଆପଣଙ୍କ ପୁଅର ସମ୍ମତି ଅଛି? ନିଶ୍ଚୟ ଅଛି। ଆପଣ ଭାଗ୍ୟବାନ ବୋଲି ଏମିତି ଦୁଇଝିଅ ପାଇଛନ୍ତି। ଶିକ୍ଷା ଦୀକ୍ଷା, ସଂସ୍କାର, ପରମ୍ପରାକୁ ଗୁରୁତ୍ୱ ଦେବା ସହ ଅନ୍ୟର ମଙ୍ଗଳ କରୁଥିବା ଓ ସବୁ ଶ୍ରେଣୀର ମଣିଷଙ୍କୁ ଏକାପରି ଶ୍ରେୟ ଦେଉଥିବା ଝିଅ ଦୁହେଁ ମିତା ରୀତାଙ୍କ ଠାରୁ ଭଲ କିଏ ଅଛି? ଏମିତି କହି ମତେ ଆଉ ଲଜ୍ଜିତ କରନ୍ତୁନି ଆଜ୍ଞା କହି ଅଭିନବ ଅଟକି ଯାଇଥିଲେ ତ ଦିବାକର ବାବୁ କହୁଥିଲେ ଏଥର ଆପଣ ରୀତାର ସମ୍ମତି ବୁଝି ଜଣାନ୍ତୁ।

ଅଭିନବ ଯେବେ ରୀତାକୁ ପଚାରିଥିଲେ ସେ ବାପାଙ୍କୁ କହିଥିଲା ଏ ପ୍ରସ୍ତାବରେ ସେ ଏକମତ କିନ୍ତୁ ତାର ମଧ ଗୋଟେ ସର୍ତ୍ତ ଅଛି। ବାପା ଅଭିନବ ବାବୁ ଡରି ଡରି ପଚାରିଲେ କହ ମାଆ ତୋର କୋଉ ସ୍ୱାର୍ଥର ସର୍ତ୍ତ ଟିକେ ଶୁଣା ତ ରୀତା କହୁଥିଲା ବାପା ଆପଣଙ୍କର ଆମେ ଦୁଇ ଝିଅ ସହ ଆମର ଗୋଟେ ଭାଇ ଅଛି। ଆମ ଦୁହିଁଙ୍କ ସହ ତାଙ୍କର ସମାନ ଅଧିକାର ଅଛି। ଦ୍ୱିତୀୟରେ ତାଙ୍କର ମଧ ବାହାଘର ହେବା ଦରକାର। ସମସ୍ତଙ୍କ ମୁହଁ ଉଜ୍ଜ୍ୱଳ ଦିଶିଲା ସତ ହେଲେ ଏଡ଼େ ଚଞ୍ଚଳ ଝିଅ ଖୋଜି ଏକା ସଙ୍ଗେ ତିନି ଭାଇ ଭଉଣୀଙ୍କର ବାହାଘର କେମିତି ହେବ? ହେବ ବାପା ଆପଣ ଓ ବୋଉ ରାଜି ହେଲେ ସବୁ ହୋଇପାରିବ। ରୀତା କହୁଥିଲା ଅପାର ବଉଳ ପୁତୁଲଅପାଠାରୁ ଭଲ ଝିଅ ଭାଇ ପାଇଁ ଆଉ କିଏ ହେବ! ସମସ୍ତେ ତାଳି ମାରୁଥିଲା ବେଳେ ଅଭିନବ ବାବୁ କହୁଥିଲେ ପୁତୁଲ କଣ ମୋ ଦିବ୍ୟାଙ୍ଗ ପୁଅକୁ ବାହା ହୋଇ ଏ ଘର ସମ୍ଭାଳିବାକୁ ରାଜି ହେବ? ସେସବୁ କଥା ଆମେ ବୁଝିବୁ ବାପା ଆପଣ କେବଳ ଭାଇ ଭାଉଜଙ୍କୁ ଜୀବନ ଜୀବନ ପାଇଁ ବନ୍ଧୁ ହେବାକୁ ଦିଅନ୍ତୁ ଦେଖିବେ ଏଘର ସ୍ୱର୍ଗ ହୋଇଯିବ. ରସିକତା କରି ଦିବାକର ବାବୁ କହୁଥିଲେ ନହେଲେ ତ ଜୀବନ ଜୀବନ ପାଇଁ ଆମେ ସବୁ ପଡୋଶୀ ବନ୍ଧୁ ହୋଇ ଅଛୁ ନା। ଅଶୋକ ସେହି ସମୟରେ ପହଞ୍ଚିଥିଲା ଓ ସବୁକଥା ଶୁଣି ତା ମୁହଁ ମଧ ରଙ୍ଗା ପଡିଗଲା। ଏବେ ସମସ୍ତେ ପୁତୁଲ ଘର ଅଭିମୁଖେ ଯାତ୍ରା କରୁଥିଲେ।


ସାକ୍ଷୀଗୋପାଳ, ପୁରୀ
ମୋ-୯୦୪୦୯୭୭୩୨୭

# ଆରସିବିର ଅଧିନାୟକ ହେଲେ ରଜତ ପଟିଦାର




**ବେଙ୍ଗାଲୁରୁ**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ ୨୦୨୫ ପାଇଁ ରଜତ ପଟିଦାରଙ୍କୁ ଅଧିନାୟକ ନିଯୁକ୍ତ କରିଛି। ବିରାଟ କୋହଲିଙ୍କୁ ପୁଣି ଥରେ ଦଳର ଅଧିନାୟକ କରାଯିବ ବୋଲି ବହୁତ ଆଲୋଚନା ହେଉଥିଲା କିନ୍ତୁ ଏହା ହୋଇନାହିଁ। ଦଳ ପଟିଦାରଙ୍କୁ ଅଧିନାୟକତ୍ୱ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଛି। ପଟିଦାର ୨୦୨୧ ମସିହାରେ ଆରସିବିରେ ଯୋଗ ଦେଇଥିଲେ। ସେବେଠାରୁ ସେ ଦଳର ଏକ ଅଂଶ ଅଛନ୍ତି।

ଆଇପିଏଲ ୨୦୨୫ର ମେଗା ନିଲାମ ପୂର୍ବରୁ ଆରସିବି କେବଳ ତିନି ଜଣ ଖେଳାଳିଙ୍କୁ ରିଟେନ୍ କରିଥିଲା, ଯେଉଁଥିରେ ରଜତ ପଟିଦାର ମଧ୍ୟ ଥିଲେ। ଦଳ ପଟିଦାରଙ୍କୁ ୧୧ କୋଟି ଟଙ୍କାରେ ମୂଲ୍ୟରେ ଦଳରେ ରଖିଥିଲା। ପଟିଦାରଙ୍କ ବ୍ୟତୀତ, ଆରସିବି ବିରାଟ କୋହଲି ଏବଂ ଯଶ ଦୟାଲଙ୍କୁ ଦଳରେ ରଖିଥିଲା। କୋହଲିଙ୍କୁ ୨୧ କୋଟି ଟଙ୍କା ଏବଂ ଯଶ ଦୟାଲଙ୍କୁ ୫ କୋଟି ଟଙ୍କାରେ ରିଟେନ୍ କରିଥିଲା।

ପ୍ରଶଂସକମାନେ ନୂତନ ଅଧିନାୟକ ରଜତ ପଟିଦାରଙ୍କ ସହିତ ଆଇପିଏଲ ୨୦୨୫ରେ ପ୍ରଥମ ଆଇପିଏଲ ଟାଇଟଲ ପାଇଁ ଆଶା କରିବେ। ପଟିଦାର ଏପର୍ଯ୍ୟନ୍ତ ଆରସିବି ପାଇଁ ଜଣେ ବ୍ୟାଟ୍‌ସମ୍ୟାନ୍ ଭାବରେ ଚମତ୍କାର ପ୍ରଦର୍ଶନ କରିଛନ୍ତି, କିନ୍ତୁ ଏବେ ଦେଖିବା ଆକର୍ଷଣୀୟ ହେବ ଯେ ସେ ଜଣେ ଅଧିନାୟକ ଭାବରେ ଦଳ ପାଇଁ କିପରି ପ୍ରଦର୍ଶନ କରୁଛନ୍ତି।

ସୂଚନାଯୋଗ୍ୟ ଯେ ରଜତ ପଟିଦାର ୨୦୨୧ ମସିହାରେ ଆରସିବି ପାଇଁ ଖେଳି ଆଇପିଏଲରେ ଡେବ୍ୟୁ କରିଥିଲେ। ପଟିଦାର ଏପର୍ଯ୍ୟନ୍ତ କେବଳ ଆରସିବିର ଅଂଶ ହୋଇଆସିଛନ୍ତି। ସେ ତାଙ୍କ ଆଇପିଏଲ କ୍ୟାରିୟରରେ ଏପର୍ଯ୍ୟନ୍ତ ୨୭ଟି ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚ୍‌ର ୨୪ଟି ଇନିଂସରେ ସେ ୩୪.୭୩ ହାରରେ ଏବଂ ୧୫୮.୮୪ ଷ୍ଟ୍ରାଇକ୍ ରେଟ୍‌ରେ ୭୯୯ ରନ୍ କରିଥିଲେ। ଏହି ସମୟ ମଧ୍ୟରେ ସେ ଗୋଟିଏ ଶତକ ଏବଂ ୭ ଅର୍ଦ୍ଧଶତକ ହାସଲ କରିଛନ୍ତି।

# ଆଇସିସି ର୍‍ୟାଙ୍କିଙ୍ଗ : ବିଶ୍ୱର ନଂ-୧ ବ୍ୟାଟ୍ସମ୍ୟାନ୍ ହେଲେ ଶୁବମନ ଗିଲ୍

**ଅହମଦାବାଦ୍**

ଇଂଲଣ୍ଡ ବିପକ୍ଷ ସିରିଜର ତୃତୀୟ ଦିନିକିଆରେ ଶତକ ମାରିବା ପରେ ଭାରତୀୟ ବ୍ୟାଟ୍ସମ୍ୟାନ୍ ଶୁବମନ ଗିଲଙ୍କୁ ଏକ ବଡ଼ ପୁରସ୍କାର ମିଳିଛି। ସେ ଦିନିକିଆ ର୍‍ୟାଙ୍କିଙ୍ଗରେ ବିଶ୍ୱର ନମ୍ବର-୧ ବ୍ୟାଟ୍‌ସମ୍ୟାନ ହୋଇଛନ୍ତି। ସେ ପାକିସ୍ତାନର ବାବର ଆଜମଙ୍କୁ ପଛରେ ପକାଇ ଶୀର୍ଷରେ ପହଞ୍ଚିଛନ୍ତି। ଶେଷ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ଇଂଲଣ୍ଡକୁ ୧୪୨ ରନ୍‌ରେ ପରାସ୍ତ କରିଛି। ଏହି ମୁକାବିଲାରେ ଗିଲ୍ ୧୧୨ ରନର ଏକ ଶତକୀୟ ଇନିଂସ ଖେଳିଥିଲେ। ଭାରତୀୟ ଅଧିନାୟକ ରୋହିତ ଶର୍ମା ଏବେ ବି ର୍‍ୟାଙ୍କିଙ୍ଗ୍‌ରେ ତୃତୀୟ ସ୍ଥାନରେ ଅଛନ୍ତି।




ଭାରତ-ଇଂଲଣ୍ଡ ତୃତୀୟ ଦିନିକିଆ ମ୍ୟାଚ୍ ପୂର୍ବରୁ, ବାବର ଆଜମ୍‌ଙ୍କ ପାଖରେ ୭୮୬ ରେଟିଂ ପଏଣ୍ଟ ଥିଲା। ଶୁବମନ ଗିଲ୍‌ଙ୍କ ପାଖରେ ୭୮୧ ପଏଣ୍ଟ ଥିଲା। ବୁଧବାର ଭାରତ-ଇଂଲଣ୍ଡ ସହିତ ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା ମ୍ୟାଚ୍ ମଧ୍ୟ ଖେଳାଯାଇଥିଲା। ଗୋଟିଏ ପଟେ ଗିଲ୍ ୧୧୨ ରନ କରିଥିଲେ, କିନ୍ତୁ ବାବର ଆଜମ୍ ମାତ୍ର ୨୩ ରନ କରି ଆଉଟ୍ ହୋଇଥିଲେ। ବାବର ଆଜମ୍ ଶସ୍ତାରେ ଆଉଟ ହେବା ଯୋଗୁ ଗିଲଙ୍କୁ ର୍‍ୟାଙ୍କିଙ୍ଗରେ ମଧ୍ୟ ଲାଭ ମିଳିଛି।

ଗୋଟିଏ ପଟେ ଶୁଭମନ ଗିଲ ଏବେ ବିଶ୍ୱର ନମ୍ବର-୧ ଦିନିକିଆ ବ୍ୟାଟ୍‌ସମ୍ୟାନ ହୋଇସାରିଛନ୍ତି। ଅଧିନାୟକ ରୋହିତ ଶର୍ମା ତୃତୀୟ ସ୍ଥାନରେ ଏବଂ ବିରାଟ କୋହଲି ଷଷ୍ଠ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଶ୍ରେୟସ ଆୟର ୬୦.୩୩ ହାରରେ ୧୮୩ ରନ କରିଛନ୍ତି। ଏହି ଭଲ ପ୍ରଦର୍ଶନ ଯୋଗୁ ତାଙ୍କୁ ର୍‍ୟାଙ୍କିଙ୍ଗରେ ଲାଭ ମିଳିଛି।

# ୩ ପାକିସ୍ତାନୀ ଖେଳାଳିଙ୍କ ଉପରେ ଜରିମନା ଲଗାଇଲା ଆଇସିସି

**ନୂଆଦିଲ୍ଲୀ**

ଆଇସିସି ତିନି ଜଣ ପାକିସ୍ତାନୀ ଖେଳାଳିଙ୍କ ଉପରେ ଜରିମନା ଲଗାଇଛି। ପାକିସ୍ତାନ ଶାହିନ ଆଫ୍ରିଦି, ସୌଦ ଶକିଲ ଏବଂ କମରାନ ଗୁଲାମଙ୍କୁ ଆଇସିସି ଦଣ୍ଡ ଦେଇଛନ୍ତି। ଗୁରୁବାର ଆଇସିସି ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛି। ତ୍ରିକୋଣୀୟ ସିରିଜର ତୃତୀୟ ମ୍ୟାଚ୍‌ରେ ପାକିସ୍ତାନ ଦକ୍ଷିଣ ଆଫ୍ରିକାକୁ ୬ ୱିକେଟ୍‌ରେ ପରାସ୍ତ କରିଛି। ଏହି ମ୍ୟାଚ୍ ସମୟରେ ପାକିସ୍ତାନର ୩ ଖେଳାଳି ଆଇସିସିର ନିୟମ ଭାଙ୍ଗିଥିଲେ।

ପାକିସ୍ତାନର ଦ୍ରୁତ ବୋଲର ଶାହିନ ଆଫ୍ରିଦିଙ୍କ ଉପରେ ସବୁଠାରୁ ଅଧିକ ଜରିମନା ଲାଗିଛି। ଆଇସିସି ଶାହିନଙ୍କ ମ୍ୟାଚ୍ ଫି'ର ୨୫ ପ୍ରତିଶତ




ଜରିମନା ଲଗାଇଛି। ମ୍ୟାଚ୍ ସମୟରେ ଶାହିନ ଦକ୍ଷିଣ ଆଫ୍ରିକା ଖେଳାଳି ମାଥ୍ୟୁ ବ୍ରିଟଜେଙ୍କ ସହ ଝଗଡ଼ା କରିଥିଲେ। ଏହି ଦୁଇଜଣଙ୍କ ମଧ୍ୟରେ ବହୁତ ଯୁକ୍ତିତର୍କ ହୋଇଥିଲା। ଏହି ଘଟଣାର ଅନେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲା ହୋଇଥିଲା। ଏହି କାରଣରୁ ଆଇସିସି ଶାହିନଙ୍କୁ ଦଣ୍ଡ ଦେଇଛି।

ଆଇସିସି ସୌଦ ଶକିଲ ଏବଂ କମରାନ ଗୁଲାମଙ୍କ ମ୍ୟାଚ୍ ଫିସର ୧୦ ପ୍ରତିଶତ ଜରିମନା ଲଗାଇଛି। କମରାନ ବଦଳ ଖେଳାଳି ଭାବରେ ପଡ଼ିଆକୁ ଆସିଥିଲେ। ଦକ୍ଷିଣ ଆଫ୍ରିକା ଇନିଂସର ୨୯ତମ ଓଭରରେ ତେମ୍ବା ବାଭୁମା ରନ ଆଉଟ ହୋଇଥିଲେ। ଏହା ପରେ, ଦୁହେଁ ବାଭୁମାଙ୍କ ପାଖକୁ ଆସିଲେ ଏବଂ ଆକ୍ରମଣାତ୍ମକ ମନୋଭାବ ଦେଖାଇଲେ। ଦୁହେଁ ଆଇସିସିର ନିୟମ ଉଲ୍ଲଂଘନ କରିଛନ୍ତି। ସେଥିପାଇଁ ଦଣ୍ଡ ଦିଆଯାଇଛି।

# ଓଡ଼ିଶା ଟୁର୍‌ରେ ଆସିବ ଆଇପିଏଲ ଟ୍ରଫି




**ଭୁବନେଶ୍ୱର**

ଓଡ଼ିଶା ଟୁର୍‌ରେ ଆସିବାକୁ ଯାଉଛି ଟାଟା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ) ଟ୍ରଫି। ହେବ ଆଇପିଏଲ ମ୍ୟାଚ୍ ଅନୁଷ୍ଠିତ ହୋଇ ନ ଥିଲା ବେଳେ ଏବେ ଏହାର ଟ୍ରଫି ଆସିବାକୁ ଯାଉଛି। ଆଇପିଏଲ ୨୦୨୪ରେ ଏକ ସ୍ମରଣୀୟ ଅଭିଯାନ ପରେ ଡିଫେଣ୍ଡିଂ ଚାମ୍ପିଅନ୍ସ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଦେଶର ବିଭିନ୍ନ ରାଜ୍ୟରେ ପ୍ରଥମ ଥର ପାଇଁ ଟ୍ରଫି ଟୁର୍ ସହିତ ଇତିହାସ ରଚିବାକୁ ଯାଉଛି।

ସେମାନଙ୍କର ଚାମ୍ପିଅନସିପ୍ ପାଳନର ଏକ ଅଂଶ ଭାବରେ, ଫ୍ରାଞ୍ଚାଇଜ୍ ସେମାନଙ୍କ ପ୍ରଶଂସକଙ୍କ ହୃଦୟ ସହିତ ଯୋଡ଼ିହେବା ପାଇଁ ଓଡ଼ିଶାର ରାଜଧାନୀ ସମେତ ଭାରତର ବିଭିନ୍ନ ସହରରେ ଟ୍ରଫି ସହିତ ଯାତ୍ରା କରିବ।

ଇତିହାସରେ ଏହା ପ୍ରଥମ ଥର ପାଇଁ ହୋଇଛି ଯେ ଏକ ଟାଟା ଆଇପିଏଲ ଫ୍ରାଞ୍ଚାଇଜ୍ ସେମାନଙ୍କ ଘରୋଇ ସହର ବାହାରେ ଏକ ଟ୍ରଫି ଟୁର୍ ଆୟୋଜନ କରୁଛି। ଏହି ପଦକ୍ଷେପର ଲକ୍ଷ୍ୟ ଦେଶବ୍ୟାପୀ କେକେଆର ପ୍ରଶଂସକମାନଙ୍କୁ ଟ୍ରଫି ସହିତ ଯୋଗାଯୋଗ କରିବାର ଏବଂ ସେମାନଙ୍କର ପ୍ରିୟ ଦଳର ସଫଳତାକୁ ସମସ୍ତ ଗୌରବରେ ଦେଖିବାର ସୁଯୋଗ ଦେବା।

ନୂତନ ସିଜିନ୍ ପୂର୍ବରୁ, ଏହି ଟୁର୍‌ରେ ନଅଟି ସହରରେ ପ୍ରତିଷ୍ଠିତ ଟାଟା ଆଇପିଏଲ ଟ୍ରଫି ଯାତ୍ରା କରିବ, ଯାହା ଫେବୃୟାରୀ ୧୪ରୁ ଗୌହାଟୀରେ ଆରମ୍ଭ ହେବ ଏବଂ ଶେଷରେ ମାର୍ଚ୍ଚ ୧୨ ଏବଂ ୧୬ ସୁଦ୍ଧା କୋଲକାତାର ଆନନ୍ଦ ସହରକୁ ଫେରିବ। ଏହି ଟୁର୍ ଗୌହାଟୀ, ଭୁବନେଶ୍ୱର, ଜାମସେଦପୁର, ରାଞ୍ଚି, ଗ୍ୟାଙ୍ଗଟକ୍, ସିଲିଗୁଡ଼ି, ପାଟନା, ଦୁର୍ଗାପୁର ଏବଂ କୋଲକାତା ସମେତ ବିଭିନ୍ନ ଅଞ୍ଚଳକୁ କଭର କରିବ। ଏହି ପଦକ୍ଷେପ ମାଧ୍ୟମରେ କେକେଆର ସେହି ପ୍ରଶଂସକମାନଙ୍କ ପାଇଁ ସ୍ମରଣୀୟ ଅନୁଭୂତି ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି ଯେଉଁମାନେ ବର୍ଷ ବର୍ଷ ଧରି ଦଳ ପ୍ରତି ନିରନ୍ତର ସମର୍ଥନ ଦେଖାଇଛନ୍ତି। ଫ୍ରାଞ୍ଚାଇଜ୍ ସେମାନଙ୍କୁ ନାଇଟ୍ ରାଇଡର୍ସ ପରିବାର ସହିତ ଉତ୍ସବର ଅଂଶ ହେବାକୁ ନିମନ୍ତ୍ରଣ କରିବାକୁ ଚାହୁଁଛି। ଏହି ଯୋଗଦାନ ପ୍ରଶଂସକମାନଙ୍କୁ ଟ୍ରଫିର ପ୍ରତ୍ୟକ୍ଷ ଅଭିଜ୍ଞତା ଦେବ, ଏବଂ ସେମାନଙ୍କୁ ଚୂଡ଼ାନ୍ତ ପୁରସ୍କାର ସହିତ ନିଜର ସ୍ମୃତି ସୃଷ୍ଟି କରିବାର ସୁଯୋଗ ମଧ୍ୟ ଦେବ।

# ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଲେ ୧୧ ଖେଳାଳି

**ନୂଆଦିଲ୍ଲୀ**

ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି। ଏହା ପୂର୍ବରୁ ଅନେକ ଖେଳାଳି ଟୁର୍ଣ୍ଣାମେଣ୍ଟରୁ ବାଦ୍ ଦିଆଯିବାର ଧାରା ଜାରି ରହିଛି। ଏଥିରେ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରାୟ ସମସ୍ତ ଦଳର ଖେଳାଳି ଏଥିରୁ ବାଦ୍ ପଡ଼ିଛନ୍ତି।

ଜସପ୍ରିତ ବୁମ୍ରା : ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଥିବା ଖେଳାଳିଙ୍କ ତାଲିକାରେ ଭାରତର ଦ୍ରୁତ ବୋଲର ଜସପ୍ରିତ ବୁମ୍ରା ଅଛନ୍ତି। ସେ ପିଠିରେ ଆଘାତ ଯୋଗୁ ବାଦ୍ ପଡ଼ିବା ପରେ ଟିମ୍ ଇଣ୍ଡିଆକୁ ଏକ ବଡ଼ ଝଟ୍‌କା ଲାଗିଛି। ବୁମ୍ରାଙ୍କ ଅନୁପସ୍ଥିତି ଯୋଗୁ ଦଳର ବୋଲିଂ ପ୍ରଭାବିତ ହୋଇପାରେ ବୋଲି କୁହାଯାଉଛି।

ପାଟ କମିନ୍ସ : ଗୋଡ଼ରେ ଆଘାତ ଯୋଗୁ ପ୍ୟାଟ୍ କମିନ୍ସ ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି। ତାଙ୍କ ଅନୁପସ୍ଥିତି କେବଳ ଅଷ୍ଟ୍ରେଲିଆର ପେସ୍ ଆକ୍ରମଣକୁ ଧକ୍କା ଦେଇନାହିଁ, ବରଂ ଟୁର୍ଣ୍ଣାମେଣ୍ଟ ପାଇଁ ସେମାନଙ୍କୁ ଅଧିନାୟକ ପରିବର୍ତ୍ତନ କରିବାକୁ ମଧ୍ୟ ପଡ଼ିଛି।

ମିଚେଲ ଷ୍ଟାର୍କ : ବାମହାତୀ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ଅନୁପସ୍ଥିତି ଯୋଗୁ ଚାମ୍ପିଅନ୍ସ ଟ୍ରଫିରେ ଅଷ୍ଟ୍ରେଲିଆର ପେସ୍ ଆକ୍ରମଣ ଆହୁରି ଦୁର୍ବଳ ଦେଖାଯାଉଛି। ବ୍ୟକ୍ତିଗତ କାରଣରୁ ସେ ତାଙ୍କ ନାମ ପ୍ରତ୍ୟାହାର କରିଛନ୍ତି।

ଜୋଶ୍ ହାଜେଲଉଡ୍ : ଜୋଶ୍ ହାଜେଲଉଡ୍ ହେଉଛନ୍ତି ଆଉ ଜଣେ ଅଷ୍ଟ୍ରେଲିୟ ଖେଳାଳି ଯାହାଙ୍କୁ ଚାମ୍ପିଅନ୍ସ ଟ୍ରଫିରୁ ବାଦ ଦିଆଯାଇଛି। ତାଙ୍କର ହିପ୍‌ରେ ଆଘାତ ଲାଗିଛି।

ମିଚେଲ ମାର୍ଶ ଏବଂ ମାର୍କସ ଷ୍ଟୋଇନିସ୍ : ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିବାକୁ ଥିବା ଅଷ୍ଟ୍ରେଲୀୟ ଖେଳାଳିଙ୍କ ତାଲିକାରେ ପରବର୍ତ୍ତୀ ନାମ ହେଉଛି ଅଲରାଉଣ୍ଡର ମିଚେଲ ମାର୍ଶ। ମାର୍ଶଙ୍କର ମଧ୍ୟ ଏକ ଆଘାତ ଅଛି ଯାହା ଯୋଗୁ ତାଙ୍କୁ ଟୁର୍ଣ୍ଣାମେଣ୍ଟରୁ ଓହରି ଯିବାକୁ ପଡ଼ିଛି। ଚାମ୍ପିଅନ୍ସ ଟ୍ରଫି ପାଇଁ ମନୋନୀତ ହେବା ପରେ ମାର୍କସ ଷ୍ଟୋଇନିସ୍ ଓଡିଆଇରୁ ଅବସର ନେଇଥିଲେ।

ଏନରିକ ନୋରଖିଆ ଏବଂ ଜେରାଲ୍ଡ କୋଏଜ : ଦକ୍ଷିଣ ଆଫ୍ରିକାର ଦ୍ରୁତ ବୋଲର ଆନରିଚ ନୋର୍ଖିଆ ଏବଂ ଜେରାଲ୍ଡ କୋଏତଜେ ମଧ୍ୟ ଆଘାତ କାରଣରୁ ଚାମ୍ପିଅନ୍ସ ଟ୍ରଫି ୨୦୨୫ରୁ ବାଦ୍ ପଡ଼ିଛନ୍ତି।

ଆଲ୍ଲାହ ଗାଜାନଫର : ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିବା ଖେଳାଳିଙ୍କ ତାଲିକାରେ ୧୮ ବର୍ଷୀୟ ଆଫଗାନିସ୍ତାନ ସ୍ପିନର ଆଲ୍ଲାହ ଘଜାନଫରଙ୍କ ନାମ ମଧ୍ୟ ସାମିଲ ହୋଇଛି।

ଯାକୁବ ବେଥେଲ : ଇଂଲଣ୍ଡର ବ୍ୟାଟିଂ ଅଲରାଉଣ୍ଡର ଜାକବ ବେଥେଲ ହାମଷ୍ଟ୍ରିଙ୍ଗ ଆଘାତ ଯୋଗୁ ଚାମ୍ପିଅନ୍ସ ଟ୍ରଫି ଦଳରୁ ବାଦ୍ ପଡ଼ିଛନ୍ତି। ଭାରତ ବିପକ୍ଷ ପ୍ରଥମ ଏକଦିବସୀୟ ମ୍ୟାଚ୍‌ରେ ସେ ଏହି ଆଘାତର ଶିକାର ହୋଇଥିଲେ। ଟମ୍ ବାଣ୍ଟନ ଦଳରେ ତାଙ୍କ ସ୍ଥାନ ନେଇଛନ୍ତି।

ସାମ ଆୟୁବ : ପାକିସ୍ତାନର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ମଧ୍ୟ ଆଘାତ କାରଣରୁ ଚାମ୍ପିଅନ୍ସ ଟ୍ରଫିରୁ ବାଦ୍ ପଡ଼ିଛନ୍ତି। ଗୋଡ଼ ଆଘାତ ଯୋଗୁ ତାଙ୍କୁ ଦଳରେ ମନୋନୀତ କରାଯାଇ ନ ଥିଲା। ଆଘାତ ପୂର୍ବରୁ ସେ ପାକ୍ ଦଳର ଜଣେ ନିୟମିତ ସଦସ୍ୟ ଥିଲେ।

# ଜନଶକ୍ତି ଯୁବକ ସଂଘ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ସେମିରେ ସୂର୍ଯ୍ୟଶିକ୍ଷା

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଅନ୍ତର୍ଗତ ଦଳାଙ୍ଗ ପଞ୍ଚାୟତର ଜାହାଙ୍ଗୀର ସ୍ଥିତ ଜନଶକ୍ତି ଯୁବକସଙ୍ଗ ଆନୁକୂଲ୍ୟରେ ମା' ବାସନ୍ତୀ ଦୁର୍ଗା ପୂଜା କମିଟି ସହଯୋଗରେ ଜିଲ୍ଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପାରାଦୀପ ଓ ଭଦ୍ରକ ସୂର୍ଯ୍ୟଶିକ୍ଷା କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ସୂର୍ଯ୍ୟଶିକ୍ଷା ପ୍ରଥମେ ବ୍ୟାଟିଂ କରିଥିଲା। ୨୦ ଓଭରରେ ୪ ୱିକେଟ ବିନିମୟରେ ୨୧୬ ରନ କରୁଥିବା ବେଳେ ଜବାବରେ ପାରାଦୀପ ସମସ୍ତ ୱିକେଟ ହରାଇ ୨୦୫ ରନ କରି ପରାଜିତ ହୋଇଥିଲେ। ଏହି ଅବସରରେ ସୂର୍ଯ୍ୟଶିକ୍ଷା ସେମିକୁ ପ୍ରବେଶ କରିଥିଲା। ପ୍ରଦୀପ ଭୂୟାଁ ୫୬ ରନ କରି ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ତାଙ୍କୁ କ୍ଲବ୍ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ଅଭୟ ସେଠୀ ଓ ବିବେକ ସାମଲ ଖେଳ ପରିଚାଳନା କରିଥିଲେ। ସ୍କୋରର ବିରଞ୍ଚି ରାଉତ ଓ ଧାରା ବିବରଣୀ ନାରାୟଣ ରାଉତ ଏବଂ ରାଧା ଶ୍ୟାମ ଜେନା ପ୍ରଦାନ କରିଥିଲେ।

# ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ସେମିରେ ବାପୁଜୀ କ୍ରିକେଟ କ୍ଲବ୍

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ହେଉଛି। ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ତୃତୀୟ କ୍ୱାର୍ଟର ମ୍ୟାଚ୍ ଗୋପବନ୍ଧୁ କ୍ରିକେଟ୍ କ୍ଲବ ଇନ୍ଦୁପୁର କେନ୍ଦ୍ରାପଡ଼ା ସହିତ ବାପୁଜୀ କ୍ରିକେଟ କ୍ଲବ ଭୁବନେଶ୍ୱର ମଧ୍ୟରେ ଗୁରୁବାର ଅନୁଷ୍ଠିତ ହୋଇ ବାପୁଜୀ କ୍ରିକେଟ କ୍ଲବ ବିଜୟ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ଗୋପବନ୍ଧୁ କ୍ରିକେଟ କ୍ଲବ ଟସ୍ ଜିତି ନିର୍ଦ୍ଧାରିତ ୧୭.୨ ଓଭର ରେ ସମସ୍ତ ୱିକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ଦଳପକ୍ଷରୁ ସୟଦ ଇୟାରୁଦ୍ଦିନ ୨୫ ବଲରେ ୧ ଚୌକା ଓ ୩ ଛକା ସାହାଯ୍ୟରେ ୨୭ ରନ, ସ୍ୱରାଜ ଚୌଧୁରୀ ୧୧ ବଲ୍‌ରେ ୩ ଚୌକା ଓ ୨ ଛକା ସାହାଯ୍ୟରେ ୨୫ ରନ କରିଥିଲେ। ପ୍ରତିପକ୍ଷ ବୋଲର ସୁମିତ ଶର୍ମା ୫ ଓଭର ୨୧ ରନ ଦେଇ ୩ ୱିକେଟ, ପ୍ରଦୀପ ପ୍ରଧାନ ୧.୨ ଓଭରରେ ୬ ରନ ଦେଇ ୨ ଉଇକେଟ ନେଇଥିଲେ। ଜବାବରେ ବାପୁଜୀ କ୍ରିକେଟ କ୍ଲବ ୧୨.୨ ଓଭରରେ ୫ ୱିକେଟ ହରାଇ ୧୧୪ ରନ ସଂଗ୍ରହ କରି ବିଜୟ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଦଳ ପକ୍ଷରୁ ଜ୍ୟୋତି ରଂଜନ ବେହେରା ୧୬ ବଲ୍‌ରେ ୧ ଛକା ଓ ୨ ଚୌକା ସାହାଯ୍ୟରେ ୨୨ ରନ, ସିଦ୍ଧାନ୍ତ ଜେନା ୯ ବଲରେ ୩ ଚୌକା ସାହାଯ୍ୟରେ ୧୫ ରନ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ରାଜ କୁମାର ଗୌତମ ୫ ଓଭର ବୋଲିଂ କରି ୩୩ ରନ ଦେଇ ୫ ୱିକେଟ ନେଇଥିଲେ। ଅମ୍ପାୟାର୍ ଭାବେ ଜ୍ଞାନ ରଂଜନ ସ୍ୱାଇଁ ଓ ଜ୍ୟୋତି ରଞ୍ଜନ ମଲ୍ଲିକ ଖେଳ ପରିଚାଳନା କରିଥିଲେ। ଶୁଭ୍ରାଂଶୁ ଶେଖର ସାହୁ ସ୍କୋରର ଥିବା ବେଳେ ନିହାର ରଞ୍ଜନ ବେହେରା ଡିଜିଟାଲ, ଅନଲାଇନ୍‌ରେ ବଳରାମ ସାହୁ ସ୍କୋରର ଥିଲେ। ଜ୍ଞାନରଞ୍ଜନ ଘଡ଼େଇ ଓ ବୁବୁ ସିହ୍ନା ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବାପୁଜୀ କ୍ରିକେଟ କ୍ଲବ୍ ଭୁବନେଶ୍ୱରର ସୁମିତ ଶର୍ମାଙ୍କୁ ପୁରସ୍କୃତ କରାଯାଇଥିଲା। ଶୁକ୍ରବାର ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଚତୁର୍ଥ କ୍ୱାର୍ଟର ମ୍ୟାଚ ସ୍ପୋର୍ଟିଂ ୟୁନିଅନ ଝାଡ଼ଖଣ୍ଡ ସହିତ ବିଜୟନଗରମ ୱାରିଅର୍ସ ଭାଇଜାକ୍ ମଧ୍ୟରେ ଅନୁଷ୍ଠିତ ହେବ।

# ଆସନ୍ତା ୧୭ରୁ ସର୍ବଭାରତୀୟ ଫୁଟବଲ୍ ଚାମ୍ପିଅନସିପ୍

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**




ଆସନ୍ତା ୧୭ ତାରିଖରୁ ୨୩ ତାରିଖ ଯାଏଁ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ଠାରେ ଫୁଟବଲ୍ ମହାକୁମ୍ଭ ଆୟୋଜିତ ହେବ। ସୋନପୁର ରାମଧୂନ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ୧୬ତମ ସର୍ବ ଭାରତୀୟ ରାମଧୂନ କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଏବଂ ଦେଶର ୮ଟି ବଛା ବଛା ଦଳ ଯୋଗ ଦେବେ। ଏନେଇ ଗାନ୍ଧୀ ଷ୍ଟାଡିୟମ କାର୍ଯ୍ୟାଳୟରେ ରାମଧୂନ କ୍ଲବ୍‌ର ସମ୍ପାଦକ ପୀୟୂଷ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଫୁଟବଲ୍ ଟୁର୍ଣ୍ଣାମେଣ୍ଟକୁ ଆହୁରି ଆକାର୍ଷଣୀୟ କରାଯିବ ବୋଲି ସୂଚନା ଦିଆଯାଇଛି। ଫେବୃୟାରୀ ମାସର ୧୭ରୁ ୨୩ ତାରିଖ ମଧ୍ୟରେ ଗାନ୍ଧୀ ଷ୍ଟାଡ଼ିୟମରେ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ସର୍ବମୋଟ ୧୨ ଲକ୍ଷ ଟଙ୍କା ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଖର୍ଚ୍ଚ ହେବ। କଟକ, ବରଗଡ଼, ଭୁବନେଶ୍ୱର, ବିହାର, ଝାଡ଼ଖଣ୍ଡ, ରାଉରକେଲା ଏବଂ ଆୟୋଜକ ରାମଧୂନ କ୍ଲବ୍ ସମେତ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ବିଜେତା ଦଳକୁ ୫୦ ହଜାର ଏବଂ ରନର୍ସଅପ୍ ଦଳକୁ ୩୦ ହଜାର ଟଙ୍କା ପ୍ରଦାନ କରାଯିବ। ବିକାଶ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଇରୁ ସ୍ୱାଇଁ, ପୁରୁଷୋତ୍ତମ ପାଣିଗ୍ରାହୀ, ନରସିଂହ ରାଓ, ଭୁକୁଲୁ ବକ୍ସି, ବି. ସତ୍ୟନାରାୟଣ ରାଓ, ନନ୍ଦ କିଶୋର ତ୍ରିପାଠୀ, ସୋମନାଥ ସାହୁ, ମନୋରଂଜନ ତ୍ରିପାଠୀ, ରାଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚାମ୍ପିଅନ୍ସ ଟ୍ରଫିରେ ପରିବାରକୁ ସାଥିରେ ନେବେନି ଟିମ୍ ଇଣ୍ଡିଆ ଖେଳାଳି

**ନୂଆଦିଲ୍ଲୀ**

ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ପରେ ଏବେ ଟିମ୍ ଇଣ୍ଡିଆକୁ ଚାମ୍ପିଅନ୍ସ ଟ୍ରଫିରେ ତା'ର ଶକ୍ତି ପ୍ରଦର୍ଶନ କରିବାକୁ ପଡିବ। ଚାମ୍ପିଅନ୍ସ ଟ୍ରଫି ଫେବୃୟାରୀ ୧୯ରୁ ଆରମ୍ଭ ହେଉଛି। ଭାରତୀୟ ଦଳ ଫେବୃୟାରୀ ୨୦ରେ ବାଂଲାଦେଶ ବିପକ୍ଷରେ ପ୍ରଥମ ମ୍ୟାଚ୍ ଖେଳିବ। ଟିମ୍ ଇଣ୍ଡିଆର ସମସ୍ତ ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହେବ। ତେବେ ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଟିମ୍ ଇଣ୍ଡିଆର ପ୍ରତ୍ୟେକ ଖେଳାଳି ଏକା ଦୁବାଇ ଯିବେ। ସେମାନଙ୍କ ପରିବାରବର୍ଗଙ୍କୁ ସାଥିରେ ନେବେ ନାହିଁ। ବିସିସିଆଇର ନୂତନ ନିୟମ ଯୋଗୁ ଏହା ଘଟିଛି।

ଭାରତୀୟ କ୍ରିକେଟ ଖେଳାଳିମାନେ ଫେବୃୟାରୀ ୧୫ରେ ଦୁବାଇ ଯିବେ ଏବଂ ସେମାନଙ୍କ ପରିବାର ସଦସ୍ୟ ସେମାନଙ୍କ ସହିତ ରହିବେ ନାହିଁ। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଥର ପାଇଁ ବିସିସିଆଇର ନୂତନ ନିୟମ କାର୍ଯ୍ୟକାରୀ ହେଉଛି। ଭାରତୀୟ ଦଳକୁ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ୨୦ ଫେବୃୟାରୀରେ ଖେଳିବାକୁ ପଡିବ ଏବଂ ୨୩ ଫେବୃୟାରୀରେ ଏହା ପାକିସ୍ତାନ ସହିତ ମୁକାବିଲା କରିବ।

ବିସିସିଆଇର ନୂତନ ନିୟମ ଅନୁଯାୟୀ, ଯଦି ଟିମ୍ ଇଣ୍ଡିଆର କୌଣସି ଗସ୍ତ ୪୫ ଦିନ କିମ୍ବା ତା'ଠାରୁ ଅଧିକ ସମୟର ହୋଇଥାଏ, ତେବେ ସେମାନଙ୍କ ପରିବାର ସଦସ୍ୟ ସେମାନଙ୍କ ସହିତ ୨ ସପ୍ତାହ ପାଇଁ ଗସ୍ତରେ ରହିପାରିବେ। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ପରାଜୟ ପରେ ଏହି ନିଷ୍ପତ୍ତି ନିଆଯାଇଥିଲା।

# ଗୋଶାଳା ସ୍ୱାଗତ ଦ୍ୱାର ନିର୍ମାଣ ପାଇଁ ଭୂମି ପୂଜନ

**କଣ୍ଟାବାଞ୍ଜି, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ନିକଟ ବେଛୁ ବାହାଲି ସ୍ଥିତ ସୁରଭି ଗୋଶାଳାର ସ୍ୱାଗତ ଦ୍ୱାର ପାଇଁ ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ଏହି କାର୍ଯ୍ୟକ୍ରମରେ ପଣ୍ଡରି ଜୋର ସରପଞ୍ଚଙ୍କ ସ୍ଥାନରେ ତାଙ୍କ ପୁତ୍ର ଦେବାଶିଷ ମେହେର ଓ ସୁରଭି ଗୋଶାଳାର ଅନ୍ୟ ସଦସ୍ୟ ଯୋଗ ଦେଇ ଭୂମି ପୂଜନ କରିଥିଲେ। ଏହି ସ୍ୱାଗତ ଦ୍ୱାର ନିର୍ମାଣ ପାଇଁ ରୁପେଶ ଅଗ୍ରୱାଲ ପୂର୍ଣ୍ଣ ସହଯୋଗ କରିବା ପାଇଁ କହିଥିଲେ। ଏହି ଅବସରରେ ସୁରଭି ଗୋଶାଳାରେ ଗୋଯଜ୍ଞର ଆୟୋଜନ କରାଯାଇଥିଲା। ଗୋଯଜ୍ଞ ନିମନ୍ତେ କର୍ତ୍ତା ଭାବରେ ଅଜିତ ଜୈନ ଓ ତାଙ୍କ ଧର୍ମପତ୍ନୀ ଦିପା ଜୈନ ଏବଂ ସହ ପରିବାର ସାମିଲ ହୋଇ ଯଜ୍ଞ ସମ୍ପନ୍ନ କରିଥିଲେ। ଯଜ୍ଞ ସମ୍ପନ୍ନ ପରେ ମନ୍ଦିର ପ୍ରାଙ୍ଗଣରେ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁରଭି ଗୋଶାଳା ସଦସ୍ୟ ରମୌତାର ଅଗ୍ରାଲ, ରାଜୁ ଶର୍ମା, ରମେଶ ଅଗ୍ରାଲ, ଅର୍ଜୁନ ଜୈଶ୍ୱାଲ, ପ୍ରବୀଣ ଆର୍ଯ୍ୟ, ଅଙ୍କିତ ଜୈନ, ରବି ଅଗ୍ରୱାଲ ଓ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ
# ଫାଇନାଲରେ କେସିଏକୁ ଭେଟିବ ଏନ୍‌ସିସି

**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଧରମପଡ଼ିଆ ଠାରେ ୟଙ୍ଗଷ୍ଟାର କ୍ଲବ୍ ଆନୁକୂଲ୍ୟରେ ଚାଲି ଥିବା ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଏନ୍‌ସିସି ଦଶରଥପୁର ସହିତ ଆଇଡିଆଲ ୟୁନିଅନ ସ୍ପୋର୍ଟିଂ ଜହଙ୍ଗ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ସିସି ବିଜୟ ହୋଇ ଫାଇନାଲରେ ପ୍ରବେଶ କରିଛି। ଏନ୍‌ସିସି ଟସ୍ ଜିତି ୨୦ ଓଭରରେ ୬ ଉଇକେଟ ହରାଇ ୨୩୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚନ୍ଦନ ସାହୁ ୩୫ ବଲରେ ୮୩ ରନ କରିଥିଲେ। ପ୍ରତିପକ୍ଷ ବୋଲର ପ୍ରଣବ ଦାସ ଓ କିଶୋର ଦାସ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଆଇଡିଆଲ ୟୁନିଅନ ସ୍ପୋର୍ଟିଂ ୨୦ ଓଭରରେ ୭ ଉଇକେଟ ହରାଇ ୧୩୬ ରନ ସଂଗ୍ରହ କରି ପରାଜୟ ହୋଇଥିଲା।



ଦଳପକ୍ଷରୁ ନରେନ୍ଦ୍ର ସେଠୀ ୨୮ ରନ, କିଶୋର ଦାସ ୨୫ ରନ କରିଥିଲେ। ପ୍ରତିପକ୍ଷ ବୋଲର ସୁବ୍ରତ ଘଡ଼େଇ ୩ ଓଭରରେ ୩ ଉଇକେଟ ନେଇଥିଲେ। ଅମ୍ପାୟାର ଭାବେ ପ୍ରଶାନ୍ତ ନନ୍ଦ ଓ ନରେନ୍ଦ୍ର ପଣ୍ଡା ଖେଳ ପରିଚାଳନା କରିଥିଲେ। ସ୍କୋରର ଥିଲେ ରାଜେନ୍ଦ୍ର ମହାରଣା ଓ ପ୍ରଦୀପ ଆନ୍ଦିଆ, ଧାରାବିବରଣୀ ପ୍ରଦାନ କରିଥିଲେ ସମୀର ସାହୁ, ଭୋଳାନାଥ ସାହୁ, ଅଜୟ ସାହୁ। ଏନ୍‌ସିସି ଟିମ୍‌ର ଚନ୍ଦନ ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

# ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ବଢ଼ିଲା ମହମ୍ମଦ ସିରାଜଙ୍କ ଡିମାଣ୍ଡ

**ନୂଆଦିଲ୍ଲୀ**

ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ଭାରତୀୟ ଦଳରେ ମହମ୍ମଦ ସିରାଜଙ୍କୁ ସୁଯୋଗ ମିଳିନି। କିନ୍ତୁ ଏବେ ଦଳରେ ତାଙ୍କୁ ସୁଯୋଗ ଦେବାକୁ ଦାବି ଉଠିଲାଣି। ଏହା ପଛର କାରଣ ଯଶପ୍ରୀତ ବୁମ୍ରା ସଂପୂର୍ଣ୍ଣ ଫିଟ୍ ହୋଇ ନାହାନ୍ତି। ପୁଣି ଦୀର୍ଘ ୧୫ ମାସ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିବା ମହମ୍ମଦ ଶାମି ଭଲ ଲୟରେ ନାହାନ୍ତି। ତେଣୁ ପୂର୍ବତନ ଭାରତୀୟ ଦ୍ରୁତ ବୋଲର ଅତୁଲ ୱାସନ କହିଛନ୍ତି, ବୁମ୍ରାଙ୍କ ସ୍ଥାନରେ ଭାରତର ଚାମ୍ପିଅନ୍ସ ଟ୍ରଫି ଦଳରେ ମହମ୍ମଦ ସିରାଜଙ୍କୁ ଚୟନ କରନ୍ତୁ। ଫେବୃୟାରୀ ୧୯ରୁ ଆରମ୍ଭ ହେଉଥିବା ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ବୁମ୍ରାଙ୍କ ଖେଳିପାରିବେନି। ୱାସନଙ୍କ ମତରେ ଭାରତ ମହମ୍ମଦ ସିରାଜଙ୍କ ନାଁ ଉପରେ ବିଚାର କରୁ। ୟୁଏଇରେ ପରିସ୍ଥିତି ଧିମା ହୋଇଥାଏ ଏବଂ କେବେ କେବେ ରାତିରେ କାକରର ପ୍ରଭାବ ରହିଥାଏ। ଏଥିପାଇଁ ଆପଣଙ୍କୁ ଅନୁଭବୀ ଖେଳାଳିଙ୍କ ଆବଶ୍ୟକତା ପଡ଼ିବ। ତେଣୁ ଏମିତି ସ୍ଥିତିରେ ମହମ୍ମଦ ସିରାଜଙ୍କୁ ଦଳରେ ସୁଯୋଗ ଦିଆଯିବା ଉଚିତ୍।

**OFFICE OF THE MUNICIPAL COUNCIL, JATNI** C-1635
PHONE-0674-2490826, MAIL-MUNICIPALITYJATNI@GMAIL.COM
No.: 1033 / DATE 12.02.2025
"E" PROCUREMENT NOTICE

Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of contractors and the set of terms and conditions of contract and other necessary documents can be seen in Govt, website i.e. www.tendersorissa.gov.in

| | |
|---|---|
| 1. Tender Reference No | : EO/JMC/082/2024-25 |
| 2. Tender I.D No. | : 2025_ORULB_110517_pack 1 |
| 3. Name of the Work | : Civil Construction works as mentioned in website |
| 4. No. of works | : ...45. nos. |
| 5. Estimated Cost | : Rs.......1,69,491.00...... to Rs.16,94,899/-...... |
| 6. Period of Completion | : 30 days |
| 7. Date and Time of Bidding | : From 17.02.2025,10:00 A.M to 3.3.2025, 05:00 P.M |
| 8. Last date and time for receipt Of bids in the portal | : Dt.3.3.2025 up to 05:00 P.M |
| 9. Bids received online shall be opened on | : Dt.4.3.2025 at 11.00 A.M |
| 10. Name and address of the Officer inviting Bid | : Executive Officer, Jatni Municipality |

Further details can be seen from the procurement portal i.e. www.tendersorissa.gov.in

Sd/- Executive Officer
Jatni Municipality
OIPR-13041/11/0027/2425

MM-482

**STATE FOREST HEAD QUARTERS, ODISHA**
**OFFICE OF THE PRINCIPAL CHIEF CONSERVATOR OF FORESTS & HoFF, ODISHA**
**ARANYA BHAWAN, CHANDRASEKHARPUR, BHUBANESWAR.**
NIT No. 172 /10F (CAMPA)-70/2024.,
Dated, Bhubaneswar, the 12, February, 2025.

The principal Chief Conservator of Forests & HoFF, Odisha invites Technical & Financial Proposals in Sealed Cover from the National Reputed Party agencies for conducting Evaluation of Projects undertaken under Compensatory Afforestation Fund Management & Planning Authority, CAMPA, 2023-24 Details of the provisions in RFP are available at www.odishaforest.in & www.odishagov.in (All Tender Section). Interested agencies should submit their proposal along with other related documents as per the RFP addressed to the Chief Executive Officer, State Authority, CAMPA, Odisha, O/o the principal Chief Conservator of Forests & HoFF, Odisha, Plot No. GD-2/12. Aranya Bhawan, Chandrasekharpur, Bhubaneswar-751023 within the stipulated date.

Yours faithfully,
Sd/- Chief Executive Officer,
State Authority, CAMPA
e-mail- campa.pccfodisha@gmail.com
campa.pccfhoff@odisha.gov.in
OIPR-08002/11/0008/2425 Tel No.0674-2302036



# ଦିଲ୍ଲୀ ବିଜୟ ପରେ ଓଡ଼ିଶା ଫେରିଲେ ବୈଜୟନ୍ତ : ବିମାନ ବନ୍ଦରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଗୁରୁବାର ଓଡ଼ିଶା ଫେରିଛନ୍ତି । ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବିଜେପିର ନେତା ଓ କର୍ମୀ ମାନଙ୍କ ପକ୍ଷରୁ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା । ପରେ ଏକ ଶୋଭାଯାତ୍ରାରେ ସେ ବିଜେପି କାର୍ଯ୍ୟାଳୟକୁ ଯାତ୍ରା କରିଥିଲେ । ବିମାନ ବନ୍ଦରରୁ ବିଜେପି ମୁଖ୍ୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ତାଙ୍କୁ ନିଆଯାଇଥିଲା । ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଦିଲ୍ଲୀର ନିର୍ବାଚନ ପ୍ରଭାରୀ ରହିଥିବା ବେଳେ ତାଙ୍କ ନେତୃତ୍ୱରେ ଦିଲ୍ଲୀରେ କ୍ଷମତା ଦଖଲ କରିଥିଲା ବିଜେପି । ଦୀର୍ଘ ୨୭ ବର୍ଷର ବ୍ୟବଧାନ ପରେ ଦିଲ୍ଲୀରେ କ୍ଷମତା ହାସଲ କରିବାରେ ସକ୍ଷମ ହୋଇଥିଲା ବିଜେପି । କ୍ରମାଗତ ତୃତୀୟ ଥର କ୍ଷମତା ହାତେଇବା ଲକ୍ଷ୍ୟରେ ଥିବା ଆପକୁ ମାତ ଦେଇଥିଲା ବୈଜୟନ୍ତଙ୍କ ଚମତ୍କାର ରଣନୀତି । ବିଜେପି ୪୮ ଓ ଆପ ୨୨ଟି ଆସନ ହାତେଇଥିବା ବେଳେ କଂଗ୍ରେସ ଖାତା ଖୋଲି ପାରି ନ ଥିଲା । ନିର୍ବାଚନ ପ୍ରଭାରୀ ଦାୟିତ୍ୱ ନେବା ପରେ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଗୃହମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କ ସହଯୋଗରେ ଦିଲ୍ଲୀରେ ବିଜେପି କ୍ଷମତାକୁ ଆଣିବା ପାଇଁ ପ୍ରସ୍ତୁତ କରିଥିଲେ ରଣନୀତି । ରଣନୀତି ହିସାବରେ କାମକୁ ଆଗେଇ ନେଇଥିଲେ ସାଂସଦ, ନେତା ଓ କର୍ମୀ । ଏକ ମନ ଓ ଏକ ପ୍ରାଣ ହୋଇ ସମସ୍ତେ ମିଶି କାମ କରିଥିବାରୁ ଦିଲ୍ଲୀରେ ବିଜେପି କ୍ଷମତାକୁ ଆସିଥିଲା ବୋଲି ବୈଜୟନ୍ତ କହିଛନ୍ତି । ଦୁର୍ନୀତିକୁ ନେଇ ଅରବିନ୍ଦ କେଜ୍ରିୱାଲଙ୍କ ପ୍ରତି ଥିବା ଜନ ଆକ୍ରୋଶକୁ ଅନୁଭବ କରିବା ପରେ ରଣନୀତି ପ୍ରସ୍ତୁତ କରାଯାଇଥିଲା ବୋଲି କହିଛନ୍ତି ବୈଜୟନ୍ତ । ଦିଲ୍ଲୀବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ପରିବର୍ତ୍ତେ ଆପ ନେତା ମାନେ ଦୁର୍ନୀତିରେ ଲିପ୍ତ ଥିଲେ । ମଦ ଦୁର୍ନୀତି, ଜଳ ବୋର୍ଡରେ ବ୍ୟାପକ ଦୁର୍ନୀତି, ମହଲା ହେଲଥ୍ ସ୍କିମରେ ହୋଇଥିବା ବ୍ୟାପକ ଦୁର୍ନୀତି ଆପକୁ ଅଡୁଆରେ ପକାଇଥିଲା ।

# ଆପାର୍ଟମେଣ୍ଟ କିଣାବିକା ବିଜ୍ଞପ୍ତି ଉପରେ ସ୍ଥଗିତାଦେଶ ଜାରି କଲେ ହାଇକୋର୍ଟ

**କଟକ, ନ୍ୟୁଜ ବ୍ୟୁରୋ**





ଆପାର୍ଟମେଣ୍ଟ ପଞ୍ଜୀକରଣ ସମ୍ପର୍କିତ ବିଜ୍ଞପ୍ତି ଉପରେ ଅନ୍ତରୀଣ ସ୍ଥଗିତାଦେଶ ଜାରି କରିଛନ୍ତି ହାଇକୋର୍ଟ । ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୦୨୩ ମସିହାରେ ଜାରି ହୋଇଥିବା ଏହି ବିଜ୍ଞପ୍ତି ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି ହାଇକୋର୍ଟ । ଚଳିତ ବର୍ଷ ଫେବୃୟାରୀ ମାସ ପହିଲାରେ ବିଭାଗ ପକ୍ଷରୁ ଆପାର୍ଟମେଣ୍ଟ କିଣାବିକା ନେଇ ଜାରି ହୋଇଥିଲା ବିଜ୍ଞପ୍ତି । ତେବେ ଏହି ବିଜ୍ଞପ୍ତି ଅନୁଯାୟୀ ୨୦୨୩ ମସିହାରେ ଜାରି ହୋଇଥିବା ସଂଶୋଧିତ ଆଇନ ଅନୁଯାୟୀ ଆପାର୍ଟମେଣ୍ଟ କିଣାବିକା ହେବ ବୋଲି ଉଲ୍ଲେଖ କରିଥିଲେ ରାଜ୍ୟ ସରକାର । ହେଲେ ଏହି ଆଇନ ୨୦୧୭ ମସିହା ପୂର୍ବରୁ ନିର୍ମାଣ ଶେଷ ହୋଇଥିବା ଆପାର୍ଟମେଣ୍ଟ ପଞ୍ଜିକରଣ ଉପରେ ଲାଗୁ ହେବ ନାହିଁ ବୋଲି ଚଳିତ ବର୍ଷ ଫେବୃୟାରୀ ମାସ ପହିଲାରେ ରାଜ୍ୟ ସରକାର ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଥିଲା । ଯାହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ ଏକାଧିକ ଆବେଦନକାରୀ । ରାଜ୍ୟରେ ଏଣିକି କିଣା ବିକା ହୋଇପାରିବ ପୁରୁଣା ଆପାର୍ଟମେଣ୍ଟ । ୨୦୧୭ ମସିହାରେ 'ଭୂସମ୍ପଦ (ନିୟାମକ ଓ ବିକାଶ) ଅଧିନିୟମ' ଅଧିନିୟମ କାର୍ଯ୍ୟକାରୀ ହେବା ପୂର୍ବରୁ ନିର୍ମାଣ ସରିଥିବା ଆପାର୍ଟମେଣ୍ଟ କିଣାବିକାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ । ନଗର ଉନ୍ନୟନ ବିଭାଗ ଏହି ପୂର୍ବ କଟକଣାକୁ ହଟାଇ ଦେଇଥିଲେ । ବିଭାଗ ଏ ସମ୍ପର୍କିତ ବିଜ୍ଞପ୍ତି ଜାରି କରିବା ସହ ରାଜ୍ୟସ୍ୱ ବିଭାଗକୁ ମଧ୍ୟ ଚିଠି ଲେଖି ଅବଗତ କରାଯାଇଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଥିଲେ । ମନ୍ତ୍ରୀ ଶ୍ରୀ ମହାପାତ୍ର କହିଥିଲେ, ''ରେରା ଆଇନ କାର୍ଯ୍ୟକାରିତାକୁ ଆସିବା ପୂର୍ବରୁ ତଥା ୨୦୧୭ ଫେବୃୟାରୀ ୨୫ତାରିଖ ପୂର୍ବରୁ ଯେଉଁ ସବୁ ଆପାର୍ଟମେଣ୍ଟର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି, ସେସବୁ ପଞ୍ଜୀକରଣ ହୋଇପାରିବ । ଏନେଇ ନଗର ଉନ୍ନୟନ ବିଭାଗ ରାଜସ୍ୱ ବିଭାଗକୁ ଅବଗତ କରାଇଛି । ସବ୍-ରେଜିଷ୍ଟ୍ରାରଙ୍କୁ ଏ ବାବଦରେ ରାଜସ୍ୱ ବିଭାଗ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିବାକୁ ଅନୁରୋଧ କରାଯାଇଛି । ଭୂସମ୍ପଦ (ନିୟାମକ ଓ ବିକାଶ) ଅଧିନିୟମ ଆଇନ କାର୍ଯ୍ୟକାରୀ ଆସିବା ଆଗରୁ ଯେଉଁ ସବୁ ଆପାର୍ଟମେଣ୍ଟ ଚାଲିଥିଲା, ସେସବୁ ଉପରେ ପ୍ରତିବନ୍ଧକ ଲଗାଇବାର କୌଣସି କାରଣ ନଥିଲା । 'ରେରା' ପରିଧି ଭିତରକୁ ହିଁ ଏ ସବୁ ଆପାର୍ଟମେଣ୍ଟକୁ ଆଣିବାର କୌଣସି ଯଥାର୍ଥତା ନଥିଲା । ଏହାଦ୍ୱାରା ଉଭୟ କ୍ରେତା ଓ ବିକ୍ରେତା ହଇରାଣ ହେଉଥିଲେ । ବିଲଡର କ୍ଷତି ସହୁଥିଲେ । ସରକାରଙ୍କର ବି ରାଜସ୍ୱ ହାନୀ ମଧ୍ୟ ହେଉଥିଲା ।' ମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ, 'ପାର୍ଟ-ପ୍ଲଟ କିଣାବିକା ସମସ୍ୟାକୁ ବି ପୂର୍ବ ସରକାରର ଗୋଳିଆ କରି ରଖିଥିଲେ । ଜରୁରୀ ଆବଶ୍ୟକତା ବେଳେ କିଣା ବିକା ହୋଇପାରୁନଥିଲା । ଆଂଶିକ କିଣା ବିକା ଉପରୁ ଖୁବ୍‌ଶୀଘ୍ର ପ୍ରତିବନ୍ଧକ ହଟିବ । ନଗର ଉନ୍ନୟନ ସଚିବ ଏନେଇ ଡ୍ରାଫ୍ଟ ପ୍ରୋପୋଜାଲ ଦେଇସାରିଛନ୍ତି ।' ଦୀର୍ଘ ଦିନ ହେଲା ପାର୍ଟ-ପ୍ଲଟ କିଣାବିକା, ଆପାର୍ଟମେଣ୍ଟ ରେଜିଷ୍ଟ୍ରେସନ କଟକଣାରେ ଲୋକେ ସନ୍ତୁଳି ହେଉଥିଲେ । ପ୍ରଥମ ପର୍ଯ୍ୟାୟରେ ଆପାର୍ଟମେଣ୍ଟ ରେଜିଷ୍ଟ୍ରେସନ କଟକଣା ହଟିଥିବା ବେଳେ ଏବେ ପାର୍ଟ-ପ୍ଲଟ ସମସ୍ୟାର ସରଳ ଓ ସହଜ ବାଟକୁ ସମସ୍ତଙ୍କର ଅପେକ୍ଷା । ମନ୍ତ୍ରୀଙ୍କ କହିବା ଅନୁସାରେ, 'ବର୍ତ୍ତମାନର ଅଧିନିୟମ ସତ୍ତ୍ୱେ ଯେଉଁ ସବୁ ଆପାର୍ଟମେଣ୍ଟ ଗୁଡିକ ୨୦୧୭ ଫେବ୍ରୁଆରୀ ୨୫ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଛି ସେହି ସବୁ ଆପାର୍ଟମେଣ୍ଟ ଗୁଡିକ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଓ ପରିଚାଳନା ଅଧିନିୟମ ସତ୍ତ୍ୱେ ପଞ୍ଜିକରଣ (ରେଜିଷ୍ଟ୍ରସନ) କରାଯାଇପାରିବ । ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅନୁରୋଧ କରାଯାଇଛି । ବିଡିଏ ଏବଂ ବିଏମସିରେ ଓଡ଼ିଶା ଡେଭେଲପମେଣ୍ଟ ଅଥରିଟି-୧୯୮୨ କାର୍ଯ୍ୟକାରିତା ନେଇ ବିଭିନ୍ନ ସମୟରେ ଜାରି କରାଯାଇଥିବା ଆଦେଶନାମା ବିରୁଦ୍ଧରେ ପଡିରହିଥିବା ଅପିଲଗୁଡିକର ତୁରନ୍ତ ଫୈସଲା କରିବାକୁ ୭ ଜଣ ବରିଷ୍ଠ ଅଧିକାରୀଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ଦିଆଯାଇଛି ।''

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୨୦୩୬ ସୁଦ୍ଧା ...

ଓଡ଼ିଶାବାସୀଙ୍କ ସମସ୍ୟା ଓ ଆହ୍ୱାନର ମୁକାବିଲା ଦିଗରେ ସରକାର ଦୃଢ ରହିଛନ୍ତି ବୋଲି ସେ କହିଥିଲେ । ରାଜ୍ୟପାଳ କହିଥିଲେ, ରାଜ୍ୟର ପ୍ରତ୍ୟେକ ନାଗରିକଙ୍କୁ ୨୪ ଘଣ୍ଟିଆ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍‌ସେବା ସୁନିଶ୍ଚିତ କରିବା ପାଇଁ ସରକାର ପ୍ରତିବଦ୍ଧ । ଓଡ଼ିଶାରେ ଏବେ ବିଜୁଳି ବଳକା ରହିଛି, ଆଗାମୀ ଦିନରେ ବଳକା ରହିବ । ଲୋକାଭିମୁଖୀ ଯୋଜନା ମାଧ୍ୟମରେ ବିଦ୍ୟୁତ୍ ଉପଲବ୍ଧକୁ ସୁନିଶ୍ଚିତ କରାଯାଉଛି । ଉତ୍ପାଦନ, ପରିବହନ ଓ ବିତରଣ ଭିତ୍ତିଭୂମିରେ ବ୍ୟାପକ ବିକାଶ ହେତୁ ନିବେଶକଙ୍କ ପାଇଁ ଏବେ ଓଡ଼ିଶା ସବୁଠାରୁ ଯୋଗ୍ୟ ଗନ୍ତବ୍ୟସ୍ଥଳ ପାଲଟିଛି । ସେହିପରି ପୂର୍ବଭାରତର ଶିଳ୍ପଶକ୍ତି କେନ୍ଦ୍ର ଭାବରେ ଓଡ଼ିଶାକୁ ସ୍ଥାନିତ କରି ବିଭିନ୍ନ କ୍ଷେତ୍ରରେ ଘରୋଇ ଓ ଆନ୍ତର୍ଜାତୀୟ ନିବେଶକୁ ଆକର୍ଷଣୀୟ କରିବା ପାଇଁ ୨୦୨୫ ଜାନୁଆରୀ ୨୮ ଓ ୨୯ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ'ରେ ଓଡ଼ିଶାର ଶିଳ୍ପ ଶକ୍ତି, ଅତୁଳନୀୟ କାର୍ଯ୍ୟଶୈଳୀ ସୁବିଧା ଏବଂ ବିଶ୍ୱର ନିବେଶକଙ୍କ ପାଇଁ ବିପୁଳ ଅଭିବୃଦ୍ଧି ସୁଯୋଗକୁ ସମୁଜ୍ଜ୍ୱଳ କରିଛି । ଏହା ବିଶ୍ୱର ଶିଳ୍ପପତି ନୀତି ନିର୍ଦ୍ଧାରକ ଏବଂ ନିବେଶକଙ୍କ ମଧ୍ୟରେ ସହଯୋଗ ବୃଦ୍ଧି କରି ପ୍ରମୁଖ ନେଟ୍‌ୱାର୍କିଂ ସୁଯୋଗ ପ୍ରଦାନ କରିଥିଲା । ସରକାର ରାସାୟନିକ ଏବଂ ପେଟ୍ରୋକେମିକାଲ୍ସ, ବୟନଶିଳ୍ପ, ଖଣି, ଧାତବ ବିଦ୍ୟା, ନବୀକରଣ ଶକ୍ତି, ଆଇ.ଟି. / ଆଇ.ଟି.ଇ.ଏସ୍. ପର୍ଯ୍ୟଟନ ଓ ଖାଦ୍ୟ ପ୍ରକ୍ରିୟାକରଣ ଭଳି କ୍ଷେତ୍ରରେ ନିବେଶ ପାଇଁ ୧୨.୮୯ ଲକ୍ଷ କୋଟି ଟଙ୍କାର ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି ଏହା ସହିତ ୩.୮୪ ଲକ୍ଷ କୋଟି ନିବେଶ ମୂଲ୍ୟ ଏବଂ ୩.୯୨ ଲକ୍ଷ ନିଯୁକ୍ତି ସମ୍ଭାବନା ସହିତ ୪୪୮ ନିବେଶ ଉଦ୍ଦେଶ୍ୟ ଫର୍ମ ଗ୍ରହଣ କରାଯାଇଛି ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ କହିଥିଲେ । ସେ କହିଥିଲେ, ୨୦୨୪-୨୫ରେ ୪୦୦ରୁ ଅଧିକ ଷ୍ଟାର୍ଟଅପ୍‌କୁ ବିଭିନ୍ନ ଆର୍ଥିକ ଓ ଅଣଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସଚେତନତା କାର୍ଯ୍ୟକ୍ରମ ଏବଂ ଅଭିନବତ୍ୱ ଆହ୍ୱାନ ମାଧ୍ୟମରେ ହଜାରରୁ ଅଧିକ ଛାତ୍ରଛାତ୍ରୀ ଉଦ୍ୟୋଗୀ ପରିବେଶ ବ୍ୟବସ୍ଥା ସହିତ ଯୋଡ଼ି ହୋଇଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ ଅଧିନରେ ପ୍ରାୟ ୧୦୦ କୋଟି ଟଙ୍କା ମାର୍ଜିନ୍‌ମନି ସହାୟତା ମଞ୍ଜୁର କରାଯାଇଅଛି । ସେହିପରି ଗ୍ରାମାଞ୍ଚଳରେ ଉନ୍ନତ ସଡ଼କ ସଂଯୋଗ ଓ ଭିତ୍ତିଭୂମି ନିର୍ମାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଯେକୌଣସି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ଓ ସାମାଜିକ ପ୍ରଗତି ପାଇଁ ସହରୀକରଣ ପ୍ରମୁଖ ବାହକ ହୋଇଥିବାରୁ ଏହାର ଭିତ୍ତିଭୂମି ଅଭାବକୁ ଦୂର କରିବା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଅଛି । ୨୦୨୪-୨୫ରେ ଓଡ଼ିଶାରେ ଭିତ୍ତିଭୂମିର ଉଲ୍ଲେଖନୀୟ ବିକାଶ ହୋଇଛି । ଅର୍ଥନୈତିକ ଅଭିବୃଦ୍ଧି ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ହାସଲ କରିବା ପାଇଁ ଭିତ୍ତିଭୂମିର ବିକାଶ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ - ୫୭୫୩ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ୩୨ଟି ଜାତୀୟ ରାଜପଥ ରାଜ୍ୟଦେଇ ଯାଇଥିବା ବେଳେ ସେଥିମଧ୍ୟରୁ ୨୮୩୩ ରାଜ୍ୟର ଜାତୀୟ ରାଜପଥ ଶାଖା ନିୟନ୍ତ୍ରଣରେ ରହିଛି ଏବଂ ରକ୍ଷଣାବେକ୍ଷଣ ଓ ଉନ୍ନତି ପାଇଁ ୨୯୨୦ କି.ମି. ରାସ୍ତା ଏନ୍.ଏଚ୍.କୁ ହସ୍ତାନ୍ତର କରାଯାଇଛି । ସେହିପରି ସମସ୍ତ ଜିଲ୍ଲାକୁ ରେଳ ସଂଯୋଗୀକରଣ ନିମନ୍ତେ ସରକାରଙ୍କ ପ୍ରାଥମିକତା ରହିଛି । କେନ୍ଦ୍ର ସରକାରଙ୍କ ସହିତ ସମନ୍ୱୟ ରଖି ରେଳସଂଯୋଗ ବିହୀନ ଜିଲ୍ଲାଗୁଡ଼ିକୁ ରେଳ ସଂଯୋଗୀକରଣ କରିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି । ଇତିମଧ୍ୟରେ ଖୋର୍ଦ୍ଧାରୋଡ- ବଲାଙ୍ଗୀର ଲାଇନ୍ ଭଳି ପ୍ରକଳ୍ପକୁ ପ୍ରାଥମିକତା ଦିଆଯିବା ସହ ଅନେକ ରେଳ ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିବାରୁ ରାଜ୍ୟପାଳ ଭାରତ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି । ରାଜ୍ୟପାଳ କହିଥିଲେ ଗ୍ରାମୀଣ ଆବାସ ଯୋଜନା ମାଧ୍ୟମରେ ସମସ୍ତ ବାସହୀନ ଲୋକ ଏବଂ କଚ୍ଚା ଘରେ ରହୁଥିବା ପରିବାରକୁ ପକ୍କାଘର ଯୋଗାଇବା ପାଇଁ ସରକାର ପ୍ରତିବଦ୍ଧ । ସେହିପରି ସ୍ୱଚ୍ଛ ଓ ନିରାପଦ ପାନୀୟଜଳ ଯୋଗାଇବା ଉପରେ ମଧ୍ୟ ପ୍ରାଥମିକତା ଦେଉଛନ୍ତି । କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି କରିଛି । ପ୍ରଥମଥର ପାଇଁ ହକି ଇଣ୍ଡିଆ ପୁରୁଷ ଜାତୀୟ ଚମ୍ପିଆନସିପ୍-୨୦୨୪ରେ ଓଡ଼ିଶା ଐତିହାସିକ ବିଜୟ ହାସଲ କରିଥିବା ବେଳେ ସିନିୟର ମହିଳା ଫୁଟ୍‌ବଲ ଦଳ ଜାତୀୟ ଚମ୍ପିଆନ୍‌ସିପରେ ଉପବେଜେତା ହୋଇଛନ୍ତି । ସେହିଭଳି ଦୌଡ଼କୁଦ, ସନ୍ତରଣ, ରଗ୍‌ବୀ ଏବଂ ଅନ୍ୟାନ୍ୟ କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ଆମ କ୍ରୀଡ଼ାବିତ୍‌ମାନେ ଉତ୍କୃଷ୍ଟ ପ୍ରଦର୍ଶନ କରିଛନ୍ତି । ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଭାକୁ ସମ୍ମାନିତ କରିବା ଏବଂ ଏହି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ ପାଇଁ ଓଡ଼ିଶା ଏକ ପସନ୍ଦର ସ୍ଥାନ ହୋଇଛି ବୋଲି ସେ କହିଥିଲେ । ଅନୁରୂପ ଭାବେ ରାଜ୍ୟରେ କୃଷି ଓ କୃଷକର ବିକାଶ ଏବଂ ସେମାନଙ୍କୁ ଆର୍ଥିକ ସଶକ୍ତ କରିବା ଲାଗି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଚାଷୀଙ୍କୁ ବୋନସ୍ ପ୍ରଦାନ ବ୍ୟବସ୍ଥା, ମହିଳା ସଶକ୍ତିକରଣ ପାଇଁ 'ସୁଭଦ୍ରା' ଯୋଜନାର କାର୍ଯ୍ୟକାରୀ କରାଇବା, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ବିକାଶ ପାଇଁ ବହୁବିଧ କାର୍ଯ୍ୟକ୍ରମ ସରକାର ହାତକୁ ନେଇଥିବା ସମ୍ପର୍କରେ ରାଜ୍ୟପାଳ ତାଙ୍କ ଅଭିଭାଷଣରେ ବିଷଦ ଭାବେ ଆଲୋକପାତ କରିଥିଲେ ।

## ଦିବଂଗତ ପୂର୍ବତନ...

ଶୋକ ପ୍ରସ୍ତାବ ଗ୍ରହଣ ପରେ ବାଚସ୍ପତି ଶ୍ରୀମତୀ ପାଢୀ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ଓ ଦୁଇ ପୂର୍ବତନ ସଦସ୍ୟଙ୍କ ସମ୍ମାନାର୍ଥେ ଗୃହକୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

## ମଣିପୁରରେ...

ସମ୍ବିତ ପାତ୍ର ଓ ମଣିପୁର ବିଧାୟକଙ୍କ ମଧ୍ୟରେ ଅନେକ ପର୍ଯ୍ୟାୟ ଆଲୋଚନା ସତ୍ତ୍ୱେ ବିଜେପି ମୁଖ୍ୟମନ୍ତ୍ରୀ ପଦ ପାଇଁ ନୂଆ ନେତା ଘୋଷଣା କରିବାରେ ବିଫଳ ହୋଇଛି । ଗତ ଦୁଇ ଦିନ ମଧ୍ୟରେ ଶ୍ରୀ ପାତ୍ର ଦୁଇ ଥର ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କୁ ଭେଟିଛନ୍ତି । ମଙ୍ଗଳବାର ଶ୍ରୀ ପାତ୍ର ଦଳର ରାଜ୍ୟ ସଭାପତି ଏ ଶାରଦା ଦେବୀଙ୍କ ଉପସ୍ଥିତିରେ ରାଜ୍ୟପାଳଙ୍କ ସହ ଆଲୋଚନା କରିଥିବା ବେଳେ ବୁଧବାର ପୁଣି ରାଜ୍ୟପାଳଙ୍କୁ ଭେଟିଥିଲେ । ଏଠାରେ ସୂଚନାଯୋଗ୍ୟ ବିଗତ ଦୁଇ ବର୍ଷ ହେଲା ମଣିପୁରରେ ଦୁଇ ସଂପ୍ରଦାୟ ମଧ୍ୟରେ ବିବାଦ ଲାଗି ରହିବା ସହ ହିଂସା ମଧ୍ୟ ଜାରି ରହିଛି ।

## ଲୋକସଭାରେ ଆୟକର ...

ଆୟକର ଧାରାଗୁଡ଼ିକର ସଂଖ୍ୟା କମାଇ ୫୩୬ କରିଛୁ । ସେ କହିଛନ୍ତି ଯେ ଆୟକର ବିଧେୟକରେ ଅଧ୍ୟାୟଗୁଡିକର ସଂଖ୍ୟା କମିବା ସହିତ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି । ଏହି ବିଧେୟକର ଉଦ୍ଦେଶ୍ୟ ୬୪ ବର୍ଷ ପୁରୁଣା ଆୟକର ଆଇନରେ ବଡ଼ ପରିବର୍ତ୍ତନ କରିବାକୁ ଲକ୍ଷ୍ୟ ରହିଛି । ନୂତନ ଆୟକର ବିଧେୟକ-୨୦୨୫ ଭାରତର ଏବେର ଆୟକର ପ୍ରଣାଳୀ ଏବଂ ବୈଧାନିକ ପ୍ରାବଧାନଗୁଡିକରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ରୂପେ ଅଣାଯାଇଛି, ଯାହା ୨୧ ଶତାବ୍ଦୀର ପ୍ରଗତି ଏବଂ ଆର୍ଥିକ ବାସ୍ତବତାଗୁଡିକ ଅନୁସାରେ ପୁରାତନ ଆୟକର ଆଇନ, ୧୯୬୧କୁ ନିରସ୍ତ କରିବାକୁ ଯାଉଛି । ୬୨୨ ପୃଷ୍ଠାର ଏହି ବିଧେୟକ ୬ ଦଶକ ପୁରୁଣା ଇନକମ ଟାକ୍ସ୍ ଆକ୍ଟ ୧୯୬୧ର ସ୍ଥାନ ନେବ ।

## ଆମେରିକାରେ ପହଞ୍ଚିଲେ ...

ଆମର ଦେଶ ନିଜ ଲୋକଙ୍କ ଲାଭ ଓ ଆମ ଗ୍ରହର ଉତ୍ତମ ଭବିଷ୍ୟତ ପାଇଁ ମିଳିତ ଭାବେ କାମ କରିବୁ । ପ୍ରଧାନମନ୍ତ୍ରୀ ମୋଦି ଏଠାରେ ପହଞ୍ଚିବା ପରେ ଭାରତୀୟ ପ୍ରବାସୀମାନେ ବି ଜୋରଦାର ସ୍ୱାଗତ କରିଥିଲେ । ପିଏମ ମୋଦି ଏକ୍ସରେ ଲେଖିଛନ୍ତି ଯେ, ପ୍ରବଳ ଶୀତ ସତ୍ତ୍ୱେ ଉଷ୍ମତାପୂର୍ଣ୍ଣ ସ୍ୱାଗତ । ଶୀତ ସତ୍ତ୍ୱେ ୱାଶିଂଟନ ଡିସିରେ ଭାରତୀୟ ପ୍ରବାସୀମାନେ ମୋର ବହୁତ ବିଶେଷ ଭାବେ ସ୍ୱାଗତ କରିଛନ୍ତି । ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି । ଏହାରି ମଧ୍ୟରେ ପିଏମ ମୋଦିଙ୍କର ଆମେରିକାର ଜାତୀୟ ଗୁଇନ୍ଦା ନିର୍ଦ୍ଦେଶକ ତୁଳସୀ ଗବାର୍ଡଙ୍କ ସହ ସାକ୍ଷାତ ହୋଇଛି ।

## ରେମୁଣା ତହସିଲଦାର ...

ଜଣାଯାଇଛି । ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ ବିପୁଳ ସମ୍ପତ୍ତି ଠାବ ହୋଇଛି । ୨ଟି ପ୍ଲଟ, ୯୩୭ ଗ୍ରାମର ସୁନା, ୧.୧୨କୋଟିର ଡିପୋଜିଟ ଠାବ କରାଯାଇଛି । ଗିରଫ ରେମୁଣା ତହସିଲଦାର ବିଦ୍ୟାଧର ପତିଙ୍କ ଆୟ ଠାରୁ ୨୦୨୪% ଅଧିକ ସମ୍ପତ୍ତି ଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଗିରଫ ରେମୁଣା ତହସିଲଦାର ଶ୍ରୀ ପତିଙ୍କ ଭୁବନେଶ୍ୱରରେ ୨.୫କୋଟିର ୨ଟି ଫ୍ଲାଟ ଏବଂ ବାଲେଶ୍ୱରରେ ଗୋଟିଏ ଫ୍ଲାଟ ରହିଛି । ବିଦ୍ୟାଧର ଓ ତାଙ୍କ ପତ୍ନୀଙ୍କ ନାମରେ ଦେଢ କୋଟିର ପୋଷ୍ଟାଲ ଓ ବ୍ୟାଙ୍କ ଜମା ଥିବା ଜଣାପଡ଼ିଛି । ୨୦୨୨ରୁ ୨୦୨୪ ମଧ୍ୟରେ ୨ ବର୍ଷରେ ଦେଢ଼ କୋଟିର ଜମା ଠାବ ହୋଇଛି । ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ୟୁକୋ ବ୍ୟାଙ୍କରେ ତାଙ୍କ ପତ୍ନୀଙ୍କ ଏକ ବ୍ୟାଙ୍କ ଲକର ରହିଥିବା ସୂଚନା ମିଳିଛି ।

## ବଜେଟ୍ ଅଧିବେଶନର...

ଚାଲିଥିଲା । ସେହିପରି ବଜେଟ୍ ଉପରେ ୧୬ ଘଣ୍ଟା ୧୩ ମିନିଟ୍ ଚର୍ଚ୍ଚା ହୋଇଛି, ଯେଉଁଥିରେ ୧୭୦ ସଦସ୍ୟଙ୍କର ସକ୍ରିୟ ଅଂଶଗ୍ରହଣ ଥିଲା । ସେ ଆଶା ବ୍ୟକ୍ତ କରିଛନ୍ତି ଯେ ଆଗକୁ ମଧ୍ୟ ସଦସ୍ୟମାନେ ସହଯୋଗ କରିବେ । ଲୋକସଭାରେ ଗୁରୁବାର ଯୁଗ୍ମ ସଂସଦୀୟ କମିଟିର ରିପୋର୍ଟ ପ୍ରସ୍ତୁତ କରାଯିବା ସମୟରେ ବିରୋଧୀମାନେ ହଙ୍ଗାମା କରିଥିଲେ । ବିରୋଧୀମାନେ ଏଥିରେ ଅସହମତି ପ୍ରକାଶ କରିବା ସହ ସେମାନଙ୍କର କିଛି ସହଯୋଗୀଙ୍କର ସୂଚନା ରିପୋର୍ଟରେ ସାମିଲ କରାଯାଇନାହିଁ । ଏହା ଉପରେ ଲୋକସଭା ଅଧ୍ୟକ୍ଷ କହିଛନ୍ତି ଯେ, ଏହି ସମ୍ବନ୍ଧରେ ଯେଉଁ ସମସ୍ୟାଗୁଡିକ ତାଙ୍କ ସପକ୍ଷରେ ଉଠାଯାଇଛି, ସେହି ରିପୋର୍ଟର ଏନେକ୍ସଚର (ଅନୁଲଗ୍ନ)ରେ ସାମିଲ କରାଯାଇଛି । ବିରୋଧୀ ଏହି ମାମଲାରେ ପ୍ରତୀକାତ୍ମକ ବହିର୍ଗମନ କରିଛନ୍ତି ।

## ରାଜଧାନୀର ତାପମାତ୍ରା...

କଣ ହେବ ତାହା ଏବେଠାରୁ ଅନୁମାନ କରିହେଉଛି । କେବଳ ଯେ ଭୁବନେଶ୍ୱରରେ ୩୫ ଡିଗ୍ରୀ ରେକର୍ଡ କରାଯାଇଛି ତାହା ନୁହେଁ ବରଂ ରାଜ୍ୟରେ ଚଳିତ ବର୍ଷ ଫେବୃଆରୀ ଆରମ୍ଭରୁ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଗଲାଣି ଯାହା ସମସ୍ତଙ୍କ ଚିନ୍ତାର କାରଣ ପାଲଟିଛି ।

## ଦ୍ୱିତୀୟ ବିବାହ ...

ହାଇକୋର୍ଟ ଅଜା ଘରର ଦାବିକୁ ଅନୁମୋଦନ କରିବା ସହିତ ପିତାଙ୍କୁ କେବଳ ପ୍ରତିମାସରେ ଥରେ ନିଜ ସନ୍ତାନକୁ ଦେଖିବାର ଅନୁମତି ଦେଇଥିଲେ । ଏହି ପ୍ରସଙ୍ଗରେ ପିତା ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମକୋର୍ଟ ମାମଲାର ସବିଶେଷ ଶୁଣାଣି କରି ପିତାଙ୍କୁ ତାଙ୍କ ସନ୍ତାନ ଉପରେ ପୂର୍ଣ୍ଣ ଅଧିକାର ପ୍ରଦାନ କରିଛନ୍ତି । ପ୍ରଥମ ପତ୍ନୀଙ୍କ ମୃତ୍ୟୁ ପରେ ସମ୍ପୃକ୍ତ ତାଙ୍କ ଔରସରୁ ଜନ୍ମିତ ସନ୍ତାନର ବୟସ ୧୦ବର୍ଷ ହୋଇଥିଲା । ସେବେଠାରୁ ସେ ଅଜାଙ୍କ ଘରେ ରହିଆସୁଥିଲେ ।



ଭୁବନେଶ୍ୱର : ଜୟଦେବ ବାଟିକାରେ ସରକାରୀ ବାଳକ ଉଚ୍ଚବିଦ୍ୟାଳୟ ୟୁନିଟ୍-୧ର ୧୯୮୨ ବ୍ୟାଚ୍‌ର ବନ୍ଧୁମିଳନ । (ଫଟୋ : ସମ୍ବାଦ କଳିକା)

# ସୁନାପୁର ବେଳାଭୂମିକୁ ବ୍ଲୁଫ୍ଲାଗ ମାନ୍ୟତା

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ପର୍ଯ୍ୟଟନ କ୍ଷେତ୍ରରେ ଗଂଜାମ ଜିଲ୍ଲାକୁ ପୁଣିଏକ ସଫଳତା ମିଳିଛି । ପର୍ଯ୍ୟଟକଙ୍କ ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ସୁନାପୁର ବେଳଭୂମିକୁ ଦ୍ୱିତୀୟଥର ପାଇଁ ବ୍ଲୁଫାଗ ମାନ୍ୟତା ମିଳିଛି । ୨୦୨୪-୨୦୨୫ବର୍ଷ ପାଇଁ ଏହି ମାନ୍ୟତା ମିଳିଥିବା ବ୍ରହ୍ମପୁର ଡିଏଫଓ ସନି ଖୋଖର ଏହି ସୂଚନା ଦେଇଛନ୍ତି । ଏହାପୂର୍ବରୁ ୨୦୨୩-୨୦୨୪ବର୍ଷ ପାଇଁ ସୁନାପୁର ବେଳାଭୂମିକୁ ବ୍ଲୁଫ୍ଲାଗ ମାନ୍ୟତା ମଧ୍ୟ ମିଳିଥିଲା ।

# ଲକ୍ଷ୍ମୀପୁର ଗଣଦୁଷ୍କର୍ମ ପୀଡିତାଙ୍କୁ ଭେଟିଲା ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଗଣଦୁଷ୍କର୍ମ ଘଟଣାରେ ବିଜୁ ଜନତା ଦଳର ଫ୍ୟାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟ ମାନେ ଆଜି ପୀଡିତା ଓ ତାଙ୍କ ପରିବାରର ସଦସ୍ୟ ମାନଙ୍କୁ ଭେଟି ସମବେଦନା ଜଣାଇବା ସହିତ ଘଟଣା ସମ୍ବନ୍ଧରେ ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି । ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିବୃତିରେ କୁହାଯାଇଛି ଯେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ଆଦିବାସୀ ନାବାଳିକାର ଗଣଦୁଷ୍କର୍ମ ଘଟଣାର ଅନୁଧ୍ୟାନ ପାଇଁ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଗଠିତ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ଆଜି ଲକ୍ଷ୍ମୀପୁର ଯାଇ ପୀଡିତା ଓ ତାଙ୍କ ପରିବାରବର୍ଗଙ୍କୁ ଭେଟିଥିଲା । ଟିମରେ ଦଳର ମହିଳା ସଭାନେତ୍ରୀ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ପଦ୍ମିନୀ ଦିଆନ, କୋରାପୁଟର ଜିଲ୍ଲା ପରିଷଦ ଅଧ୍ୟକ୍ଷ ସସ୍ମିତା ମେଲକା, ଶ୍ରୀମତି କୌଶଲ୍ୟା ହିକକା, ଶ୍ରୀମତୀ ଅନୁସୟା ମାଝୀ ଇତ୍ୟାଦି ଥିଲେ । ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହିତ ଏହି ହୃଦୟ ବିଦାରକ ଘଟଣାକୁ ସମ୍ମୁଖୀନ ହେବା ପାଇଁ ବିଜୁ ଜନତା ଦଳ ପରିବାର ସହିତ ସବୁବେଳେ ଛିଡା ହୋଇ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପୀଡ଼ିତାଙ୍କୁ ଭେଟିବା ପରେ, ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ପୀଡିତାଙ୍କ ସ୍ୱାସ୍ଥ୍ୟ ଓ ମାନସିକ ଅବସ୍ଥା ଭଲ ନାହିଁ ଓ ସେ ଏବେ ଚିକିତ୍ସାଧୀନ ଅଛନ୍ତି । ତେଣୁ, ତାକୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ବ୍ୟବସ୍ଥା କରିବା ସହିତ ତାଙ୍କର ଉପଯୁକ୍ତ ଚିକିତ୍ସା ପ୍ରଦାନ ପାଇଁ ସରକାର ବ୍ୟବସ୍ଥା କରନ୍ତୁ । ସେ ଆହୁରି କହିଥିଲେ, ରାଜ୍ୟରେ ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଭଳି ଘଟଣା ବିଶେଷକରି ଆଦିବାସୀ ଓ ଦଳିତ ମାନଙ୍କ ଉପରେ ପ୍ରତିଦିନ ଘଟୁଛି । ରାଜ୍ୟରେ ଜଣେ ଆଦିବାସୀ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟରତ ଥିବା ବେଳେ ଆଦିବାସୀ ବାଳିକା ମାନଙ୍କ ଉପରେ ଏପରି ଘଟଣା ମାନ ଘଟିବା ଚିନ୍ତାଜନକ ହୋଇ ପଡିଛି ବୋଲି ଶ୍ରୀମତୀ ଛୁରିଆ କହିଥିଲେ । ଦୁଃଖ ଓ ପରିତାପର ବିଷୟ, ଏହି ଭଳି ଘଟଣାକୁ କିପରି ରୋକାଯାଇ ପାରିବ ସେ ନେଇ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନେବା ତ ଦୂର କଥା ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ପ୍ରତି ସମବେଦନା ମଧ୍ୟ ପ୍ରକାଶ କରି ନାହାନ୍ତି, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଅପରପକ୍ଷରେ, ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ସବୁ ସମୟରେ ଆଦିବାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଲଢେଇ କରୁଛନ୍ତି ।

# ଏସ୍‌ସିବିରେ ଯକୃତ ପ୍ରତିରୋପଣ ବ୍ୟବସ୍ଥାକୁ ଝଟ୍‌କା: ଆଖି ବୁଜିଲେ ଦ୍ୱିତୀୟ ରୋଗୀ





**କଟକ, ନ୍ୟୁଜ ବ୍ୟୁରୋ**

କଟକ ବଡ଼ ଡାକ୍ତରଖାନାରେ ଯକୃତ (ଲିଭର) ପ୍ରତିରୋପଣ ବ୍ୟବସ୍ଥାକୁ ଝଟ୍‌କା ଲାଗିଛି । ଯକୃତ ପ୍ରତିରୋପଣର ୬ ମାସରେ ନୟାଗଡ଼ର ମାନସ ମୁଦୁଲି ଏସ୍‌ସିବି ସେଣ୍ଟ୍ରାଲ ଆଇସିୟୁରେ ଗୁରୁବାର ଆଖି ବୁଜିଛନ୍ତି । ଏପଟେ ୫ମାସ ହେଲା ହାଇଦ୍ରାବାଦ୍‌ସ୍ଥିତ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି (ଏଆଇଜି) ଟିମ୍ ମଧ୍ୟ ଏସ୍‌ସିବି ଆସୁନାହାନ୍ତି । ଯାହାଫଳରେ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି ଏସ୍‌ସିବି ଯକୃତ ପ୍ରତିରୋପଣ ବ୍ୟବସ୍ଥା । ଓପିଡି ବି ଏକପ୍ରକାର ବନ୍ଦ ରହିଛି । ପାଖାପାଖି ୫୦ ଜଣ ରୋଗୀ ଯେଉଁମାନେ ଯକୃତ ପ୍ରତିରୋପଣ ପାଇଁ ପଞ୍ଜୀକରଣ କରିଥିଲେ, ସେମାନଙ୍କ ମଧ୍ୟରୁ ଅନେକ ଆଖି ବୁଜିସାରିଲେଣି । ଅନ୍ୟପକ୍ଷରେ ସେପ୍ଟେମ୍ବରରେ ଯେଉଁ ୪ଜଣ ରୋଗୀଙ୍କୁ ଯକୃତ ପ୍ରତିରୋପଣ ପାଇଁ ଫିଟ୍ ବୋଲି ଏଆଇଜି ଟିମ୍ ଚିହ୍ନଟ କରିଥିଲା, ସେମାନେ ଏବେ ଆଶା ଆଶଙ୍କା ଭିତରେ ଅଛନ୍ତି । ଏସ୍‌ସିବି ଯକୃତ ପ୍ରତିରୋପଣ ବ୍ୟବସ୍ଥା ଓ ଓଟି ପାଇଁ ପାଖାପାଖି ୩୫ କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲା । ଏତେ ଟଙ୍କା ଖର୍ଚ୍ଚ ପରେ କେବଳ ୨ଟି ପ୍ରତିରୋପଣ ହୋଇଛି । ଏମ୍‌ଓୟୁ ଅନୁସାରେ ଏଆଇଜି ଟିମ୍ ଆସୁନଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିପାରୁ ନାହିଁ । ଏସ୍‌ସିବିରେ ପ୍ରଥମ ଯକୃତ ପ୍ରତିରୋପଣ ଏପ୍ରିଲ ୩ତାରିଖରେ ହୋଇଥିଲା । ଯେଉଁଥିରେ ତିଗିରିଆର ମାନସ ବାରିକଙ୍କୁ ତାଙ୍କ ପତ୍ନୀ ରଶ୍ମିତା ଯକୃତ ଦାନ କରିଥିଲେ । ଏହାପରେ ୪ମାସ ପରେ ସେପ୍ଟେମ୍ବର ୯ରେ ଦ୍ୱିତୀୟ ପ୍ରତିରୋପଣ କରାଯାଇଥିଲା । ନୟାଗଡ଼ର ମାନସ ମୁଦୁଲିଙ୍କୁ ତାଙ୍କ ପତ୍ନୀ ଛବି ଯକୃତ ଦାନ କରିଥିଲେ । ପ୍ରତିରୋପଣ ପରଠାରୁ ମାନସଙ୍କ ସ୍ୱାସ୍ଥ୍ୟାବସ୍ଥା ବିଭିନ୍ନ ସମୟରେ ଖରାପ ରହୁଥିଲା । ତେବେ ଜାନୁଆରି ୨୧ରୁ ମାନସ ଏସ୍‌ସିବି ସେଣ୍ଟ୍ରାଲ ଆଇସିୟୁରେ ଚିକିତ୍ସିତ ହେଉଥିବାବେଳେ ଗୁରୁବାର ତାଙ୍କର ମୃତ୍ୟୁ ହୋଇଛି । ସେପ୍ଟେମ୍ବରରେ ଯେଉଁ ଦ୍ୱିତୀୟ ପ୍ରତିରୋପଣ ହୋଇଥିଲା ତାପରଠାରୁ ଏଆଇଜି ଟିମ୍ ଏସ୍‌ସିବି ଆସିନାହାନ୍ତି । ଫଳରେ ଏସ୍‌ସିବି ଯକୃତ ପ୍ରତିରୋପଣ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି । ସଂକ୍ରମଣ ଯୋଗୁଁ ମାନସଙ୍କ ମୃତ୍ୟୁ ହୋଇଥିବା ଏସ୍‌ସିବି ପକ୍ଷରୁ ସୂଚନା ଦିଆଯାଇଛି ।

# ୨୦୨୪ରେ ଗଞ୍ଜାମ ଜିଲ୍ଲାରେ ୨୮୮ଟି ସଡ଼କ ଦୁର୍ଘଟଣା:୧୫୫ ମୃତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସଡ଼କ ଦୁର୍ଘଟଣା ହ୍ରାସ ଉପରେ ଓଡ଼ିଶା ସରକାରଙ୍କ ଫୋକସ୍ । ଗଞ୍ଜାମ ଜିଲ୍ଲାରେ ଅଧିକ ଦୁର୍ଘଟଣା ଘଟୁଥିବାରୁ ମାଡ୍ରାସ ଆଇଆଇଟିର ଏକ ଟିମ୍ ବ୍ରହ୍ମପୁର ଗସ୍ତ କରି ଏସପିଙ୍କ ସହ ଆଲୋଚନା କରିଛନ୍ତି । ଦୁର୍ଘଟଣା ରୋକିବାକୁ ଏନଫୋର୍ସମେଣ୍ଟ ବୃଦ୍ଧି ନିଷ୍ପତ୍ତି ସହ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି । ଦୁର୍ଘଟଣା ହ୍ରାସ ଲାଗି ମାଡ୍ରାସ ଆଇଆଇଟିର ଏକ ଟିମ୍ ପୋଲିସ ଡିଜି ୱାଇ. ବି ଖୁରାନିଆଙ୍କ ସହ ଆଲୋଚନା ପରେ ବ୍ରହ୍ମପୁର ଆସିଥିଲେ । ଏସପି ଶ୍ରବଣା ବିବେକ ଏମ.ଙ୍କ ସହ ଆଲୋଚନା ହୋଇଛି । ଏହି ଟିମ୍ ଗଞ୍ଜାମ ଜିଲ୍ଲାର କିଛି ବ୍ଲାକସ୍ପଟ୍ ସହ ବ୍ରହ୍ମପୁର ଏମକେସିଜି ମେଡିକାଲ ଟ୍ରମା ସେଣ୍ଟର ବୁଲି ଦେଖିଥିଲେ । ରୋଡ୍ ଇଞ୍ଜିନିୟରିଂରେ ତ୍ରୁଟି ଚିହ୍ନଟ କରି ବିଭାଗକୁ ଜଣାଇବା ପାଇଁ ନିଷ୍ପତ୍ତି ହୋଇଛି । ମଦପିଇ ବେପରୁଆ ଭାବେ ଦ୍ରୁତଗତିରେ ଗାଡ଼ି ଚାଳନା ଓ ବିକଟାଳ ହର୍ନ ଦୁର୍ଘଟଣାର ପ୍ରମୁଖ କାରଣ ହୋଇଥିବାରୁ ନିୟମ ପାଳନରେ ଲୋକଙ୍କୁ ଭାଗୀଦାର କରିବା ସହ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଛି । ୨୦୨୪ରେ ଗଞ୍ଜାମ ଜିଲ୍ଲାରେ ୨୮୮ଟି ସଡ଼କ ଦୁର୍ଘଟଣା ମାମଲା ରୁଜୁ ହୋଇଥିଲା । ଏଥିରୁ ୧୪୧ଟି ଦୁର୍ଘଟଣାରେ ୧୫୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୧୪୭ଟି ଦୁର୍ଘଟଣାରେ ୨୦୧ ଜଣ ଗୁରୁତର ଆହତ ହୋଇଥିଲେ । ନିୟମ ଖିଲାପକାରୀ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଥିବା ବେଳେ ଆଗକୁ ଏହି ନିୟମ ଆହୁରି କଡ଼ାକଡ଼ି ପାଳନ ସହ ଏନଫୋର୍ସମେଣ୍ଟକୁ ବ୍ୟାପକ କରାଯିବ ବୋଲି ବ୍ରହ୍ମପୁର ଏସପି କହିଛନ୍ତି । ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ନିୟମ କଡ଼ାକଡ଼ି ପାଳନ ସହ ଜନସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି ।

# ଜିଲ୍ଲାରେ ପରିକ୍ରମା କରିବ ଶ୍ରମିକ ସଚେତନତା ରଥ : ଶୁଭାରମ୍ଭ କଲେ ଜିଲ୍ଲାପାଳ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଓ ଶ୍ରମ ଆଇନରେ ଥିବା ଅଧିକାର ଏବଂ ସୁବିଧା-ସୁଯୋଗ ଉପରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ପ୍ରଚାର ଅଭିଯାନ ଆରମ୍ଭ ହୋଇଛି । ଉଭୟ ଭାରତ ସରକାର ଏବଂ ଓଡିଶା ସରକାର ତରଫରୁ ପ୍ରବାସୀ ଶ୍ରମିକଙ୍କ କଲ୍ୟାଣ ପାଇଁ ରହିଥିବା ସାମ୍ବିଧାନିକ ଅଧିକାର ସହ ଅନ୍ୟାନ୍ୟ ସୁବିଧା ଓ ସୁଯୋଗ ଉପରେ ଜିଲ୍ଲାର ସମସ୍ତ ଶ୍ରମିକ ତଥା ଜନସାଧାରଣଙ୍କୁ ସଚେତନତା କରାଇବ ଏହି ଶ୍ରମିକ ସଚେତନତା ରଥ । ପ୍ରଭାଗୀୟ ଶ୍ରମ ଆୟୁକ୍ତ ତଥା ଭାରପ୍ରାପ୍ତ ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖାଙ୍କ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶ୍ରମିକ ସଚେତନତା ପ୍ରଚାର ରଥକୁ ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରିଥିଲେ । ଉପଜିଲ୍ଲାପାଳ ଡ. ସୌମ୍ୟାରୁପା ରଥ ତଥା ଜିଲ୍ଲାସ୍ତରୀୟ ଅଧିକାରୀ, ବିଭାଗୀୟ ଅଧିକାରୀ, କର୍ମଚାରୀ ସହ, ଜିଲ୍ଲା ଶ୍ରମିକ ସଂଘ ର କର୍ମକର୍ତ୍ତା, ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଚେତନତା ରଥ ଜିଲ୍ଲାର ୬ଟି ବ୍ଲକର ପ୍ରମୁଖ ସ୍ଥାନ ସହ ଜିଲ୍ଲାର ବିଭିନ୍ନ ବ୍ଲକର ଶ୍ରମିକ ଚାଲାଣ ପ୍ରବଣ ଅଞ୍ଚଳ ପରିକ୍ରମା କରିବା ସହ ଜନସାଧାରଣଙ୍କୁ ପ୍ରବାସୀ ଶ୍ରମ ଆଇନ ତଥା ସରକାରଙ୍କ ଶ୍ରମିକ କଲ୍ୟାଣ ଯୋଜନା ଓ ଅଧିକାର ଉପରେ ସଚେତନ କରିବ ।

ଉତ୍କଳ ଦୀପିକା

ଭୁବନେଶ୍ୱର
୧୪ ଫେବୃୟାରୀ
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ୫୦ ଟଙ୍କିଆ ନୂଆ ନୋଟ୍ ଜାରି କରିବେ ଆରବିଆଇ : ରହିବ ନୂଆ ଗଭର୍ଣ୍ଣରଙ୍କ ସ୍ୱାକ୍ଷର




**ମୁମ୍ବାଇ ୧୩।୨**
ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଘୋଷଣା କରିଛନ୍ତି ଯେ ଖୁବ୍ ଶୀଘ୍ର ୫୦ ଟଙ୍କାର ନୂଆ ନୋଟ୍ ଜାରି କରାଯିବ। ଏହି ନୋଟ୍ ଖୁବ୍ ଶୀଘ୍ର ବଜାରକୁ ଆସିବ। ଏହି ନୂଆ ନୋଟରେ ଆରବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ସ୍ୱାକ୍ଷର ରହିବ। ମାଲହୋତ୍ରା ଡିସେମ୍ବର ୨୦୨୪ରେ ଆରବିଆଇ ନୂଆ ଗଭର୍ଣ୍ଣର ରୂପେ ଦାୟିତ୍ୱ ଗ୍ରହଣ କରିଥିଲେ। ଶକ୍ତି କାନ୍ତ ଦାସ ଅବସର ନେବା ପରେ ତାଙ୍କର ନିଯୁକ୍ତି ହୋଇଥିଲା। ଆରବିଆଇ ତାଙ୍କ ବୟାନରେ କହିଛନ୍ତି ଯେ ଜାରି ହେବାକୁ ଥିବା ନୋଟ୍‌ର ଡିଜାଇନ ମହାତ୍ମା ଗାନ୍ଧି ନୂଆ ସିରିଜର ୫୦ ଟଙ୍କା ନୋଟ୍ ଭଳି ରହିବ। ଏହା ସହିତ ପୂର୍ବରୁ ପ୍ରଚଳିତ ୫୦ ଟଙ୍କିଆ ନୋଟ୍ ଗୁଡିକ ମଧ୍ୟ ବଜାରରେ ବୈଧ ରହିବ। ପୂର୍ବରୁ ଜାରି ହୋଇଥିବା ମହାତ୍ମା ଗାନ୍ଧି ସିରିଜ ନୋଟର ଆକାର ୬୬ମିମି ଓ ୧୩୫ ମିମି ଥିଲା। ଏହି ନୋଟ୍ ଗୁଡିକର ରଙ୍ଗ ଫ୍ଲୋରୋସେଣ୍ଟ ବ୍ଲୁ ଥିଲା। ନୋଟ ଗୁଡିକରେ ରଥ ସହିତ ହାମ୍ପି ମନ୍ଦିରର ଫଟୋ ରହିଛି, ଯାହା ଭାରତର ସାଂସ୍କୃତିକ ଐତିହ୍ୟକୁ ପ୍ରଦର୍ଶିତ କରୁଛି। ଭାରତରେ ୨ ହଜାର ଟଙ୍କା ନୋଟ୍ କୁ ଆରବିଆଇ ଦେଢ ବର୍ଷ ପୂର୍ବେ ବନ୍ଦ କରିଦେଇଛନ୍ତି। ତେବେ ଅନୁମାନ କରାଯାଉଛି ଏପରି ହଜାର ହଜାର ଲୋକ ଅଛନ୍ତି ଯେଉଁମାନଙ୍କ ନିକଟରେ ୨ ହଜାର ଟଙ୍କା ନୋଟ୍ ରହିଛି। ନିକଟରେ ଆରବିଆଇଙ୍କ ଏକ ବୟାନ ଆସିଥିଲା। ଏଥିରେ କୁହାଯାଇଥିଲା ଯେ ଚଳିତବର୍ଷ ଜାନୁଆରୀ ମାସ ୩୧ ତାରିଖ ସୁଦ୍ଧା ୯୮.୧୫ ପ୍ରତିଶତ ୨ ହଜାର ଟଙ୍କିଆ ଗୋଲାପି ନୋଟ୍ ବ୍ୟାଙ୍କିଂ ସିଷ୍ଟମକୁ ଫେରି ଆସିଛି।


ଭୁବନେଶ୍ୱର : ସପ୍ତଦଶ ବିଧାନସଭାର ଦ୍ୱିତୀୟ ତଥା ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍ ଅଧିବେଶନରେ ଯୋଗଦେବା ପାଇଁ ଗୃହକୁ ପ୍ରବେଶ କରୁଛନ୍ତି (ବାମରୁ) ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ବାଚସ୍ପତି ଶ୍ରୀମତୀ ସୁରମା ପାଢୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧିଦଳ ନେତା ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)


ଭୁବନେଶ୍ୱର : ବିଧାନସଭା ପରିସରରେ ମହାମହିମ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଗାର୍ଡଅଫ୍ ଅନର ପ୍ରଦାନ କରାଯାଉଛି। (ଫଟୋ : ସମ୍ବାଦ କଳିକା)

## ବିବାହକୁ ନେଇ ସୁପ୍ରିମକୋର୍ଟ ବଡ଼ ରାୟ

# ବିବାହ ଅବୈଧ ଘୋଷଣା ହେଲେ ବି ପତ୍ନୀଙ୍କୁ ମିଳିବ ଭରଣପୋଷଣ

**ନୂଆଦିଲ୍ଲୀ, ୧୩।୨**
ବିବାହକୁ ନେଇ ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି। ବିବାହ ଅବୈଧ ଥିଲେ ବି ମିଳିପାରିବ ଭରଣପୋଷଣ। ବିବାହ ଅବୈଧ ଘୋଷଣା ହେଲେ ମଧ୍ୟ ପତ୍ନୀଙ୍କୁ ଅବୈଧ କହିବା ଅନୁଚିତ। ଏହା ମହିଳାଙ୍କ ମର୍ଯ୍ୟାଦାକୁ ପ୍ରଭାବିତ କରେ । ହିନ୍ଦୁ ବିବାହ ଆଇନ ଅନୁଯାୟୀ, ସ୍ଥାୟୀ ଭରଣପୋଷଣ ଦାବି କରିପାରିବେ ପତ୍ନୀ । ନିକଟରେ ସୁପ୍ରିମକୋର୍ଟ ଏକ ବଡ଼ ରାୟ ଶୁଣାଇଛନ୍ତି । ସୁପ୍ରିମକୋର୍ଟ ଏହି ରାୟରେ କହିଛନ୍ତି ଯେ, ହିନ୍ଦୁ ବିବାହ ଆଇନ (ଏଚଏମଏ) ୧୯୫୫ ଅନୁଯାୟୀ, ବିବାହକୁ



ଅସିଦ୍ଧ ଘୋଷଣା କରାଯାଇଥିଲେ ମଧ୍ୟ ଉଭୟ ପକ୍ଷରେ ଯେକୌଣସି ବ୍ୟକ୍ତି ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ ଏବଂ ସ୍ଥାୟୀ ଭରଣପୋଷଣ ଦାବି କରିପାରିବେ । ବମ୍ବେ ହାଇକୋର୍ଟର ଏକ ନିଷ୍ପତ୍ତିରେ ଅବୈଧ ପତ୍ନୀ ଭଳି ଶବ୍ଦ ବ୍ୟବହାର ଉପରେ ମଧ୍ୟ ସୁପ୍ରିମକୋର୍ଟ ଆପତ୍ତି ଉଠାଇଥିଲେ । ଏହାକୁ ମହିଳାଙ୍କ ପ୍ରତି ଅନ୍ୟାୟ ବୋଲି ବର୍ଣ୍ଣନା କରାଯାଇଥିଲା। ଜଷ୍ଟିସ୍ ଏ. ଏସ୍. ଓକା, ଆହସାନୁଦ୍ଦିନ ଅମାନୁଲ୍ଲାହ ଏବଂ ଅଗଷ୍ଟିନ ଜର୍ଜ ମାସିହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, "ଯଦି ୧୯୫୫ ଆଇନର ଧାରା ୧୧ ଅନୁଯାୟୀ ଏକ ବିବାହକୁ ଅସିଦ୍ଧ ଘୋଷଣା କରାଯାଇଛି, ତେବେ ବିବାହର ଯେକୌଣସି ପକ୍ଷ ଆଇନର ଧାରା ୨୫ ଅନୁଯାୟୀ ସ୍ଥାୟୀ ଭରଣପୋଷଣ କିମ୍ବା ଭରଣପୋଷଣ ଦାବି କରିବାର ଅଧିକାର ରଖିଛନ୍ତି ।' ହିନ୍ଦୁ ବିବାହ ଆଇନ ଅନୁଯାୟୀ ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ ପ୍ରଶ୍ନ ଉପରେ ରାୟରେ କୁହାଯାଇଛି, "ଯଦିଓ କୌଣସି କୋର୍ଟ ଉଭୟଙ୍କ ବିବାହକୁ ଅସିଦ୍ଧ କିମ୍ବା ରଦ୍ଦ କରିବା ଯୋଗ୍ୟ ବୋଲି ବିଚାର କରନ୍ତି, ତଥାପି କୋର୍ଟ ଚାଲିଥିବା ମାମଲାର ଚୂଡ଼ାନ୍ତ ସମାଧାନ ପର୍ଯ୍ୟନ୍ତ ୧୯୫୫ ଆଇନ ଅନୁଯାୟୀ ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ ପ୍ରଦାନ କରିପାରିବେ।' ଏହା ମଧ୍ୟ କୁହାଯାଇଛି ଯେ ଧାରା ୨୪ ଅନୁଯାୟୀ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ନିଷ୍ପତ୍ତି ନେବା ସମୟରେ, କୋର୍ଟ ସର୍ବଦା ଆଶ୍ୱସ୍ତି ଚାହୁଁଥିବା ପକ୍ଷର ଆଚରଣକୁ ଧ୍ୟାନ ଦେବେ । କାରଣ ଆଶ୍ୱସ୍ତି ଦେବା ସର୍ବଦା ନ୍ୟାୟିକ ବିବେଚନା ଉପରେ ନିର୍ଭର କରେ । ଅବୈଧ ପତ୍ନୀ ଭଳି ଶବ୍ଦ ବ୍ୟବହାର ଉପରେ ଆପତ୍ତି ଉଠାଇ ସୁପ୍ରିମକୋର୍ଟ କହିଛନ୍ତି, "ବିବାହ ଅବୈଧ ଘୋଷଣା ହେଲେ ମଧ୍ୟ ପତ୍ନୀଙ୍କୁ ଅବୈଧ କହିବା ଅନୁଚିତ । ଏହା ସମ୍ପୃକ୍ତ ମହିଳାଙ୍କ ମର୍ଯ୍ୟାଦାକୁ ପ୍ରଭାବିତ କରେ ।

## ଲାଲ୍ ବାହିନୀକୁ ଝଟକା
# ଆତ୍ମସମର୍ପଣ କଲେ ୧୯ ମାଓବାଦୀ

**ଭୁବନେଶ୍ୱର,୧୩/୦୨**
**ନ୍ୟୁଜ ବ୍ୟୁରୋ**
ମାଓମୁକ୍ତ ଭାରତ ଗଠନ କରିବା ପାଇଁ ତାରିଖ ଧାର୍ଯ୍ୟ ହେବା ପରେ ଭୟଭୀତ ହୋଇପଡିଛି ମାଓ ସଂଗଠନ। ଜଙ୍ଗଲ ଭିତରେ ମୁଣ୍ଡ ଗୁଞ୍ଜିବାକୁ ଆଉ ଜାଗା ପାଉନଥିବା ଲାଲ୍ ବାହିନୀ ଏବେ ଜୀବନ ବଞ୍ଚାଇବା ପାଇଁ ତେଲେଙ୍ଗାନା ପୋଲିସ ପାଖରେ କରିଛନ୍ତି ଆତ୍ମସମର୍ପଣ । ଭଦ୍ରାଦ୍ରୀ କୋତ୍ତାଗୁଡେମ ଜିଲ୍ଲା ଏସ୍‌ପି ଓ ସିଆରପିଏଫ କମାଣ୍ଡେଣ୍ଟଙ୍କ ପାଖରେ ୧୯ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେହିପରି ଏମାନଙ୍କ ମଧ୍ୟରେ ୪ ଜଣ ସକ୍ରିୟ ଡିଭିସିଏମ୍ ମେମ୍ବର ରହିଛନ୍ତି। ଯାହାଙ୍କ ମୁଣ୍ଡ ଉପରେ ଚାରି ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ତେଲେଙ୍ଗାନା ସରକାର । ଏହା ସହ ୬ ଜଣ ଏସିଏମ ମେମ୍ବର ରହିଛନ୍ତି ଯେଉଁମାନଙ୍କ ମୁଣ୍ଡ ଉପରେ ଏକ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା ହୋଇଥିଲା।

## ନନ୍ଦନକାନନରେ ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତି
# ହାତୀଙ୍କ ପାଇଁ ହାତୀଶାଳରେ ସାୱାର ବ୍ୟବସ୍ଥା, ମାଂସାଶୀଙ୍କ ପାଇଁ ମାଂସ ଆଇସକ୍ରିମ୍

ଭୁବନେଶ୍ୱର, ୧୩।୨ ନ୍ୟୁଜ ବ୍ୟୁରୋ
ଅପସରି ଯାଉଛି ଶୀତ, ମାଡ଼ି ଆସୁଛି ଗ୍ରୀଷ୍ମ । ଗ୍ରୀଷ୍ମପ୍ରବାହର ତୀବ୍ରତାକୁ ଦୃଷ୍ଟିରେ ରଖି ନନ୍ଦନକାନନ ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ ନେଇଛନ୍ତି ଆଗୁଆ ପଦକ୍ଷେପ । ଜୀବଜନ୍ତୁ ରହୁଥିବା ଖୁଆଡ଼କୁ ଥଣ୍ଡା ରଖିବାକୁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଛି । ପ୍ରାଣୀ ଉଦ୍ୟାନର ୩୧୮ଟି ଖୁଆଡ଼କୁ ଥଣ୍ଡା ରଖାଯିବାକୁ ବ୍ୟବସ୍ଥା ହୋଇଛି। ଏହିସବୁ ଖୁଆଡ଼ରେ ୧୭୩ ପ୍ରଜାତିର ୩୯୬୪ ଜୀବଜନ୍ତୁ ଅଛନ୍ତି । ସେମାନଙ୍କ ମଧ୍ୟରେ ୧୧୦ଟି ଭାରତୀୟ ଓ ୬୩ଟି ବିଦେଶୀ ପ୍ରଜାତିର ଜୀବଜନ୍ତୁ ଅଛନ୍ତି। ସେଥିରେ ୫୭ ପ୍ରଜାତିର ସ୍ତନ୍ୟପାୟୀ, ୮୦ ପ୍ରଜାତିର ପକ୍ଷୀ, ୩୦ ପ୍ରଜାତିର ସରୀସୃପ ଓ ୬ ପ୍ରଜାତିର ଉଭୟଚର ପ୍ରାଣୀ ଅଛନ୍ତି । ପ୍ରତ୍ୟେକ ଖୁଆଡ଼ ଉପରେ ନଡ଼ାଛପର କରାଯାଇଛି । ଖୁଆଡ଼ ପାର୍ଶ୍ୱରେ ବେଣା ଚେର ଲଗାଯାଉଛି । ବାହାର ଖୁଆଡ଼ ଓ ପାଣିକୁଣ୍ଡ ଉପରେ ଛାମୁଣ୍ଡିଆ କରାଯାଉଛି। ଅଧିକ ଗରମ ହେଲେ ଖୁଆଡ଼ରେ ବରଫ ରଖିବା ସହ ବେଣାଚେରରେ ପାଣି ସିଞ୍ଚନ




କରାଯିବ। ପ୍ରାୟ ସବୁ ଜୀବଜନ୍ତୁଙ୍କୁ କାକୁଡ଼ି, ତରଭୁଜ ଓ ଥଣ୍ଡା ପାନୀୟ ଦିଆଯିବ । ହାତୀଙ୍କ ମୁଣ୍ଡ ଥଣ୍ଡା ରହିବା ପାଇଁ ମୁଣ୍ଡରେ ଜଡ଼ାତେଲ ଲଗାଯିବ । ପ୍ରତିଦିନ ହାତୀଙ୍କୁ ପୋଖରୀରେ ଗାଧୋଇ ଦିଆଯିବ । ଗରମ ସହି ପାରୁନଥିବା ଜନ୍ତୁଙ୍କ ମଧ୍ୟରେ ସିମ୍ପାଞ୍ଜି, ହୁଲୁକ, ଗିବନ, ବିଦେଶୀ ମାଙ୍କଡ଼ ଓ ବଜ୍ରକାପ୍ତା ରହିଛନ୍ତି । ସେମାନଙ୍କ ଖୁଆଡ଼ ଦୁଆର ମୁହଁରେ କୁଲର ଲଗାଯାଇଛି । ଜଳ ଜାତୀୟ ଖାଦ୍ୟ ସହିତ ଫଳକୁ ବରଫ କରି ଖାଇବାକୁ ଦିଆଯିବ । ତୃଣଭୋଜୀ ପ୍ରାଣୀଙ୍କ ଖୁଆଡ଼ ଚାରିପାଖରେ ନେଟ୍ ବନ୍ଧାଯାଇ ପାଣି ସିଞ୍ଚନ କରାଯିବ । ବାଘ, ସିଂହ ଭଳି ମାଂସାଶୀ ପ୍ରାଣୀଙ୍କୁ ମାଂସକୁ ବରଫ କରି ଦିଆଯିବ । ଭାଲୁଙ୍କ ଲାଗି ଉଦ୍ଦିଷ୍ଟ ଫିଡିଂ ଚାମ୍ବରରେ ବରଫ ଖଣ୍ଡ ରଖାଯିବା ସହ ପାଣିକୁଣ୍ଡରେ ବରଫ ପକାଯାଉଛି । ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପାଣି ସିଞ୍ଚନ କରାଯିବ । ଚଢ଼େଇଙ୍କୁ ବିଭିନ୍ନ ପ୍ରକାର ମିଠା ଫଳ, ତରଭୁଜକୁ ଥଣ୍ଡା କରି ଖାଇବାକୁ ଦିଆଯିବ। ଗାଧୋଇବା ପାଇଁ ଖୁଆଡ଼ ମଧ୍ୟରେ ବଡ଼ ପାତ୍ରରେ ପାଣି ରଖାଯିବ । କିଛି ପ୍ରାଣୀଙ୍କୁ ଅଂଶୁଘାତ ହେବାର ସମ୍ଭାବନା ରହିଥାଏ । ତେଣୁ ସେମାନଙ୍କ ପାଇଁ ଓଆରଏସ୍ ପାଣି ଓ ବିଭିନ୍ନ ଫଳକୁ ଅଧିକ ଥଣ୍ଡା କରି ଖାଇବାକୁ ଦିଆଯିବ। ସେହିଭଳି ପର୍ଯ୍ୟଟକଙ୍କ ପାଇଁ ପ୍ରଚୁର ପାଣିର ବ୍ୟବସ୍ଥା ମଧ୍ୟ କରାଯାଇଛି। ଚଳିତ ବର୍ଷ ମୋଟ ୨୫ଟି ପିଇବା ପାଣି ସ୍ଥାନ ଚୟନ କରାଯାଇଛି । ସେଥିମଧ୍ୟରେ ୧୧ଟି ସ୍ଥାନରେ ସ୍ଥାୟୀ ପାଣି ପଏଣ୍ଟ ରହିଛି। ୧୪ଟି ଅସ୍ଥାୟୀ ପଏଣ୍ଟ କରାଯାଉଛି । ସବୁ ସ୍ଥାନରେ ଜଣେ ଲେଖାଏଁ କର୍ମଚାରୀ ରହିବେ। ଗୋଟିଏ ବ୍ୟାଟେରୀ ଚାଳିତ ଗାଡ଼ି ବୁଲି ବୁଲି ଅସ୍ଥାୟୀ ସ୍ଥାନରେ ପାଣି ପହଞ୍ଚାଇବ। ପର୍ଯ୍ୟଟକ ବୁଲିବା ସମୟରେ ଅସୁସ୍ଥତା ଦେଖାଦେଲେ ଅଂଶୁଘାତ କୋଠରୀରେ ରଖି ସେମାନଙ୍କ ପାଇଁ ଓଆରଏସ ପାଣିର ବ୍ୟବସ୍ଥା ମଧ୍ୟ କରାଯିବ। ପର୍ଯ୍ୟଟକଙ୍କ ପାଇଁ କିଛି ଅସ୍ଥାୟୀ ଛାଇ ସ୍ଥାନର ବ୍ୟବସ୍ଥା କରାଯିବ। ଗ୍ରୀଷ୍ମ ଋତୁରେ ପ୍ରାଣୀ ଉଦ୍ୟାନରେ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଚିଠିରେ ଅବଗତ କରାଯାଇଛି।

# ଚାକିରି କ୍ଷମତା ଥିବା ପତ୍ନୀ ଭରଣପୋଷଣ ଦାବି କରିପାରିବେନି: ହାଇକୋର୍ଟ




**କଟକ, ୧୩/୨ ନ୍ୟୁଜ ବ୍ୟୁରୋ**
ଚାକିରି ସୁଯୋଗ ଥିବା ବା କୌଣସି କ୍ଷେତ୍ରରେ ଅଭିଜ୍ଞତା ଥିବା ଶିକ୍ଷିତ ପତ୍ନୀ ଖାଲିଟାରେ ବସିରହି ଭରଣପୋଷଣ ଦାବି କରିପାରିବେ ନାହିଁ। ଛାଡ଼ପତ୍ର ମାମଲାରେ ପତ୍ନୀଙ୍କୁ ଭରଣପୋଷଣ ଦେବା ଆଇନ୍‌ରେ ବ୍ୟବସ୍ଥା ରହିଛି। ମାତ୍ର ଉଚ୍ଚ ଶିକ୍ଷିତା ତଥା ରୋଜଗାର କ୍ଷମତା ରଖିଥିବା ପତ୍ନୀ ଏ କ୍ଷେତ୍ରରେ ଭରଣପୋଷଣ ମାଗିପାରିବେ ନାହିଁ ବୋଲି ଏକ ଛାଡ଼ପତ୍ର ମାମଲାର ଶୁଣାଣି କରି ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀ ଏହି ରାୟ ଦେଇଛନ୍ତି । ଯେଉଁ ପତ୍ନୀ ନିଜର ରକ୍ଷଣାବେକ୍ଷଣ ଲାଗି ନିଜେ ଅସମର୍ଥ ଓ ରୋଜଗାର କରିବାର କ୍ଷମତା ନାହିଁ ସେମାନଙ୍କ ଲାଗି ସ୍ୱାମୀଙ୍କ ଠାରୁ ଭରଣପୋଷଣ ନେବା ଆଇନ୍‌ରେ ବ୍ୟବସ୍ଥା ରହିଛି। ମାତ୍ର ସଶକ୍ତ ଓ ରୋଜଗାରକ୍ଷମ ହୋଇଥିବାସ୍ଥଳେ କୌଣସି ଚାକିରି ବା କର୍ମନିଯୁକ୍ତିରୁ ନିଜକୁ ନିଷ୍କ୍ରିୟ ରଖି ଖାଲିରେ ବସି ରହି ସ୍ୱାମୀ ଠାରୁ ଭରଣପୋଷଣ ଦାବି କରିବା ଉଚିତ ନୁହେଁ ବୋଲି ଅଦାଲତ କହିଛନ୍ତି। ଏକ ପରିବାର ଅଦାଲତ ଏହି ମାମଲାରେ ମାସିକ ଭରଣପୋଷଣ ଲାଗି ୮ହଜାର ଟଙ୍କା ନିର୍ଦ୍ଦେଶ ଦେଇଥିବାବେଳେ ଏହି ପରିମାଣକୁ ହାଇକୋର୍ଟ ପ୍ରତିମାସ ୫,୦୦୦ଟଙ୍କାକୁ ହ୍ରାସ କରିଛନ୍ତି। ମାମଲାର ବିବରଣୀ ମୁତାବକ ଛାଡ଼ପତ୍ର ମାମଲାରେ ପରିବାର ଅଦାଲତଙ୍କ ମାସିକ ୮୦୦୦ ଟଙ୍କାର ଭରଣପୋଷଣ ନିର୍ଦ୍ଦେଶକୁ ବିରୋଧ କରି ସ୍ୱାମୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ପତ୍ନୀ ସାମ୍ବାଦିକତା ଏବଂ ଗଣ ଯୋଗାଯୋଗରେ ସ୍ନାତକୋତ୍ତର ଡିପ୍ଲୋମା ସହିତ ବିଜ୍ଞାନରେ ସ୍ନାତକ ହାସଲ କରିଛନ୍ତି। ସେ ଜଣେ ସୁଶିକ୍ଷିତ ମହିଳା ଓ ପୂର୍ବରୁ କିଛି ଗଣମାଧ୍ୟମ ସଂସ୍ଥାରେ କାମ କରୁଥିଲେ। ତାଙ୍କର ପ୍ରତିପୋଷଣ ପାଇଁ କାମ କରିବା ଏବଂ ରୋଜଗାର କରିବାର ସମ୍ଭାବନା ରହଛି।


ସମ୍ପାଦକୀୟ
ପୃଷ୍ଠା–୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-9 • Issue-32 • 13-19th February 2025 • Bhubaneswar

ବର୍ଷ ଆରମ୍ଭରୁ ଦୁର୍ନୀତି ଉପରେ ପାହାର: ମାସକରେ ବନ୍ଧାହେଲେଣି ୭

୨୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ : ୯ ଦୋଷୀ ସାବ୍ୟସ୍ତ

ପାଠରେ କମ୍ ଖେଳରେ ଟପ୍ ଭାରତ ଖେଳାଳୀ

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଶ୍ରୀକ୍ଷେତ୍ରର ହେବ ଶ୍ରୀ ବୃଦ୍ଧି: ଟ୍ରାଇସିଟି ପରିକଳ୍ପନା ପରେ ବଢ଼ିଲା ଆଶା

ପୁରୀ, ୧୩/୨ ନ୍ୟୁଜ ବ୍ୟୁରୋ
ସରକାରଙ୍କ ଫୋକସରେ ପୁରୀ ସହର। ଭୁବନେଶ୍ୱର, କଟକ, ପୁରୀକୁ ନେଇ ଟ୍ରାଇସିଟି ଗଠନ ହେବ ବୋଲି ସରକାର କହିବା ପରେ, ଏବେ ଶ୍ରୀକ୍ଷେତ୍ରର ଶ୍ରୀ ବୃଦ୍ଧି ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର। ସେପଟେ ଟ୍ରାଇ ସିଟି ହେଲେ ଭୁବନେଶ୍ୱର କଟକ ଭଳି ପୁରୀକୁ ମଧ୍ୟ ମହାନଗର ନିଗମ ମାନ୍ୟତା ମିଳିପାରେ ବୋଲି ଆଶା ବାନ୍ଧିଛନ୍ତି ସହରବାସୀ। ବିଜେପି ସରକାର ଫୋକସରେ ଶ୍ରୀକ୍ଷେତ୍ର ପୁରୀ। ଦୀର୍ଘଦିନର ଦାବି ହୁଏତ ପୂରଣ ହୋଇପାରେ। ପୁରୀକୁ ପୌରପାଳିକାରୁ ମହାନଗର ନିଗମ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ ତତ୍କାଳୀନ ସରକାର ଏଥିପ୍ରତି କର୍ଣ୍ଣପାତ କରିନଥିଲେ, ବିଶ୍ୱ ଐତିହ୍ୟ ନଗରୀ ବୋଲି କୁହାଯାଉଥିବା ବେଳେ ଏଦିଗରେ ଚେଷ୍ଟା ବି କରାଯାଇନଥିଲା, ହେଲେ ଏବେ ଯେତବେଳେ ନୂଆ ସରକାର ମହାନଗର ନିଗମ କରିବା ନେଇ ଅଣ୍ଟା ଭିଡ଼ିଛନ୍ତି, ସେତବେଳେ ବର୍ତ୍ତମାନ ଯେଉଁସବୁ ସମସ୍ୟା ରହିଛି ତାକୁ ସମାଧାନ କରିବାକୁ ଦାବି ରଖିଛନ୍ତି ପୁରୀ ବାସିନ୍ଦା। ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଓ ସମ୍ବଲପୁରକୁ କର୍ପୋରେସନ୍‌ର ମାନ୍ୟତା ମିଳିସାରିଥିବା ବେଳେ ପୁରୀ ଏଥିରୁ ବଞ୍ଚିତ ରହିଛି। ଐତିହ୍ୟ ସହର ପୁରୀକୁ ସାରା ବିଶ୍ୱରୁ ଲୋକ ଆସୁଛନ୍ତି, କିନ୍ତୁ ଆଜି ଯାଏଁ ପୌରପାଳିକାରୁ କର୍ପୋରେସନ୍ ହୋଇପାରିଲାନି ପୁରୀ। ସେପଟେ ୨୦୧୮ରୁ ପୌରସଂସ୍ଥା ତା'ର ଅସ୍ତିତ୍ୱ ହରାଇଛି। ଯାହାଫଳରେ ଲୋକ ପ୍ରତିନିଧି ନପାଇ ସମସ୍ୟାରେ ସନ୍ତୁଳି ହେଉଛନ୍ତି ପୁରୀବାସିନ୍ଦା। ଧୀରେ ଧୀରେ ପୁରୀର ପରିସୀମା ବଢ଼ୁଛି, ଆଖପାଖ ଅଞ୍ଚଳ ସହରରେ ଏକପ୍ରକାର ମିଶି ସାରିଲାଣି, ତେଣୁ ପୁରୀକୁ ମହାନଗର ନିଗମରେ ପରିଣତ କରିବାକୁ ଦାବି ଜୋର ଧରିଛି। କୋର୍ଟରେ ମାମଲା ଥିବାରୁ ଏଯାଏ ପୁରୀ ପୌରସଂସ୍ଥା ନିର୍ବାଚନ ହୋଇନାହିଁ। ବାବୁ ଭାୟାଙ୍କ ଭରସାରେ ପୁରୀ ପୌରାଞ୍ଚଳବାସୀ।

## ରେଭେନ୍ସା ବାଳିକା ବିଦ୍ୟାଳୟ ହଷ୍ଟେଲରେ
# ଦଶମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା

**କଟକ,୧୩।୨ ନ୍ୟୁଜ ବ୍ୟୁରୋ**
ହଷ୍ଟେଲରେ ଛାତ୍ରୀଙ୍କ ଆତ୍ମହତ୍ୟା । ରେଭେନ୍ସା ବାଳିକା ବିଦ୍ୟାଳୟ ଛାତ୍ରୀନିବାସରେ ଘଟିଛି ଏହି ଘଟଣା । ଛାତ୍ରୀନିବାସରେ ଦଶମ ଶ୍ରେଣୀ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀ ଜଣକ ଢେଙ୍କାନାଳ ଅଞ୍ଚଳର ହୋଇଥିବା ସୂଚନା ମିଳିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।
ଛାତ୍ରୀଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକ ସ୍କୁଲରେ ପହଞ୍ଚିଥିଲେ। ସ୍କୁଲ କର୍ତ୍ତୃପକ୍ଷଙ୍କ ନାମରେ ଛାତ୍ରୀଙ୍କ ପରିବାର ଲୋକ ଥାନାରେ ଅଭିଯୋଗ କରିଛନ୍ତି। ମୃତ ଛାତ୍ରୀଙ୍କ ବାପା ପୋଲିସରେ କାର୍ଯ୍ୟରତ ବୋଲି ଜଣାପଡିଛି । ଛାତ୍ରୀଙ୍କ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ରାଜ୍ୟରେ ପୁଣି ଗଢ଼ା ହେବ ପ୍ରଥମ, ଦ୍ୱିତୀୟ ଏସ୍ଏସ୍ ବାଟାଲିୟନ୍

**କଟକ,୧୩/୦୨ ନ୍ୟୁଜ ବ୍ୟୁରୋ**
ଓଡ଼ିଶା ରାଜ୍ୟ ସଶସ୍ତ୍ର ପୁଲିସ୍ ବାହିନୀ ସ୍ପେସାଲ୍ ସିକ୍ୟୁରିଟି (ଓଏସ୍ଏପି-ଏସ୍ଏସ୍) ସମ୍ବଲପୁରଠାରେ ଥିବା ପ୍ରଥମ ବାଟାଲିୟନ୍ ଓ କେନ୍ଦୁଝରଠାରେ ଥିବା ଦ୍ୱିତୀୟ ସ୍ପେସାଲ୍ ସିକ୍ୟୁରିଟି ବାଟାଲିୟନ୍‌କୁ ଚାରି ବର୍ଷ ତଳେ ସରକାର ଭାଙ୍ଗି ଦେଇଥିଲେ । ଉଭୟ ବାଟାଲିୟନ୍‌ରେ ଥିବା ସିପାହୀମାନଙ୍କୁ ଜିଲ୍ଲା ପୁଲିସକୁ ବଦଳି କରିଦିଆଯାଇଥିଲା । ଏବେ ପୁଣି ଦୁଇଟି ଯାକ ବାଟାଲିୟନ୍ ଗଢ଼ା ହେବ ବୋଲି ସୂଚନା ମିଳିଛି । ଦୁଇଟି ଯାକ ସ୍ପେସାଲ୍ ସିକ୍ୟୁରିଟି ବାଟାଲିୟନ୍




ପୁନର୍ଗଠନ ପାଇଁ ପୁଲିସ୍ ମୁଖ୍ୟାଳୟ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି । ଏହି ପ୍ରସ୍ତାବ ରାଜ୍ୟ ଗୃହ ବିଭାଗର ଅନୁମୋଦନ ଅପେକ୍ଷାରେ ରହିଛି ବୋଲି ସୂଚନା ମିଳିଛି । ରାଜ୍ୟରେ ଆଇନ୍ ଶୃଙ୍ଖଳା, ମାଓ ଦମନ ଆଦି କାର୍ଯ୍ୟରେ ଓଏସ୍ଏପି ବାହିନୀକୁ ସହାୟତା ଦେବା ଲାଗି ରାଜ୍ୟରେ ୪ଟି ସ୍ୱତନ୍ତ୍ର ସିକ୍ୟୁରିଟି (ଏସ୍ଏସ୍) ବାଟାଲିୟନ ଗଠନ ହୋଇଥିଲା । ପ୍ରଥମ ଏସ୍ଏସ୍ ବାଟାଲିୟନ ସମ୍ବଲପୁରରେ, ଦ୍ୱିତୀୟ ଏସ୍ଏସ୍ ବାଟାଲିୟନ କେନ୍ଦୁଝରରେ, ତୃତୀୟ ବାଟାଲିୟନ ଗଜପତି ଜିଲ୍ଲାରେ ଓ ଚତୁର୍ଥ ବାଟାଲିୟନ ମାଲକାନଗିରିରେ ସ୍ଥାପନ ହୋଇଥିଲା । ଉକ୍ତ ୪ଟି ଯାକ ବାଟାଲିୟନ୍‌ରେ ସ୍ୱତନ୍ତ୍ର ସିପାହୀ ଓ ଅଫିସର ନିଯୁକ୍ତି ଦିଆଯାଇଥିଲା। କୋଭିଡ୍ ଅବସରରେ ଅର୍ଥାତ୍ ୨୦୨୧ରେ ହଠାତ୍ ସମ୍ବଲପୁର ଓ କେନ୍ଦୁଝର ଏସ୍ଏସ୍ ବାଟାଲିୟନ୍‌କୁ ଭାଙ୍ଗିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଥିଲା । ଏବେ ପୁଲିସ୍‌ର ଫୋର୍ସଙ୍କ ସଂଖ୍ୟା ହ୍ରାସ ସାଙ୍ଗକୁ ଆଇନ୍ ଶୃଙ୍ଖଳା ନିୟନ୍ତ୍ରଣ କାର୍ଯ୍ୟ ଓ ଭିଭିଆଇପିଙ୍କ ଗସ୍ତରେ ସୁରକ୍ଷା ଦାୟିତ୍ୱ ବଢ଼ିଛି । ତେଣୁ ଆର୍ମଡ୍ ପୁଲିସ୍ ଫୋର୍ସ ବଢ଼ିବାର ଆବଶ୍ୟକ ହୋଇପଡ଼ିଛି ବୋଲି ଲ ଆଣ୍ଡ ଅର୍ଡର ଅତିରିକ୍ତ ଡିଜି ସଞ୍ଜୟ କୁମାର କହିଛନ୍ତି । କେନ୍ଦୁଝର ଓ ସମ୍ବଲପୁରଠାରେ ଥିବା ଦୁଇଟି ଯାକ ବାଟାଲିୟନ୍ ପୁନର୍ଗଠନ ନେଇ ପ୍ରସ୍ତାବ ସରକାରଙ୍କ ନିକଟରେ ବିଚାରାଧୀନ ରହିଛି ବୋଲି ସେ କହିଛନ୍ତି ।

## ସିରିଜ୍ ଦୁର୍ଘଟଣା : ଜଣେ ମୃତ

**ଆନନ୍ଦପୁର ୧୩।୦୨**
**ନ୍ୟୁଜ ବ୍ୟୁରୋ**
କେନ୍ଦୁଝର ଜିଲ୍ଲା ଆନନ୍ଦପୁର-ଭଦ୍ରକ ରାସ୍ତାର ଆମ୍ବଗଡ଼ିଆ ଛକ ନିକଟରେ ସିରିଜ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଏକାଧିକ ଆହତ ହୋଇଥିବା ଜଣାପଡିଛି । ଏହି ସିରିଜ୍ ଦୁର୍ଘଟଣା ଘଟାଇ ଏକ କାର୍ ଫେରାର ହୋଇଯାଇଛି । ଯାହାଫଳରେ ଏହି ଦୁର୍ଘଟଣାରେ ଜଣେ ମୃତ ବ୍ୟକ୍ତି ଜଣଙ୍କ ଜଣେ ହୋଇଥିବା ଜଣାପଡିଛି । ଆହତମାନଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି । ସେପଟେ ଖବର ପାଇ ଆନନ୍ଦପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଜାରି ରଖିଛି ।